Postal Reg. No.GDP-40/2017-2019

بِسۡمِ اللّٰہِ الرَّحۡمٰنِ الرَّحِیۡمِ نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 3

ସଂଖ୍ୟା 5

ସାପ୍ତାହିକ ବଦର

The Weekly BADAR Qadian କାଦିଆନ

ODIA

ବାର୍ଷିକ ଦେୟ: ୩୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

01 ଫେବୃଆରୀ 2018 01 ତବ୍‌ଲିଗ୍ 1397 ହି.ଶ 15 ଜମାଦିଲ୍ ଅୱ୍ୱଲ 1439 ହି.କ

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । (ଅଲହମ୍‌ଦୋଲିଲ୍ଲାଃ)

ହୁଜୁର ଅନ୍‌ଓ୍ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥

ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥

**ଯେପର୍ଯ୍ୟନ୍ତ ଜୀବନ୍ତ ଖୁଦାଙ୍କ ଜୀବନ୍ତ ଶକ୍ତିକୁ ମନୁଷ୍ୟ ପ୍ରତ୍ୟକ୍ଷ ରୂପେ ଉପଲବ୍ଧ ନ କରିଛି ସେପର୍ଯ୍ୟନ୍ତ ସଇତାନ୍ ତା ହୃଦୟରୁ ବାହାରେ ନାହିଁ ଓ ନା ତା ହୃଦୟରେ ବାସ୍ତବିକ ଏକଶ୍ୱରବାଦ (ତୌହିଦ୍) ଦାଖଲ ହୋଇପାରେ । ଓ ନା ସେ ନିଶ୍ଚିତ ରୂପେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିପାରେ । ଏହି ପବିତ୍ର ଓ ପୂର୍ଣ୍ଣ ଏକଶ୍ୱରବାଦ କେବଳ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

ନିଶ୍ଚିତ ରୂପେ ବୁଝିନିଅ ଯେ ଏକଶ୍ୱରବାଦ ଉପରେ ଦୃଢ଼ ବିଶ୍ୱାସ ଆଣିବା କେବଳ ନବୀଙ୍କ ମାଧ୍ୟମରେ ହିଁ ମିଳିପାରିବ । ଯେପରି ଆମ ନବୀ ସ:ଆ:ସ ଆରବର ନାସ୍ତିକ ଓ ବିଧର୍ମୀ ଲୋକମାନଙ୍କୁ ହଜାର ହଜାର ଆକାଶୀୟ/ସ୍ୱର୍ଗୀୟ ନିଦର୍ଶନ ଦେଖାଇ ଖୁଦାତାଲାଙ୍କ ଅସ୍ତିତ୍ୱକୁ ମନାଇପାରିଲେ । ଓ ଏପର୍ଯ୍ୟନ୍ତ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ପ୍ରକୃତ ଓ ସମ୍ପୂର୍ଣ୍ଣ ଅନୁଗାମୀ ଏହି ନିଦର୍ଶନଗୁଡିକୁ ନାସ୍ତିକଙ୍କ ସମ୍ମୁଖରେ ଉପସ୍ଥାପନ କରୁଛନ୍ତି । ଏ କଥା ସତ୍ୟ ଅଟେ ଯେ ଯେପର୍ଯ୍ୟନ୍ତ ଜୀବନ୍ତ ଖୁଦାଙ୍କ ଜୀବନ୍ତ ଶକ୍ତିକୁ ମନୁଷ୍ୟ ପ୍ରତ୍ୟକ୍ଷ ରୂପେ ଉପଲବ୍ଧ ନ କରିଛି ସେପର୍ଯ୍ୟନ୍ତ ସଇତାନ୍ ତା ହୃଦୟରୁ ବାହାରେ ନାହିଁ ଓ ନା ତା ହୃଦୟରେ ବାସ୍ତବିକ ଏକଶ୍ୱରବାଦ (ତୌହିଦ୍) ଦାଖଲ ହୋଇପାରେ । ଓ ନା ସେ ନିଶ୍ଚିତ ରୂପେ ଖୁଦାଙ୍କ ଅସ୍ତିତ୍ୱ ଉପରେ ବିଶ୍ୱାସ ଆଣିପାରେ । ଏହି ପବିତ୍ର ଓ ପୂର୍ଣ୍ଣ ଏକଶ୍ୱରବାଦ କେବଳ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ମାଧ୍ୟମରେ ହିଁ ପ୍ରାପ୍ତ ହୋଇଥାଏ । (ହକିକତୁଲ୍ ୱହି, ରୁହାନି ଖଜାଏନ୍, ଖଣ୍ଡ-୨୨, ପୃଷ୍ଠା-୧୨୧)

### ୧୨୩ତମ ଜଲ୍‌ସା ସାଲାନା କାଦିଆନ୍ ୨୦୧୭ ର ସଂକ୍ଷିପ୍ତ ବିବରଣୀ (ପ୍ରଥମ ଜଲ୍‌ସାସାଲାନା ଠାରୁ ଏପର୍ଯ୍ୟନ୍ତ ୧୨୬ତମ ବର୍ଷ)

### ଯମାତ୍ ଅହେମଦୀୟାର ମର୍କଜ (କେନ୍ଦ୍ର) କାଦିଆନ୍ ଦାରୁଲ୍ ଅମାନ୍‌ରେ ୧୨୩ତମ ଜଲ୍‌ସାସାଲାନାର ସଫଳ ଓ ବାବର୍‌କତ୍ ଆୟୋଜନ

### ଏମ୍.ଟି.ଏ ଇଂଟର୍ ନ୍ୟାସ୍‌ନାଲ୍ ମାଧ୍ୟମରେ ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅୟଦହୁଲ୍ଲାହୁ ବିନସ୍ରିହିଲ୍ ଅଜିଜ୍‌ଙ୍କ ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କ ନିମନ୍ତେ ଆଧ୍ୟାତ୍ମିକତାର ପରିପୂର୍ଣ୍ଣ ଉଦ୍‌ଯାପନି ଅଭିଭାଷଣ

●୪୪ ଟି ଦେଶରୁ ପ୍ରତିନିଧିତ୍ୱ, ୨୦୦୪୮ ଜଣ ଅହେମଦୀଙ୍କ ଜଲ୍‌ସାରେ ଯୋଗଦାନ●ତହଜ୍ଜୁଦ୍ ନମାଜ ପାଠ●ଦରସୁଲ୍ କୁରଆନ୍ ଓ ଜିକ୍‌ରେ ଏଲାହି (ଅଲ୍ଲାଃଙ୍କ ସ୍ମରଣ) ରେ ପରିପୂର୍ଣ୍ଣ ପରିବେଶ●ୱଲେମାଙ୍କ ସାରଗର୍ଭକ ଭାଷଣ●ଜଲ୍‌ସା ପେଶ୍‌ୱାୟାନେ ମଜହବ (ସର୍ବଧର୍ମ ସମ୍ମିଳନୀ) ର ଆୟୋଜନ● ଅତିଥିମାନଙ୍କ ପରିଚୟ ପ୍ରଦାନ ଭାଷଣ●ଦେଶୀୟ ଓ ଅଣଦେଶୀୟ ଭାଷାରେ ଅନୁବାଦ●ଯମାତର ଲୋକମାନଙ୍କ ଜ୍ଞାନରେ ଅଭିବୃଦ୍ଧି ପାଇଁ ତର୍‌ବିୟତି କାର୍ଯ୍ୟକ୍ରମ ଉପରେ ଆଧାରିତ ଡକ୍ୟୁମେଂଟାରୁ ଓ ବିଭିନ୍ନ ଜ୍ଞାନବର୍ଦ୍ଧକ ପ୍ରଦର୍ଶନୀଗୁଡିକର ଆୟୋଜନ ●୩୨ଟି ନିକାହ୍ (ବିବାହ) ର ଘୋଷଣା ପ୍ରିଂଟ୍ ଓ ଇଲେକ୍‌ଟ୍ରୋନିକ୍ ମିଡିଆରେ ଜଲ୍‌ସାର କଭ୍‌ରେଜ୍ ଶାନ୍ତିପୂର୍ଣ୍ଣ ଓ ସୁନ୍ଦର ବାତାବରଣରେ ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟକ୍ରମ ସମ୍ପନ୍ନ● ୨୦-୨୨ ଡିସେମ୍ବରର ଆରବୀ ପ୍ରୋଗ୍ରାମ୍ ''ଇସ୍‌ମଉ ସଉତସ୍ ସମାଆ ଯାଅଲ୍ ମସିହ୍ ଯାଅଲ୍ ମସିହ୍'' ର ଏମ୍.ଟି.ଏ ଇଂଟର୍‌ନ୍ୟାସ୍‌ନାଲ୍ କାଦିଆନ୍ ଷ୍ଟୁଡିଓ ରୁ ସିଧା ପ୍ରସାରଣ ●୩-୫ ଜାନୀଆରୀ The Messiah of the Age ବିଷୟରେ ଆଫ୍ରିକା ନିମନ୍ତେ ସିଧାପ୍ରସାରଣ ।

ଅଲ୍‌ହମ୍‌ଦୋଲିଲ୍ଲାହ ଜଲ୍‌ସା ସାଲାନା କାଦିଆନ୍ ବୁସ୍‌ତାନ୍ ଅହେମଦ୍‌ର ପ୍ରସସ୍ତ ପ୍ରାଙ୍ଗଣରେ ତା-୨୯,୩୦,୩୧ ଡିସେମ୍ବର ୨୦୧୭ ରେ ଅନୁଷ୍ଠିତ ହୋଇ ସୁଚାରୁରୂପେ ସମ୍ପନ୍ନ ହେଲା । ସାରା ଦୁନିଆରୁ ୪୪ ଟି ଦେଶରୁ ଲୋକେ ଆସି ଏହି ଜଲ୍‌ସାରେ ଯୋଗଦେଇଥିଲେ ଓ ମୋଟ ଉପସ୍ଥାନ ୨୦,୦୪୮ ଥିଲା । ଜଲ୍‌ସାର ପ୍ରସ୍ତୁତି ବହୁ ପୂର୍ବରୁ ଆରମ୍ଭ ହୋଇଥାଏ । ରାସ୍ତା, ଗଳି, କନ୍ଦି ଇତ୍ୟାଦି ଓ ମହଲ୍ଲା (ସାହି) ଗୁଡିକୁ ସଫା ସୁତରା କରାଗଲା । ବେହେସ୍ତି ମକ୍‌ଦରାଃ, ଦାରୁଲ୍ ମସିହ୍, ମସ୍‌ଯିଦ୍ ମୁବାରକ, ମସ୍‌ଯିଦ୍ ଅକ୍‌ସା ଓ ମିନାରତୁଲ୍ ମସିହ୍‌କୁ ବିଜୁଳି ଲିଚୁ ଲାଇଟ୍ ଓ ତୋରଣ ଦ୍ୱାରା ବୋହୁ ପରି ସଜାଇ ଦିଆଯାଇଥିଲା, ଯାହାର ଦୃଶ୍ୟ ଅତ୍ୟନ୍ତ ମନୋରମ ଓ ଆକର୍ଷକ ଥିଲା । ଗୋଟିଏ ସପ୍ତାହ ପୂର୍ବରୁ ଅତିଥିମାନଙ୍କ ଆଗମନ ଆରମ୍ଭ ହୋଇଗଲା । ଜଲ୍‌ସା ଯେତେ ପାଖେଇ ଆସୁଥାଏ, କାଦିଆନ୍ ଦାରୁଅମାନ୍‌ର ସୁନ୍ଦରତା ସେତେ ବଢ଼ି ବଢ଼ି ଚାଲିଲା । ଏପରିକି ଜଲ୍‌ସା ସମୟରେ ଅତିଥିମାନଙ୍କର ଭିଡ ଦ୍ୱାରା କାଦିଆନ୍ ଅତି ସୌନ୍ଦର୍ଯ୍ୟମୟ ହୋଇଉଠିଲା ।

#### ଜଲ୍‌ସାର ଆୟୋଜକ ଓ କର୍ମୀମାନଙ୍କର ନିରୀକ୍ଷଣ

୨୫ ଡିସେମ୍ବର୍ ୨୦୧୭ ଦିନ ଜଲ୍‌ସା ସାଲାନା ୨୦୧୭ ସମ୍ବନ୍ଧରେ ମୋକରମ୍ ମୌଲାନା ମହମ୍ମଦ୍ ଇନ୍‌ଆମ୍ ଘୋରି ସାହେବ୍ ନାଜିର୍ ଆଲା ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ସୟଦ୍‌ନା ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ମଞ୍ଜୁରୀ ମୁତାବକ ପ୍ରତିନିଧି ହଜୁର୍ ଅନୁଓ୍ୱର୍ ସ୍ୱରୂପ କାର୍‌କୁନାନ୍ (ଜଲ୍‌ସାର ସ୍ୱେଚ୍ଛାସେବୀ କର୍ମୀ) ଓ ଇନ୍‌ତେଜାମାତ୍ (ବ୍ୟବସ୍ଥାଗୁଡିକ)ର ନିରୀକ୍ଷଣ କଲେ ।

ସକାଳ ଠିକ୍ ୧୦:୩୦ ରେ ଜଲ୍‌ସାଗାଃ ବୁସ୍ତାନ୍ ଅହେମଦ୍ ଠାରେ ତକ୍‌ରିବ୍ ମୁଆଇନା କାର୍‌କୁନାନ୍ ଅନୁଷ୍ଠିତ ହେଲା । ସର୍ବପ୍ରଥମେ ହଜୁର୍ ଅନୁଓ୍ୱର୍‌ଙ୍କ ପ୍ରତିନିଧି ନାଜିମ୍ ଓ ମେହ୍‌ମାନ୍ ନଓ୍ୱାଜ୍ (ଅତିଥି ସତ୍କାରକାରୀ)ଙ୍କ ସହିତ କରମର୍ଦ୍ଦନ କଲେ । ଏହି ଉତ୍ସବର ଶୁଭାରମ୍ଭ ପବିତ୍ର କୋରାନ୍ ପାଠରୁ ହିଁ ଆରମ୍ଭ ହେଲା ଯାହାକୁ ମୋକରମ୍ ମୌଲବୀ ମୁର୍‌ଶିଦ୍ ଅହେମଦ୍ ଡାର୍ ସାହେବ୍ ପାଠକରି ଅନୁବାଦ ଉପସ୍ଥାପନ କଲେ । ଏହାପରେ ମୋହତରମ୍ ନାଜର୍ ଆଲା ସାହେବ୍ ନିଜର ଅଭିଭାଷଣ ପ୍ରଦାନ କରି କହିଲେ- ପ୍ରତ୍ୟେକ କର୍ମୀ ମେସିନ୍‌ର କଳ କବ୍‌ଜା ସଦୃଶ । ଯେପର୍ଯ୍ୟନ୍ତ ସମସ୍ତ କଳ କବ୍‌ଜା ସଠିକ୍ ରୂପେ କାର୍ଯ୍ୟ କରୁଥିବେ ସେପର୍ଯ୍ୟନ୍ତ ମେସିନ୍‌ଟି ସୁଚାରୁରୂପେ ଚାଲୁଥିବ । ଜଲ୍‌ସା ସାଲାନାର ପ୍ରତ୍ୟେକ କାର୍ଯ୍ୟକୁ ସୁଚାରୁରୂପେ ତୁଲାଇବା ପାଇଁ ପାଖାପାଖି ଦୁଇ ଡର୍ଜନ୍‌ରୁ ଅଧିକା ବିଭାଗ ନିର୍ମାଣ କରାଯାଇଛି ।

ଏହି ଉତ୍ସବରେ ପ୍ରତ୍ୟେକ ବିଭାଗର ମୁନ୍‌ତଜମିନ୍ (ପରିଚାଳକ) ଓ ଉପ ପରିଚାଳକ ଉପସ୍ଥିତ ଥିଲେ । ମୋକରମ୍ ନାଜର୍ ଆଲା ସାହେବ୍ କହିଲେ ଯେ ଏହି ଉତ୍ସବ ଅର୍ଥାତ୍ ମୁଆଇନା କାର୍‌କୁନାନ୍ ଏ ସିଲ୍‌ସିଲାର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଥା ମଧ୍ୟରୁ ଗୋଟିଏ ଅଟେ । ହଜୁର୍ ଅନୁଓ୍ୱର୍

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

ଯେଉଁଠାରେ ଉପସ୍ଥିତ ରୁହନ୍ତି ସେଠାରେ ନିଜେ ମୁଆଇନା (ନିରୀକ୍ଷଣ) କରନ୍ତି । ଏବଂ ଅନ୍ୟ ସ୍ଥାନ ଗୁଡିକରେ ନିଜର ପ୍ରତିନିଧି ଜରିଆରେ କରାଇଥାନ୍ତି ।

ସେ କର୍ମୀମାନଙ୍କୁ ଉପଦେଶ ଦେଇ କହିଲେ ଯେ ପ୍ରତ୍ୟେକ କର୍ମୀକୁ ସଦାସର୍ବଦା ନିଜ ଡ୍ୟୁଟିରେ ହାଜିର୍ ରହିବା ଉଚିତ୍ । ଯଦି ଅଧିକ ରାତି ପର୍ଯ୍ୟନ୍ତ ଉଜାଗର ରୁହନ୍ତି ତେବେ ମଧ୍ୟ ସକାଳର ନମାଜରେ ନିଶ୍ଚିତ ରୂପେ ହାଜିର ହେବେ । ତତ୍ ସହିତ ଦୁଆ ଉପରେ ମଧ୍ୟ ଜୋର୍ ଦେବେ । ଯଦି ଅଲ୍ଲାଃତାଲା ଖୁସି ହୋଇଯିବେ ତେବେ ଅତିଥିମାନେ ମଧ୍ୟ ଖୁସି ହୋଇଯିବେ । ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଉପଦେଶଗୁଡିକ ମଧ୍ୟରୁ ଅତିଥି ସତ୍କାର ଗୁରୁତ୍ୱ ଉପରେ ଆଲୋକପାତ କଲେ । ଏବଂ ସୟଦ୍‌ନା ହଜୁର୍ ଅନୱର୍ ଅ:ବ:ଅ ଙ୍କ ମେହ୍‌ମାନ୍ ନୱାଜି (ଆତିଥ୍ୟତା) ସନ୍ଦର୍ଭରେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ଉପଦେଶ ଗୁଡିକୁ ପଢ଼ି ଶୁଣାଇଲେ ।

ଏହି ଉତ୍ସବରେ ମୋକରମ୍ ଶୋଏବ୍ ଅହେମଦ୍ ସାହେବ୍ (ଅଫିସର୍ ଜଲ୍‌ସାସାଲାନା), ମୋକରମ୍ ମୋଜଫର୍ ଅହେମଦ୍ ନାସିର୍ ସାହେବ୍ (ଅଫିସର୍ ଜଲ୍‌ସାଗାଃ) ଏବଂ ମୋକରମ୍ କେ ତାରିକ୍ ଅହେମଦ୍ ସାହେବ୍ (ଅଫିସର୍ ଖିଦ୍‌ମତେ ଖଲ୍‌କ) ଓ ପ୍ରତ୍ୟେକ ନାଏବ୍ ଅଫିସରଗଣ ଷ୍ଟେଜ୍‌ରେ ଉପସ୍ଥିତ ଥିଲେ । ଏବଂ ସମସ୍ତ ନାଜମିନ୍ ଓ ମେହ୍‌ମାନ୍ ନୱାଜ ନିଜ ନିଜର ନାଏବିନ୍ ଓ କର୍ମୀମାନଙ୍କ ସହିତ ଷ୍ଟେଜ୍‌ର ସମ୍ମୁଖରେ ଧାଡ଼ି ଧାଡ଼ି ହୋଇ ନିଜ ବିଭାଗୀୟ ଲାଇନ୍‌ରେ ଛିଡ଼ା ହୋଇଥିଲେ ।

ପାଖାପାଖି ୨୦ ମିନିଟ୍‌ର ଭାଷଣ ପରେ ଶ୍ରୀମାନ୍ ନାଜିର୍ ସାହେବ୍ ଆଲା ଉଦ୍‌ଜାପନୀ ପ୍ରାର୍ଥନା କରାଇ ଏହି ଉତ୍ସବକୁ ସମାପ୍ତ କରାଇଲେ । ପରିଶେଷରେ ସେ ଜଲ୍‌ସାଗାଃ, କୟାମ୍‌ଗାଃ (ଆବାସସ୍ଥଳୀ) ଏବଂ ଅନ୍ୟାନ୍ୟ ବ୍ୟବସ୍ଥା ଗୁଡିକର ନିରୀକ୍ଷଣ କଲେ ।

**୨୯ ଡିସେମ୍ବର୍ ୨୦୧୭ (ଶୁକ୍ରବାର)**

**ଜଲ୍‌ସାର ଶୁଭାରମ୍ଭ**

ଦୂରଦୂରାନ୍ତରୁ ଆସିଥିବା ଅହେମଦୀୟତ୍‌ର ପ୍ରେମୀଗଣ ସକାଳେ ଶିଘ୍ର ଶିଘ୍ର ଯାଇ ଜଲ୍‌ସାଗାଃର ପ୍ରାଙ୍ଗଣରେ ବସିବା ଆରମ୍ଭ କରିଦେଲେ ଏବଂ ମନେମନେ ଦୁଆ ମଧ୍ୟ କରୁଥିଲେ ଓ ଇମାନ୍‌ର ଜୋସ୍‌ରେ ନାରାଏ ତକ୍‌ବୀର୍ ଅଲ୍ଲାହୁ ଅକ୍‌ବର୍ ର ସ୍ଲୋଗାନ୍ ଦେଉଥିଲେ । ଏହି ଦୃଶ୍ୟ ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଥିଲା ।

**ପର୍‌ଚମ୍ କୁଶାଇ (ପତାକା ଉତୋଳନ)**

ଯମାତ୍‌ର ପ୍ରଥା ଅନୁସାରେ ଗୋଟିଏ ସୁରକ୍ଷିତ ସିନ୍ଦୁକରେ ଖୁଦାମେ ଅହେମଦୀୟତ୍‌ର ସୁରକ୍ଷାରେ ଅହେମଦୀୟତ୍‌ର ପତାକା ଜଲ୍‌ସାଗାଃ କୁ ଅଣାଗଲା । ମୋକରମ୍ ହାଫିଜ୍ ମଖ୍‌ଦୁମ୍ ଶରିଫ୍ ସାହେବ୍ ନାଜିର୍ ନଶ୍‌ରୋ ଇଶାଅତ୍ କାଦିଆନ୍, ମୋକରମ୍ ୱସିମ୍ ଅହେମଦ୍ ସିଦ୍ଦିକ୍ ସାହେବ୍ ନାଜିର୍ ବଇତୁଲ୍ ମାଲ୍ ଆମଦ୍, ମୋକରମ୍ ମହମ୍ମଦ୍ ନସିମ୍ ଖାନ୍ ସାହେବ ୱକିଲୁଲ୍ ତବ୍‌ଶିର୍, ମୋକରମ୍ ମୌଲାନା ଇନାୟତୁଲ୍ଲାଃ ସାହେବ୍ ଏଡିଶିନାଲ୍ ନାଜିର୍ ଇସ୍‌ଲାହ୍ ୱ ଇରଶାଦ୍ ତାଲିମୁଲ୍ କୁର୍‌ଆନ୍ ୱ ୱକ୍‌ଫେ ଆରଜି, ମୋକରମ୍ ଜଇମୁଦ୍ଦିନ୍ ହାମିଦ୍ ସାହେବ୍ ସଦର୍ ମଜଲିସ୍ ଅନ୍‌ସାରୁଲ୍ଲାଃ ଭାରତ, ମୋକରମ୍ କେ ତାରିକ୍ ଅହେମଦ୍ ସାହେବ୍ ସଦର ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା ଭାରତ ମଧ୍ୟ ଲିୱାଏ ଅହେମଦୀୟତ୍ (ଅହେମଦୀୟତ୍‌ର ପତାକା) ସହିତ ଉପସ୍ଥିତ ଥିଲେ ।

ସକାଳ ଠିକ୍ ୧୦:୦୮ ରେ ମୋହତରମ୍ ମୌଲାନା ଜଲାଲୁଦ୍ଦିନ୍ ନୟର୍ ସାହେବ ସଦର ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍ ଲିୱାଏ ଅହେମଦୀୟତ୍ କୁ ଉତୋଳନ କଲେ ଓ ଇଜ୍‌ତିମାଇ ଦୁଆ କରାଇଲେ । ପର୍‌ଚମ୍ କୁଶାଇ ସମୟରେ ଷ୍ଟେଜ୍‌ରୁ ଲାଉଡ୍‌ସ୍ପିକର୍ ମାଧ୍ୟମରେ ରବ୍ବନା ତକବ୍ବଲ୍ ମିନ୍ନା ଇନ୍ନାକା ଅନ୍‌ତସ୍ ସମିଉଲ୍ ଅଲିମୁ ୱତୁବ୍ ଆଲୈନା ଇନ୍ନକା ଅନ୍‌ତତ୍ ତୱାବୁର୍ ରହିମ୍ । ଦୁଆଟିକୁ ବାରମ୍ବାର ଦୋହରା ଯାଉଥିଲା । ଏବଂ ଜଲ୍‌ସାଗାଃରେ ଉପସ୍ଥିତ ଲୋକେ ଏହି ଦୁଆକୁ ପୂର୍ଣ୍ଣ ଉତ୍ସାହ ଓ ଭାବବିହୋଳ ହୋଇ ଦୋହରାଉଥିଲେ ।

ମୋହତରମ୍ ମୌଲାନା ଜଲାଲୁଦ୍ଦିନ୍ ନୟର୍ ସାହେବ୍ ସଦର ସଦର ଅଞ୍ଜୁମନ୍ ଅହେମଦୀୟା କାଦିଆନ୍‌ଙ୍କ ସଭାପତିତ୍ୱରେ ପ୍ରଥମ ଇଜ୍‌ଲାସ୍‌ର ଶୁଭାରମ୍ଭ ପବିତ୍ର କୋରାନ୍ ପାଠ ସହିତ ହେଲା, ଯାହାକୁ ମୋକରମ୍ ମୁରସିଦ୍ ଅହେମଦ୍ ଡାର୍ ସାହେବ୍ ମୁରବୀ ସିଲ୍‌ସିଲା ପାଠ କଲେ । ସେ ସୁରତୁଲ୍ ନମଲ୍ ର ଆୟତ ନଂ- ୬୧-୬୫ ପଢ଼ି ଶୁଣାଇଲେ ଏବଂ ଏହାର ଉର୍ଦ୍ଦୁ ଅନୁବାଦ ମଧ୍ୟ ଉପସ୍ଥାପନ କଲେ ।

ଏହାପରେ ମୋହତରମ୍ ସଭାପତି ମହୋଦୟ ପ୍ରାରମ୍ଭିକ ଅଭିଭାଷଣ ଦେଇ କହିଲେ- ଆପଣମାନେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଆହ୍ୱାନ୍‌ରେ ଲବ୍‌ବେକ୍ କହି କେବଳ ଅଲ୍ଲାଃତାଲାଙ୍କ ସାନିଧ ନିମନ୍ତେ ଏଠାକୁ ଆସିଛନ୍ତି । ସେଥିଯୋଗୁ ମୁଁ ଆପଣ ସମସ୍ତଙ୍କୁ ଶୁଭେଚ୍ଛା ଜଣାଉଛି । ପୁଣି ସେ ଜଲ୍‌ସା ସାଲାନାର ଉଦ୍ଦେଶ୍ୟ ଓ ଲକ୍ଷ୍ୟ ବର୍ଣ୍ଣନା କରି ଜଲ୍‌ସା ବିଷୟରେ ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ଇମାନ୍ ଅଫ୍‌ରୋଜ୍ ନିତୀବାଣୀ ଉପସ୍ଥାପନ କଲେ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ଏହି ଜଲ୍‌ସାକୁ ମାମୁଲି ମନୁଷ୍ୟକୃତ ଜଲ୍‌ସା ରୂପେ ଭାବନାହିଁ । ଏହାର ମୂଳଦୁଆ ସମ୍ପୂର୍ଣ୍ଣ ରୂପେ ଅଲ୍ଲାଃତାଲାଙ୍କ ଅନୁଗ୍ରହ ଓ ଇସ୍‌ଲାମ୍‌ର ବାଣୀକୁ ପରିପ୍ରକାଶ କରିବା ପାଇଁ ରଖାଯାଇଛି । ଏହି ସିଲ୍‌ସିଲାର ଭିତିପ୍ରସ୍ତର ଖୁଦାତାଲା ନିଜେ ନିଜର ହାତ ଦ୍ୱାରା ରଖିଛନ୍ତି । ଏବଂ ଏଥି ନିମନ୍ତେ ଗୋଷ୍ଠୀ ପ୍ରସ୍ତୁତ କରିଛନ୍ତି । ଯେଉଁମାନେ ନିକଟ ଭବିଷ୍ୟତରେ ଏଥିରେ ଆସି ଯୋଗଦେବେ । କାରଣ ଏହା ସେହି ଶକ୍ତିଶାଳୀ ଇଶ୍ୱରଙ୍କର କାର୍ଯ୍ୟ ଅଟେ ଯାହାଙ୍କ ନିକଟରେ କୌଣସି କଥା ଅସମ୍ଭବ ନୁହେଁ ।

ଏହି ଜଲ୍‌ସାର ଉଦ୍ଦେଶ୍ୟ ଓ ଅସଲ ଅର୍ଥ ଏହା ଥିଲା ଯେ ଆମ ଯମାତ୍‌ର ଲୋକମାନଙ୍କ ଭିତରେ ବାରମ୍ବାର ସାକ୍ଷାତ୍ କରିବା ଦ୍ୱାରା ଏପରି ପରିବର୍ତନ ହୋଇଯିବ ଯେ ସେମାନଙ୍କର ହୃଦୟ ପରକାଳ ପାଇଁ ସମ୍ପୂର୍ଣ୍ଣ ରୂପେ ଝୁକିଯିବ । ଏବଂ ସେମାନଙ୍କ ଭିତରେ ଖୁଦାତାଲାଙ୍କର ଭୟ ସୃଷ୍ଟି ହେବ । ଏହା ସହିତ ନିଷ୍ଠା, ଇଶ୍ୱରପ୍ରେମ ଓ ପବିତ୍ର ହୃଦୟ, ବିନମ୍ରତା, ଭାଇଚାରା ଓ ଆପୋଷରେ ପ୍ରେମଭାବ ସୃଷ୍ଟି ହୋଇଯିବ, ଯଦ୍ୱାରା ସେମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଯିବେ । ସେହିପରି ନମ୍ର ସ୍ୱଭାବ, ଆତିଥ୍ୟ ପରାୟଣତା ଓ ସତ୍ୟବାଦିତା ସେମାନଙ୍କ ଭିତରେ ସୃଷ୍ଟି ହୋଇଯିବ । ଫଳତଃ ସେମାନେ ଧର୍ମୀୟ ଅଭିଯାନରେ ପ୍ରୟାସ କରିବେ ।

ଏହି ଜଲ୍‌ସାରେ ଏପରି ଧର୍ମତତ୍ୱ ଓ ଜ୍ଞାନତତ୍ୱ ଶୁଣାଇବାର କାର୍ଯ୍ୟକ୍ରମ ରହିବ ଯାହା ଇମାନ୍, ବିଶ୍ୱାସ ଓ ଐଶ୍ୱରିକ ଜ୍ଞାନକୁ ଉନ୍ନତି ଦେବା ପାଇଁ ଜରୁରୀ ହେବ ଏବଂ ଏକ ଅସ୍ଥାୟୀ ଲାଭ ଏହି ଜଲ୍‌ସାରେ ଏହା ମଧ୍ୟ ହେବ ଯେ ପ୍ରତ୍ୟେକ ନୁଆ ବର୍ଷରେ ଯେତେକ ନୁଆ ନୁଆ ଭାଇମାନେ ଏହି ଯମାତ୍‌ରେ ଦାଖିଲ୍ ହେବେ ସେମାନେ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ସେମାନଙ୍କର ପ୍ରଥମ ଭାଇମାନଙ୍କର ଚେହେରାକୁ ଦେଖିନେବେ । ଏବଂ ନିଜ ନିଜ ଭିତରେ ଚିହ୍ନା ପରିଚିତ ହୋଇପାରିବେ ।

ସୟଦ୍‌ନ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ୧୯୦୫ ମସିହାରେ ନିଜାମେ ୱସିୟତ୍ ଆରମ୍ଭ କଲେ, ଯାହାର ଗୁରୁତ୍ୱପୂର୍ଣ୍ଣ ଉଦ୍ଦେଶ୍ୟ ଏହା ଥିଲା କି ଏତଦ୍ୱାରା ଗୋଟିଏ ପବିତ୍ର ଯମାତ୍ ସୃଷ୍ଟି ହୋଇପାରିବ । ସେ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ଖାମିସ୍ ଅ:ବ:ଅ ଙ୍କ ଗୋଟିଏ ନିର୍ଦ୍ଦେଶ ପ୍ରସଙ୍ଗରେ କହିଲେ ଯେ ୱସିୟତ୍‌ର ବ୍ୟବସ୍ଥା ଖୁଦାତାଲାଙ୍କ ସାନିଧ ପାଇବାର ଏକ ମାର୍ଗ ଅଟେ । ସେ ସୟଦ୍‌ନା ହଜ୍‌ରତ୍ ମୁସ୍‌ଲେହ ମଉଦ୍ ର:ଅ ଙ୍କ ଭାଷଣ ନିଜାମେ ନୌ ର ପ୍ରସଙ୍ଗରେ ମଧ୍ୟ ନିଜାମେ ୱସିୟତ୍ ର ଗୁରୁତ୍ୱ ଓ ବର୍‌କାତ୍ ଉପରେ ଆଲୋକପାତ କଲେ ।

ଏହାପରେ ନୁର୍ ହସ୍‌ପିଟାଲ୍ କାଦିଆନ୍ ର ଶତବାର୍ଷିକୀ ସେବା ଉପରେ ଆଧାରିତ ''ଅନ୍‌ନୁର୍'' ନାମରେ ପ୍ରକାଶିତ ଗୋଟିଏ ଶୋଭେନିୟର୍ ର ଉନ୍ମୋଚନ କରାଗଲା । ମୋକରମ୍ ମୌଲାନା ମହମ୍ମଦ୍ ହମିଦ୍ କୌସର୍ ସାହେବ୍ ନାଜର୍ ଦାୱତେ ଇଲଲ୍ଲାଃ ମର୍କଜିୟା ନୁର୍ ହସ୍‌ପିଟାଲ୍ କାଦିଆନ୍ ର ସେବା ପ୍ରସଙ୍ଗରେ ଶୋଭେନିୟର୍ ର ପରିଚୟ କରାଇଲେ । ସଭାପତି ମହୋଦୟ ମୌଲାନା ଜଲାଲୁଦ୍ଦିନ୍ ନୟର୍ ସାହେବ୍ ଶୋଭେନିୟର୍‌ର ଉନ୍ମୋଚନ କଲେ । ଆପଣଙ୍କ ସହିତ ମୋକରମ୍ ଶିରାଜ ଅହେମଦ୍ ସାହେବ୍ ଏଡିଶିନାଲ୍ ନାଜିର୍ ଆଲା କାଦିଆନ୍ ଜୁନୁବି ହିନ୍ଦ୍ ଏବଂ ମୋକରମ୍ ଡାଃ ତାରିକ୍ ଅହେମଦ୍ ସାହେବ୍ ଆଡ୍‌ମିନ୍‌ଷ୍ଟ୍ରେଟର୍ ନୁର୍ ହସ୍‌ପିଟାଲ୍ କାଦିଆନ୍ ମଧ୍ୟ ଉପସ୍ଥିତ ଥିଲେ । ଏହାପରେ ସଭାପତି ମହୋଦୟ ଇଜ୍‌ତେମାଇ ଦୁଆ କରାଇଲେ ।

**ପ୍ରଥମ ଦିବସର**

**ପ୍ରଥମ ଇଜ୍‌ଲାସ୍ (ସଭା)**

ଉଦ୍‌ଘାଟନୀ ତକ୍‌ରିବ୍ ପରେ ଜଲ୍‌ସାର ପ୍ରଥମ ସେସନ୍ ଆରମ୍ଭ ହେଲା । ମୋକରମ୍ ତନୱିର୍ ଅହେମଦ୍ ନାସିର୍ ସାହେବ୍ ନାଏବ୍ ଏଡିଟର୍ ସାପ୍ତାହିକ ବଦର୍ କାଦିଆନ୍ ଲଳିତ ସ୍ୱରରେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିମ୍ନଲିଖିତ ପଂକ୍ତି ପଢ଼ି ଶୁଣାଇଲେ ।

*ଲୋଗୋ ସୁନୋ ! କେ*
*ଜିନ୍ଦା ଖୁଦା ୱହ୍ ଖୁଦା ନେହି*
*ଜିସ୍ ମେ ହମେଶା*
*ଆଦତେ କୁଦ୍‌ରତ୍ ନୁମା ନେହି*

ଏହାପରେ ସଭାର ପ୍ରଥମ ତକ୍‌ରିର୍ ମୋକରମ୍ ମୌଲାନା ମହମ୍ମଦ୍ କରିମୁଦ୍ଦିନ୍ ସାହେବ୍ ଶାହିଦ୍ ସଦର କଜାବୋର୍ଡ କାଦିଆନ୍ ''ହସ୍ତିବାରିତାଲା'' (ଅଲ୍ଲାଃଙ୍କ ଅସ୍ତିତ୍ୱ) ଇସ୍‌ଲାମ୍ ଏକ ଜୀବନ୍ତ ଖୁଦାଙ୍କୁ ଉପସ୍ଥାପନ କରୁଅଛି, ବିଷୟରେ କଲେ ।

ସେ ସୁରତୁଲ୍ ବକରା ର ଆୟତ ନଂ ୨୫୬ ଅର୍ଥାତ୍ ଆୟତୁଲ୍ କୁର୍‌ସି ପଢ଼ିବା ପରେ କହିଲେ ଯେ ବର୍ତମାନ ସଂସାରରେ ଯେତେଗୁଡିଏ ଧର୍ମ ମିଳୁଅଛି ସେ ସମସ୍ତଙ୍କର ମୂଳଦୁଆ ଇଶ୍ୱରଙ୍କ ଅସ୍ତିତ୍ୱ ଉପରେ କାଏମ୍ ଅଛି । କାଳକ୍ରମେ ଧର୍ମକୁ ମାନୁଥିବା ଲୋକଙ୍କ ଭିତରେ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱ ଉପରେ ବିଶ୍ୱାସ କେବଳ ଏକ ପ୍ରକାର ପ୍ରଥା ହୋଇ ରହିଗଲା । ଭୌତିକବାଦ ଓ ଟେକ୍‌ନୋଲୋଜିର ବିଷ ସେମାନଙ୍କର ଅଲ୍ଲାଃଙ୍କ ଉପରେ ଥିବା ବିଶ୍ୱାସକୁ ଖଣ୍ଡ ବିଖଣ୍ଡିତ କରିଦେଲା । ସୁରତୁଲ୍ ଅନ୍‌କବୁତ୍‌ର ଆୟତ ନଂ-୭୦ ମୁତାବକ ଯିଏ ମଧ୍ୟ ଅଲ୍ଲାଃତାଲାଙ୍କ ମାର୍ଗରେ ପ୍ରଚେଷ୍ଟା କରିଥାଏ ତା ଉପରେ ଜୀବନ୍ତ ଖୁଦାଙ୍କ ଜୀବନ୍ତ ଜ୍ୟୋତି ପରିପ୍ରକାଶ ହୋଇଥାଏ । ଯେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ତାଙ୍କ ଖଲିଫା ମାନଙ୍କ ନିତୀବାଣୀର ଆଲୋକରେ କହିଲେ ଯେ ଆଜି ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଉପରେ ଥିବା ଜୀବନ୍ତ ପ୍ରମାଣ ଇସ୍‌ଲାମ୍ ଦ୍ୱାରା ହିଁ ମିଳିଥାଏ ।

*କୋଇ ମଜ୍‌ହବ୍ ନେହି*
*ଐସା କେ ନିଶାଁ ଦିଖ୍‌ଲାଏ*
*ଯେ ସମର୍ ବାଗେ*
*ମୁହମ୍ମଦ୍ ସେ ହି ଖାୟା ହମ୍‌ନେ*

ପୁଣି ସେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସତ୍ୟତା ନିମନ୍ତେ ପ୍ରକଟିତ ହୋଇଥିବା ନିଦର୍ଶନ 'ତାଉନ୍' ବିଷୟରେ ବ୍ୟାଖ୍ୟା କରି ବର୍ଣ୍ଣନା କଲେ । ହଜ୍‌ରତ୍ ଇବ୍ରାହିମ୍ ଆ:ସ, ହଜ୍‌ରତ୍ ମୁସା ଆ:ସ, ହଜ୍‌ରତ୍ ଇସା ଆ:ସ ଏବଂ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଉଦାହରଣ ଗୁଡିକ ବର୍ଣ୍ଣନା କଲେ ଯେ କିପରି ଅଲ୍ଲାଃତାଲାଙ୍କ ମହାନ୍ ଅନୁଗ୍ରହ ମୂଳକ ସାହାଯ୍ୟ ଓ ସହଯୋଗ ସେମାନଙ୍କ ସହିତ ଥିଲା ଏବଂ ଅଲ୍ଲାଃତାଲା କିପରି ଭବ୍ୟ ବ୍ୟବହାର ସେହି ନବୀମାନଙ୍କ ସହିତ କଲେ, ଯେଉଁମାନେ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱର ଜୀବନ୍ତ ପ୍ରମାଣକୁ ଦୁନିଆ ଆଗରେ ପହଂଚାଇଛନ୍ତି । ପରିଶେଷରେ ସେ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ନିମ୍ନଲିଖିତ ବାଣୀକୁ ଉପସ୍ଥାପନ କରି କହିଲେ ହଜୁର୍ ଅନୱର୍ କହୁଛନ୍ତି:- ଅଲ୍ଲାଃତାଲା ଆମକୁ ଶକ୍ତି ଦିଅନ୍ତୁ ଯେ ଆମେ ଏହି ଜୀବନ୍ତ ଖୁଦାଙ୍କ ବାର୍ତା ଏ ଯୁଗର ଇମାମ୍ ଓ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ସଚ୍ଚା ପ୍ରେମୀଙ୍କ ଅନୁସରଣରେ ସଂସାରବାସୀକୁ

*ଅବଶିଷ୍ଟାଂଶ ପୃଷ୍ଠା-୧୦ ରେ ଦେଖନ୍ତୁ...*

# ଖୁତ୍‌ବା ଜୁମା

★ **ୱସ୍‌ସାବିକୁନଲ୍ ଅୱ୍ୱଲୁନା ମିନଲ୍ ମୁହାଜିରିନା ୱଲ୍ ଅନ୍‌ସାରି ୱଲ୍ ଲଜିନତ୍‌ତବଉହୁମ୍ ବିଇହ୍‌ସାନିର୍ ରଜିୟଲ୍ଲାହୁ ଅନ୍‌ହୁମ୍ ୱରଜୁ ଅନ୍‌ହୁ ୱଅ ଅଦ୍‌ଦାଲହୁମ୍ ଜନ୍ନତିନ୍ ତଜ୍‌ରି ତହ୍‌ତହଲ୍ ଅନ୍‌ହାରୁ ଖାଲିଦିନା ଫିହା ଅବଦା । ଜାଲିକାଲ୍ ଫୱ୍ୱଯୁଲ୍ ଅଜିମ୍** ଅର୍ଥାତ ହିଜରତକାରୀ ଓ ସାହାଯ୍ୟକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଅଗ୍ରଗାମୀ ଏବଂ ଯେଉଁମାନେ ନିଷ୍ଠାର ସହିତ ସେମାନଙ୍କୁ ଅନୁସରଣ କରୁଛନ୍ତି ଅଲ୍ଲାଃ ସେମାନଙ୍କ ଉପରେ ସନ୍ତୁଷ୍ଟ ଏବଂ ସେମାନେ ଅଲ୍ଲାଃଙ୍କ ଉପରେ ସନ୍ତୁଷ୍ଟ ଏବଂ ସେ ସେମାନଙ୍କ ପାଇଁ ଏପରି ବୈକୁଣ୍ଠ ଗଢିଛନ୍ତି ଯାହାର ନିମ୍ନ (ଦେଶ)ରେ ଝରଣା ପ୍ରବାହିତ ହେଉଅଛି ସେମାନେ ସେଠାରେ ସର୍ବଦା ବାସ କରିବେ ଏବଂ ଏହା ହିଁ ଏକ ମହାନ ସଫଳତା ।

★ ଏହି ପଙ୍କ୍ତିଂରେ ହଜରତ ମହମ୍ମଦ ସ.ଆଙ୍କର ସାହାବାଙ୍କର ଚର୍ଚ୍ଚା ରହିଛି ଯେ ଶ୍ରେୟ ନେବା ଓ ଆଧ୍ୟାତ୍ମିକତାର ସର୍ବୋଚ୍ଚ ସ୍ତରରେ ବିରାଜମାନ ଏବଂ ନିଜ ବିଶ୍ୱାସର ସ୍ତର ଓ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବାରେ ସମସ୍ତଙ୍କୁ ପଛରେ ଛାଡ଼ି ଦେଇଛନ୍ତି । ଏମାନେ ସର୍ବପ୍ରଥମେ ବିଶ୍ୱାସ ଆଣି ପଛରେ ଆସିବା ଲୋକମାନଙ୍କ ପାଇଁ ନିଜର ଉଦାହରଣ ଛାଡ଼ିଯାଇଛନ୍ତି । ଯେପରି ଅନ୍ୟମାନେ ସେମାନଙ୍କ ଅନୁକରଣ କରିବେ ।

★ ହଜରତ ଉମର ର.ଅଙ୍କ ନମ୍ରତାର ଏକ ଘଟଣା ଶୁଣନ୍ତୁ ଏକଦା ଜଣେ ବ୍ୟକ୍ତି ହଜରତ ଉମରଙ୍କୁ କହିଲେ ଆପଣ ହଜରତ ଅବୁବକରଙ୍କ ଠାରୁ ଶ୍ରେୟସ୍କର । ଏଥିରେ ଉମର ର.ଅଙ୍କ ଚକ୍ଷୁରୁ ଲୁହ ଝରିବା ଆରମ୍ଭ ହୋଇଗଲା । ସେ କହିଲେ ଅଲ୍ଲାଃଙ୍କ ରାଣ ! ହ. ଅବୁବକରଙ୍କର ଗୋଟିଏ ଦିନ ଓ ରାତି ଉମର ଓ ତାହାର ସନ୍ତାନମାନଙ୍କ ସମ୍ପୂର୍ଣ୍ଣ ଜୀବନଠାରୁ ଶ୍ରେୟସ୍କର । ସେ ତାଙ୍କୁ ଆହୁରି କହିଲେ ମୁଁ ତୁମକୁ ତାଙ୍କ ଦିବାରାତ୍ରିର ଅବସ୍ଥା ସମ୍ବନ୍ଧରେ ଅବଗତ କରିବି ? ଉକ୍ତ ବ୍ୟକ୍ତି ଜଣକ ପଚାରିବାରୁ ଆପଣ କହିଲେ ତାଙ୍କର (ବିଶେଷ)ରାତ୍ରି ତାହା ଥିଲା ଯେତେବେଳେ ସେ ହଜୁର ସ.ଆଙ୍କୁ ହିଜରତ୍ (ପଳାୟନ) କରିବାକୁ ପଡ଼ିଥିଲା ଏବଂ ହ.ଅବୁବକର୍ ତାଙ୍କ ସାଥିରେ ଥିଲେ ଏବଂ ତାଙ୍କର (ବିଶେଷ) ଦିନ ତାହା ଥିଲା ଯେତେବେଳେ ହଜୁର ସ.ଆଙ୍କର ଦେହାନ୍ତ ଘଟିଲା ଏବଂ ଆରବବାସୀ ନମାଜ ଓ ଜକାତ ଦେବାକୁ ମନା କରିଦେଲେ । ସେତେବେଳେ ସେ ମୋ ପରାମର୍ଶ ବିପରୀତ ଜେହାଦ୍ କରିବାର ନିଷ୍ପତି କରିନେଲେ ଏବଂ ଅଲ୍ଲାଃତାଲା ତାଙ୍କୁ କୃତକାର୍ଯ୍ୟ କରି ପ୍ରମାଣିତ କରିଦେଲେ କି ସେ ସତ୍‌ପଥରେ ପ୍ରତିଷ୍ଠିତ ଥିଲେ ।

★ ଆଉ ଏକ ସ୍ଥାନରେ ଆଁ ହଜ୍‌ରତ୍ ସ:ଆ:ସ କୁହନ୍ତି- ମୋ ସାହାବାଙ୍କୁ ଖରାପ ଓ ମନ୍ଦ କୁହ ନାହିଁ, ସେମାନଙ୍କର କୌଣସି ପଦକ୍ଷେପ ଉପରେ ଆଲୋଚନା କର ନାହିଁ । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଅଛି ଯାହାଙ୍କ ହାତରେ ମୋ ପ୍ରାଣବାୟୁ ରହିଛି ଯଦି ତୁମେ ଓହଦ୍ ପାହାଡ଼ ସମ ସୁନା ଦାନ କର ତେବେ ମଧ୍ୟ ତୁମକୁ ସେଭଳି ପୁଣ୍ୟ ଓ ସୁଫଳ ମିଳିବ ନାହିଁ ଯେମିତି ସେମାନଙ୍କର ମାତ୍ର ଏକ ୱଦ୍ (ପଇସା) କିମ୍ବା ତାହାର ଅଧା ଖର୍ଚ୍ଚ କରିବାରେ ପ୍ରାପ୍ତ ହୋଇଥାଏ ।

★ ହଜରତ ମସିହ ମଉଦ ଆ.ସ ଆମ୍ଭକୁ ସାହାବାଙ୍କ ପଦ ଓ ସ୍ତରର ଅଧିକ ଧାରଣା ଦେଇ କୁହନ୍ତି- ନ୍ୟାୟବନ୍ତ ଭାବରେ ଦେଖିବାକୁ ଗଲେ ଆମ୍ଭର ପ୍ରିୟ ନବୀ ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ ନିଜ ଅଲ୍ଲାଃ ଓ ରସୁଲଙ୍କ ପାଇଁ କି କି ପ୍ରକାର ଉତ୍ସର୍ଗୀକୃତ କାର୍ଯ୍ୟ ସମ୍ପାଦନ କରିଥିଲେ । ସେମାନେ ଦେଶରୁ ବିତାଡ଼ିତ କରାଗଲେ, ଅତ୍ୟାଚାରିତ ଓ ଲାଞ୍ଛିତ ହେଲେ, କିସମ କିସମର ଦୁଃଖକଷ୍ଟ ସହ୍ୟ କଲେ, ପ୍ରାଣବଳୀ ଦେଲେ ତଥାପି ସତ୍ୟ, ବିଶ୍ୱସ୍ତତା ଓ ନିଷ୍ଠାକୁ ହାତଛଡ଼ା କଲେ ନାହିଁ । ତେବେ ତାହା କ'ଣ ଥିଲା ଯାହାକି ସେମାନଙ୍କୁ ଏପରି ଉତ୍ସର୍ଗୀ କରିଦେଲା ! ତାହା ଈଶ୍ୱରଙ୍କର ନିଷ୍ଠାପର ପ୍ରେମର ଉତ୍ତେଜନା ଥିଲା ଯାହାର ପ୍ରକାଶ ସେମାନଙ୍କ ହୃଦୟରେ ପଡ଼ିଥିଲା ।

★ ସୁତରାଂ ଆମ୍ଭମାନଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଆମ୍ଭେ ନିଜର ସୁଧାର କରିବା ଓ ନିଜ ବାସନକୁ ସ୍ୱଚ୍ଛ କରିବା । ଯେତେବେଳେ ଆମେ ହଜରତ ମହମ୍ମଦ ସ.ଆଙ୍କର ସଚ୍ଚୋଟ ଦାସ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିନେଲେ ତେବେ ଏସମସ୍ତ ଆଦେଶ ମୁତାବକ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ । ଯାହାକି ହଜରତ ମସିହ ମଉଦ ଆ.ସ ବର୍ଣ୍ଣନା କରିଛନ୍ତି ତେବେଯାଇ ଆମେ ପ୍ରକୃତ ମୁସଲମାନ ହୋଇପାରିବା । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]
## (ପ୍ରଦତ୍ତ: ୧୫ ଡିସେମ୍ବର ୨୦୧୭ ଅନୁଯାୟୀ ୧୫ ଫତାଃ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُولُهُ
أَمَّا بَعْدُ فَأَعُوذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعَالَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. اِيَّاكَ نَعْبُدُ وَاِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ اَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନୱର ଅ:ବ ନିମ୍ନ ପଙ୍କ୍ତିଂ ପାଠ କଲେ- **ୱସ୍‌ସାବିକୁନଲ୍ ଅୱ୍ୱଲୁନା ମିନଲ୍ ମୁହାଜିରିନା ୱଲ୍ ଅନ୍‌ସାରି ୱଲ୍ ଲଜିନତ୍‌ତବଉହୁମ୍ ବିଇହ୍‌ସାନିର୍ ରଜିୟଲ୍ଲାହୁ ଅନ୍‌ହୁମ୍ ୱରଜୁ ଅନ୍‌ହୁ ୱଅ ଅଦ୍‌ଦାଲହୁମ୍ ଜନ୍ନତିନ୍ ତଜ୍‌ରି ତହ୍‌ତହଲ୍ ଅନ୍‌ହାରୁ ଖାଲିଦିନା ଫିହା ଅବଦା । ଜାଲିକାଲ୍ ଫୱ୍ୱଯୁଲ୍ ଅଜିମ୍** ଅର୍ଥାତ ହିଜରତକାରୀ ଓ ସାହାଯ୍ୟକାରୀମାନଙ୍କ ମଧ୍ୟରୁ ଯେଉଁମାନେ ଅଗ୍ରଗାମୀ ଏବଂ ଯେଉଁମାନେ ନିଷ୍ଠାର ସହିତ ସେମାନଙ୍କୁ ଅନୁସରଣ କରୁଛନ୍ତି ଅଲ୍ଲାଃ ସେମାନଙ୍କ ଉପରେ ସନ୍ତୁଷ୍ଟ ଏବଂ ସେମାନେ ଅଲ୍ଲାଃଙ୍କ ଉପରେ ସନ୍ତୁଷ୍ଟ ଏବଂ ସେ ସେମାନଙ୍କ ପାଇଁ ଏପରି ବୈକୁଣ୍ଠ ଗଢିଛନ୍ତି ଯାହାର ନିମ୍ନ (ଦେଶ)ରେ ଝରଣା ପ୍ରବାହିତ ହେଉଅଛି ସେମାନେ ସେଠାରେ ସର୍ବଦା ବାସ କରିବେ ଏବଂ ଏହା ହିଁ ଏକ ମହାନ ସଫଳତା ।

ଏହି ପଙ୍କ୍ତିଂରେ ହଜରତ ମହମ୍ମଦ ସ.ଆଙ୍କର ସାହାବାଙ୍କର ଚର୍ଚ୍ଚା ରହିଛି ଯେ ଶ୍ରେୟ ନେବା ଓ ଆଧ୍ୟାତ୍ମିକତାର ସର୍ବୋଚ୍ଚ ସ୍ତରରେ ବିରାଜମାନ ଏବଂ ନିଜ ବିଶ୍ୱାସର ସ୍ତର ଓ ଅଲ୍ଲାଃଙ୍କ ଆଦେଶ ମୁତାବକ ଅମଳ କରିବାରେ ସମସ୍ତଙ୍କୁ ପଛରେ ଛାଡ଼ି ଦେଇଛନ୍ତି । ଏମାନେ ସର୍ବପ୍ରଥମେ ବିଶ୍ୱାସ ଆଣି ପଛରେ ଆସିବା ଲୋକମାନଙ୍କ ପାଇଁ ନିଜର ଉଦାହରଣ ଛାଡ଼ିଯାଇଛନ୍ତି । ଯେପରି ଅନ୍ୟମାନେ ସେମାନଙ୍କ ଅନୁକରଣ କରିବେ । ଅତଃ ଅଲ୍ଲାଃତାଲା ସାହାବାଙ୍କୁ ପରବର୍ତୀ ଲୋକମାନଙ୍କ ପାଇଁ ଏକ ଅନୁକରଣ ଯୋଗ୍ୟ ନୁମନା (ସୃଷ୍ଟି) କରିଦେଇଛନ୍ତି ଏବଂ ଅଲ୍ଲାଃ ଏହା ମଧ୍ୟ ଘୋଷଣା କରିଦେଲେ କି ସେ ସାହାବାମାନଙ୍କ ବିଶ୍ୱାସର ସ୍ତର ଓ ଅମଳରେ ସନ୍ତୁଷ୍ଟ ଏବଂ ସେମାନେ ମଧ୍ୟ ଅଲ୍ଲାଃଙ୍କ ପ୍ରଶନ୍ନତା ଲାଭ କରିବାକୁ ନିଜ ଜୀବନର ଉଦ୍ଦେଶ୍ୟ ମଣିନେଇଥିଲେ । ସମସ୍ତ ପ୍ରକାର ପରିସ୍ଥିତିରେ ସେମାନେ ଅଲ୍ଲାଃଙ୍କ କୃତଜ୍ଞ ଭକ୍ତମାନଙ୍କ ମଧ୍ୟରେ ସାମିଲ ଥିଲେ । ସୁତରାଂ ଅଲ୍ଲାଃତାଲା କହିଲେ ଯେଉଁମାନେ ଏହି ନମୁନାର ଅଣୁସରଣ କରି ନିଷ୍ଠାପର ବିଶ୍ୱାସ, ବିଶ୍ୱସ୍ତ ଓ ଉତମ ଅମଳ ସମ୍ପାଦନ କରିବେ (ସେମାନେ) ଅଲ୍ଲାଃଙ୍କ ନିକଟରୁ ପୁରସ୍କାର ଲାଭ କରିଚାଲିଥିବେ । ଅଲ୍ଲାଃତାଲାଙ୍କ ଆଜ୍ଞାକାରୀ ହେବାକୁ ସତ୍‌ପଥ ପ୍ରାପ୍ତି କରିବାର ମାଧ୍ୟମ (ଧାର୍ଯ୍ୟ) କରିନେଇଥିଲେ । ଅତଏବ ଗୋଟିଏ ହଦିସ୍‌ରେ ହଜରତ ଉମର ର.ଅ କୁହନ୍ତି ହଜରତ ମହମ୍ମଦ ସ.ଆ କହିଲେ- ମୁଁ ନିଜ ସାହାବାଙ୍କ ମତାନ୍ତର ସମ୍ବନ୍ଧରେ ଅଲ୍ଲାଃତାଲାଙ୍କୁ ପ୍ରଶ୍ନ କଲି ସେତେବେଳେ ଅଲ୍ଲାଃ ମୋତେ ଐଶ୍ୱରିକବାଣୀ ଦ୍ୱାରା ଅବଗତ କଲେ ହେ ମହମ୍ମଦ ! ତୁମ ସାହାବାଙ୍କର ମୋ ନିକଟରେ ଏପରି ମର୍ଯ୍ୟାଦା ରହିଛି ଯେପରି ଆକାଶରେ ତାରକାପୁଞ୍ଜୀ ଯେ ପରସ୍ପରଠାରୁ ଉଜ୍ୱଳମୟ କିନ୍ତୁ ପ୍ରତ୍ୟେକଙ୍କର ନିଜର ପ୍ରକାଶ ରହିଛି । ଅତଃ ଯେ ତୁମର କୌଣସି ସାହାବାଙ୍କର ଅନୁକରଣ କରେ ସେ ସତ୍‌ପଥ ପ୍ରାପ୍ତି କରିନେବ ।

ସୁତରାଂ ଅଲ୍ଲାଃତାଲା ହଜରତ ମହମ୍ମଦ ସ.ଆଙ୍କ ସାହାବାଙ୍କୁ ଏହି ମର୍ଯ୍ୟାଦା ପ୍ରଦାନ କରିଛନ୍ତି । ସେମାନଙ୍କ ମଧ୍ୟରୁ ପ୍ରତ୍ୟେକ ଆମମାନଙ୍କ ପାଇଁ ମାର୍ଗଦର୍ଶକ ଅଟନ୍ତି । ସାହାବାଙ୍କ ସ୍ତର, ପଦ ତଥା ଅଲ୍ଲାଃଙ୍କର ସେମାନଙ୍କ ଉପରେ ସନ୍ତୁଷ୍ଟ ହେବା ଓ ସେମାନେ ଅଲ୍ଲାଃଙ୍କ ସହ ରାଜି ହେବାର ଚର୍ଚ୍ଚା କରି ହଜରତ ମସିହ ମଉଦ ଆ.ସ ଏକ ସ୍ଥାନରେ କୁହନ୍ତି- ସାହାବା କରାମ ଅଲ୍ଲାଃ ଓ ରସୁଲୁଲ୍ଲାଃ ସ.ଆଙ୍କ ମାର୍ଗରେ ଏଭଳି ସତ୍ୟନିଷ୍ଠା ପ୍ରଦର୍ଶନ କଲେ କି ସେମାନଙ୍କୁ **ରଜିୟଲ୍ଲାହୁ ଅନହୁମ୍ ୱ ରଜୁଅନ୍‌ହୁ**ର ସ୍ୱର ଶୁଣାଗଲା । ଏହି ଉଚ୍ଚ ସ୍ତର ଯାହାକି ସାହାବାଙ୍କୁ ପ୍ରାପ୍ତ ହେଲା ଅର୍ଥାତ ଅଲ୍ଲାଃତାଲାଙ୍କ ସେମାନଙ୍କ ଉପରେ ସନ୍ତୁଷ୍ଟ ହେଲେ ଓ ସେମାନେ ଅଲ୍ଲାଃଙ୍କ ସହ ରାଜି ହୋଇଗଲେ । ଏହି ସ୍ତରର

ସୁଗୁଣ ଓ ଚମତ୍କାରିତା ଶବ୍ଦରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ । ଅଲ୍ଲାଃଙ୍କ ଉପରେ ରାଜି ହେବା କୌଣସି ମାନବର କାର୍ଯ୍ୟ ନୁହେଁ ବରଂ ଏହା ଆସ୍ଥା, ପ୍ରଶନ୍ନତା ଓ ସ୍ୱୀକାର କରିବାର ସର୍ବୋଚ୍ଚ ସ୍ତର ଅଟେ । ଯେଉଁସ୍ଥଳେ ପହଂଚିବା ପରେ ମଣିଷକୁ କୌଣସି ପ୍ରକାରର ଅଭିଯୋଗ ଓ ଆପତି ନିଜ ସୃଷ୍ଟିକର୍ତା ସହିତ ନଥାଏ ଏବଂ ଅଲ୍ଲାଃତାଲା ନିଜ ଭକ୍ତମାନଙ୍କ ଉପରେ ସନ୍ତୁଷ୍ଟ ହେବା ଭକ୍ତର ପୂର୍ଣ୍ଣ ସତ୍ୟବାଦୀ, ବିଶ୍ୱସ୍ତ ଓ ଉଚ୍ଚ ପଦସ୍ଥ ପବିତ୍ରତା ଓ ପୂର୍ଣ୍ଣ ଆଜ୍ଞାକାରୀ ହେବାରେ ନିର୍ଭର କରେ । ଯେଉଁଥିରୁ ଜଣାଯାଉଛି ସାହାବାମାନେ ମାରୁଫତ୍ ଓ ଅମଲର ସମସ୍ତ ସ୍ତର ଅତିକ୍ରମ କରିଯାଇଥିଲେ ।

ଅତଃ ସାହାବା ଆମମାନଙ୍କ ପାଇଁ ନମୁନା ଅଟନ୍ତି । ହଜରତ ମହମ୍ମଦ ସ.ଆ ଏକଦା ନିଜ ସାହାବାଙ୍କ ସ୍ତର ଓ ପଦର ଚର୍ଚ୍ଚା କରି କହିଲେ- ମୋ ସାହାବାଙ୍କ ସମ୍ବନ୍ଧରେ ଅପନିନ୍ଦା ଓ ଅକଥନୀୟ କଥା କହିବା ପୂର୍ବରୁ ଅଲ୍ଲାଃଙ୍କୁ ଭୟ କରିବା ଉଚିତ୍ । ପ୍ରକୃତରେ ମୋତେ ପ୍ରେମ କରୁଥିବା ବ୍ୟକ୍ତି ହିଁ ସେମାନଙ୍କୁ ପ୍ରେମ କରିଥାଏ । ଯେ ସେମାନଙ୍କ ସହ ଶତ୍ରୁତା କରେ, ସେ ପ୍ରକୃତରେ ମୋ ସହିତ ଶତ୍ରୁତା କରିଥାଏ । ଯେ ସେମାନଙ୍କୁ ଦୁଃଖ ଦିଏ, ସେ ମୋତେ ଦୁଃଖ ଦେଇଥାଏ ଏବଂ ଯେ ମୋତେ ଦୁଃଖ ଦିଏ ସେ ଅଲ୍ଲାଃତାଲାଙ୍କୁ ଦୁଃଖ ଦେଇଥାଏ ଏବଂ ଯେ ଅଲ୍ଲାଃଙ୍କୁ ଦୁଃଖ ଦେଲା ଓ ଅସନ୍ତୋଷ କଲା ତେବେ ତାକୁ ଜାଣିରଖିବା ଉଚିତ୍ ଯେ, ସେ ଅଲ୍ଲାଃଙ୍କ ହାତ ପାହାନ୍ତା ଓ ଅଧିନରେ ରହିଛି ।

ଆଉ ଏକ ସ୍ଥାନରେ ଆପଣ କୁହନ୍ତି- ମୋ ସାହାବାଙ୍କୁ ଖରାପ ଓ ମନ୍ଦ କୁହ ନାହିଁ, ସେମାନଙ୍କର କୌଣସି ପଦକ୍ଷେପ ଉପରେ ଆଲୋଚନା କର ନାହିଁ । ମୁଁ ଅଲ୍ଲାଃଙ୍କ ଶପଥ କରି କହୁଅଛି ଯାହାଙ୍କ ହାତରେ ମୋ ପ୍ରାଣବାୟୁ ରହିଛି ଯଦି ତୁମେ ଓହଦ୍ ପାହାଡ଼ ସମ ସୁନା ଦାନ କର ତେବେ ମଧ୍ୟ ତୁମକୁ ସେଭଳି ପୁଣ୍ୟ ଓ ସୁଫଳ ମିଳିବ ନାହିଁ ଯେମିତି ସେମାନଙ୍କର ମାତ୍ର ଏକ ଓ୍ୱଦ୍ (ପଇସା) କିମ୍ବା ତାହାର ଅଧା ଖର୍ଚ୍ଚ କରିବାରେ ପ୍ରାପ୍ତ ହୋଇଥାଏ ।

ଅତଏବ ଏମାନେ ସେହି ମାନ୍ୟଗଣ (ସାହାବା) ଯାହାଙ୍କ ପଦ ଓ ସ୍ତର ବେଶ୍ ଉର୍ଦ୍ଧ୍ୱରେ ଏବଂ ସେମାନେ ଆମମାନଙ୍କ ପାଇଁ ନମୁନା ଅଟନ୍ତି । କାହା ସମ୍ବନ୍ଧରେ ମନ୍ଦ ଚର୍ଚ୍ଚା କରିବା କିମ୍ବା କାହା ବିଷୟରେ ମନ୍ଦ ଚିନ୍ତା କରିବା ପରିବର୍ତେ ଯଦି ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବାର ଅଛି ତେବେ ଆମକୁ ସେମାନଙ୍କ ଅନୁକରଣ କରିବା ଅନିର୍ବାର୍ଯ୍ୟ । (ମନେରଖ)କାହା ଉପାଧି ନିଜ ନିର୍ଦ୍ଧାରିତ ସ୍ତର ମୁତାବକ ପରୀକ୍ଷା କରିବାକୁ ଚେଷ୍ଟା କରିବା ଭୂଲ ପନ୍ଥା ଅଟେ ।

ହଜରତ ମସିହ ମଉଦ ଆ.ସ ଆମ୍ଭକୁ ସାହାବାଙ୍କ ପଦ ଓ ସ୍ତରର ଅଧିକ ଧାରଣା ଦେଇ କୁହନ୍ତି- ନ୍ୟାୟବନ୍ତ ଭାବରେ ଦେଖିବାକୁ ଗଲେ ଆମ୍ଭର ପ୍ରିୟ ନବୀ ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ ନିଜ ଅଲ୍ଲାଃ ଓ ରସୁଲଙ୍କ ପାଇଁ କି କି ପ୍ରକାର ଉତ୍ସର୍ଗୀକୃତ କାର୍ଯ୍ୟ ସମ୍ପାଦନ କରିଥିଲେ । ସେମାନେ ଦେଶରୁ ବିତାଡ଼ିତ କରାଗଲେ, ଅତ୍ୟାଚାରିତ ଓ ଲାଞ୍ଛିତ ହେଲେ, କିସମ କିସମର ଦୁଃଖକଷ୍ଟ ସହ୍ୟ କଲେ, ପ୍ରାଣବଳୀ ଦେଲେ ତଥାପି ସତ୍ୟ, ବିଶ୍ୱସ୍ତତା ଓ ନିଷ୍ଠାକୁ ହାତଛଡ଼ା କଲେ ନାହିଁ । ତେବେ ତାହା କ'ଣ ଥିଲା ଯାହାକି ସେମାନଙ୍କୁ ଏପରି ଉତ୍ସର୍ଗୀ କରିଦେଲା ! ତାହା ଈଶ୍ୱରଙ୍କର ନିଷ୍ପାପର ପ୍ରେମର ଉଦ୍ବେଜନା ଥିଲା ଯାହାର ପ୍ରକାଶ ସେମାନଙ୍କ ହୃଦୟରେ ପଡ଼ିଥିଲା । ତେଣୁ କୌଣସି ନବୀଙ୍କ ସାହାବାଙ୍କ ସହ ସେମାନଙ୍କର ତୁଳନା କରିନିଅ ହଜୁର ସ.ଆଙ୍କର ଶିକ୍ଷା, ଆତ୍ମସୁଧି ନିଜ ମାନ୍ୟକାରୀମାନଙ୍କୁ ସଂସାରରୁ ମୋହ ତୁଟାଇ ଦେଲା ଏବଂ ସେମାନେ ବୀରଙ୍କ ପରି ସତ୍ୟ ପାଇଁ ନିଜର ରକ୍ତ ବୁହାଇବାର ଅସାଧାରଣ ଉଦାହରଣ ସ୍ଥାପନ କରିଗଲେ । ହଜୁର ସ.ଆଙ୍କ ସାହାବାଙ୍କ ମଧ୍ୟରେ ଯେଉଁ ପ୍ରେମ ଓ ନିବିଡ଼ତା ଥିଲା ତାହାର ନକ୍ସା ଦୁଇ ଜଣ ଫକିର ଟାଣିଛନ୍ତି । ଯେପରି ପବିତ୍ର କୋରାନରେ ରହିଛି **ଓ୍ୱଅଲଫା ବୈନା କୁଲୁବିହିମ୍ ଲୌଅନ୍ ଫକ୍ତା ମାଫିଲ୍ ଅରଜେ ଜମିଅମ୍ ମାଅଲ୍ଲଫ୍ତା ବୈନା କୁଲୁବିହିମ୍** ଅର୍ଥାତ ଅଲ୍ଲାଃ ସେମାନଙ୍କ ହୃଦୟକୁ ପରସ୍ପର ସହିତ ଏପରି ବାନ୍ଧି ଦେଲେ ଯାହାକି ସୁନାର ପାହାଡ଼ (ଦାନ) କରିଦେଇଥିଲେ ମଧ୍ୟ କଦାପି (ସେପରି ନିବିଡ଼ତା) ଉତ୍ପନ୍ନ ହୋଇନଥାନ୍ତା । ଆପଣ କୁହନ୍ତି ବର୍ତମାନ ଆଉ ଏକ ଜମାଅତ ମସିହ ମଉଦ ଆ.ସଙ୍କର ରହିଛି ଯେ ସାହାବାଙ୍କର ରଙ୍ଗ ଧାରଣ କରିବାର ଅଛି । ସାହାବାଙ୍କର ସେହି ପବିତ୍ର ଜମାଅତ ଯାହାଙ୍କ ପ୍ରଶଂସାରେ ପବିତ୍ର କୋରାନ ଭରି ରହିଛି । ଆପଣ କୁହନ୍ତି କ'ଣ ଆପଣମାନେ ଏପରି ଅଟନ୍ତି । ଯେତେବେଳେ ଅଲ୍ଲାଃ କହୁଛନ୍ତି କି ମସିହଙ୍କ ସହିତ ଏପରି ଲୋକ ସମ୍ମିଳିତ ହେବେ ଯେ, ସାହାବାଙ୍କ ସମତୁଲ୍ୟ ହୋଇଥିବେ । ସାହାବା ତ ନିଜ ଧନ, ଦେଶ ଓ ନିଜର ସବୁକିଛି ଅଲ୍ଲାଃଙ୍କ ମାର୍ଗରେ ଉତ୍ସର୍ଗ କରିଦେଇଥିଲେ । ଆପଣମାନେ ହଜରତ ଅବୁବକର୍ (ମହାନ ସତ୍ୟବାଦୀ) ର.ଅଙ୍କର କଥା ଏକାଧିକ ଥର ଶୁଣିଥିବେ । ଏକଦା ଅଲ୍ଲାଃଙ୍କ ମାର୍ଗରେ ଧନ ବ୍ୟୟ କରିବାକୁ ହଜୁର ସ.ଆ ନିର୍ଦ୍ଦେଶ ଦେଲେ ସେତେବେଳେ ସେ ନିଜ ଘରର ସମସ୍ତ ଆସବାବ ପତ୍ର ଧରି ହଜୁର ସ.ଆଙ୍କ ନିକଟରେ ହାଜର ହୋଇଗଲେ । ହଜୁର ସ.ଆ ତାଙ୍କୁ ପ୍ରଶ୍ନ କଲେ ଘରେ କ'ଣ ଛାଡ଼ି ଆସିଛ । ସେ ଉତର ଦେଲେ ଅଲ୍ଲାଃ ଓ ତାଙ୍କ ରସୁଲଙ୍କୁ ଘରେ ଛାଡ଼ି ଆସିଛି । ହଜୁର ସ.ଆ କୁହନ୍ତି ଆରବର ଧନଶାଳୀ ବ୍ୟକ୍ତି ହେଉ ଅବା ଏକ କମ୍ବଳ ଘୋଡ଼ିଥିବା (ସାଧାରଣ) ବ୍ୟକ୍ତି, ସେ ସମସ୍ତେ ଅଲ୍ଲାଃଙ୍କ ମାର୍ଗରେ ପ୍ରାଣର ଆହୁତି ଦେଇଛନ୍ତି । ସେମାନଙ୍କ ସମ୍ବନ୍ଧରେ ଏହା ଲେଖା ରହିଛି କି ଖଣ୍ଡା ତଳେ ବୈକୁଣ୍ଠ ରହିଛି କିନ୍ତୁ ଆମ ପାଇଁ ସେପରି କଠିନତା ନାହିଁ କାରଣ ଆମମାନଙ୍କ ପାଇଁ **ୟଯଉଲ୍ ହରବ୍** ଆନିତ ଅର୍ଥାତ ମେହେଦିଙ୍କ ସମୟରେ ଯୁଦ୍ଧ ହେବ ନାହିଁ । ପୁଣି ସାହାବାଙ୍କ ଜୀବନର ନକ୍ସା ଟାଣି ହଜୁର ଆ.ସ କୁହନ୍ତି ଦେଖ ହଜରତ ମହମ୍ମଦ ସ.ଆଙ୍କ ସାହାବାମାନେ କ'ଣ ଐଶ୍ୱର୍ଯ୍ୟ ଓ ଖାଦ୍ୟ ପାନୀୟର ଅଭିଳାଷୀ ଥିଲେ ଯେ ଅମାନ୍ୟକାରୀଙ୍କ ଉପରେ ବିଜୟ ଲାଭ କଲେ । କ'ଣ ସେମାନେ କେବଳ ସୁବିଧା ଓ ସରଳ ମାର୍ଗ ଖୋଜୁଥିଲେ ତେଣୁ ଅମାନ୍ୟକାରୀଙ୍କ ଉପରେ ବିଜୟ ପ୍ରାପ୍ତ କରିନେଲେ । କଦାପି ନୁହେଁ, ପୂର୍ବ ପୁସ୍ତକମାନଙ୍କରେ ସେମାନଙ୍କ ସମ୍ବନ୍ଧରେ ଲେଖାଅଛି କି ସେମାନଙ୍କ ରାତି (ଅଲ୍ଲାଃଙ୍କୁ ସ୍ମରଣ ଓ ଗୁଣଗାନ କରିବାରେ) ଅତିବାହିତ ହେଉଥିବା ବେଳେ ଦିନ ଉପବାସରେ କଟୁଥିଲା ।

ହଜୁର ଅନଓ୍ୱର ଅ.ବ କହିଲେ- ସାହାବାଙ୍କର କିଭଳି ନମୁନା ଥିଲା ଯାହାକି ହଜୁର ସ.ଆଙ୍କ ପବିତ୍ର ଚରିତ୍ରର ପ୍ରଭାବରେ ସେମାନଙ୍କ ମଧ୍ୟରେ ଉତ୍ପନ୍ନ ହେଲା ତାହାର କିଛି ନମୁନା ଏଠାରେ ଉପସ୍ଥାପନ କରୁଅଛି-

ହଜରତ ଉମର ର.ଅଙ୍କ ନମ୍ରତାର ଏକ ଘଟଣା ଶୁଣନ୍ତୁ ଏକଦା ଜଣେ ବ୍ୟକ୍ତି ହଜରତ ଉମରଙ୍କୁ କହିଲେ ଆପଣ ହଜରତ ଅବୁବକରଙ୍କ ଠାରୁ ଶ୍ରେୟସ୍କର । ଏଥିରେ ଉମର ର.ଅଙ୍କ ଚକ୍ଷୁରୁ ଲୁହ ଝରିବା ଆରମ୍ଭ ହୋଇଗଲା । ସେ କହିଲେ ଅଲ୍ଲାଃଙ୍କ ରାଣ ! ହ. ଅବୁବକରଙ୍କର ଗୋଟିଏ ଦିନ ଓ ରାତି ଉମର ଓ ତାହାର ସନ୍ତାନମାନଙ୍କ ସମ୍ପୂର୍ଣ୍ଣ ଜୀବନଠାରୁ ଶ୍ରେୟସ୍କର । ସେ ତାଙ୍କୁ ଆହୁରି କହିଲେ ମୁଁ ତୁମକୁ ତାଙ୍କ ଦିବାରାତ୍ରିର ଅବସ୍ଥା ସମ୍ବନ୍ଧରେ ଅବଗତ କରିବି ? ଉକ୍ତ ବ୍ୟକ୍ତି ଜଣକ ପଚାରିବାରୁ ଆପଣ କହିଲେ ତାଙ୍କର (ବିଶେଷ)ରାତ୍ରି ତାହା ଥିଲା ଯେତେବେଳେ ସେ ହଜୁର ସ.ଆଙ୍କୁ ହିଜରତ୍ (ପଳାୟନ) କରିବାକୁ ପଡ଼ିଥିଲା ଏବଂ ହ.ଅବୁବକର୍ ତାଙ୍କ ସାଥିରେ ଥିଲେ ଏବଂ ତାଙ୍କର (ବିଶେଷ) ଦିନ ତାହା ଥିଲା ଯେତେବେଳେ ହଜୁର ସ.ଆଙ୍କର ଦେହାନ୍ତ ଘଟିଲା ଏବଂ ଆରବବାସୀ ନମାଜ ଓ ଜକାତ ଦେବାକୁ ମନା କରିଦେଲେ । ସେତେବେଳେ ସେ ମୋ ପରାମର୍ଶ ବିପରୀତ ଜେହାଦ୍ କରିବାର ନିଷ୍ପତି କରିନେଲେ ଏବଂ ଅଲ୍ଲାଃତାଲା ତାଙ୍କୁ କୃତକାର୍ଯ୍ୟ କରି ପ୍ରମାଣିତ କରିଦେଲେ କି ସେ ସତ୍‌ପଥରେ ପ୍ରତିଷ୍ଠିତ ଥିଲେ ।

ପୁଣି ହଜରତ ମହମ୍ମଦ ସ.ଆଙ୍କର ଆଉ ଜଣେ ବିଶିଷ୍ଟ ସାହାବା ହଜରତ ଉସମାନ୍ ଯେ ତୃତୀୟ ଖଲିଫା ମଧ୍ୟ ଥିଲେ । ହଜରତ ଆଏଶା କୁହନ୍ତି ହ. ଉସମାନ୍ ସବୁଠାରୁ ବଳି ଦୟାଳୁ ଓ ଅଲ୍ଲାଃଙ୍କୁ ସବୁଠାରୁ ଅଧିକ ଭଲ ପାଉଥିଲେ । ଯେତେବେଳେ ମସଜିଦ୍ ନବୀର ସଂପ୍ରସାରଣ କରିବାର ଘୋଷଣା ହେଲା ସେତେବେଳେ ହଜରତ ମହମ୍ମଦ ସ.ଆ କହିଲେ ଆଖପାଖ ସମସ୍ତ ଅଟ୍ଟାଳିକାଗୁଡ଼ିକୁ ମସଜିଦ୍‌ରେ ସାମିଲ୍ କର । ଏଥିନିମନ୍ତେ ସେମାନଙ୍କର ଘର କିଣିବା ଆବଶ୍ୟକ ଥିଲା ତେଣୁ ହ.ଉସମାନ୍ ସଙ୍ଗେସଙ୍ଗେ ୧୫ହଜାର ଦିରହମ୍ ଦେଇ ସେସବୁ କିଣି (ମସଜିଦ୍ ସକାଶେ) ପ୍ରଦାନ କରିଦେଲେ । ପୁଣି ମୁସଲମାନମାନଙ୍କୁ ପାନୀୟ ଜଳର ଆବଶ୍ୟକତା ପଡ଼ିଲା, ସେଠାରେ ଜଣେ ୟହୁଦିର କୂଅ ଥିଲା କିନ୍ତୁ ସେଠାରୁ ପାଣି ନେବା ପ୍ରତିବନ୍ଧ ଥିଲା । ସୁତରାଂ ଆପଣ ଉକ୍ତ ୟହୁଦିର ଇଚ୍ଛାମୁତାବକ ଅର୍ଥ ପ୍ରଦାନ କରି (ସେହି କୂଅ ମାଧ୍ୟମରେ) ମୁସଲମାନମାନଙ୍କ ପାନୀୟ ଜଳର ବ୍ୟବସ୍ଥା କରିଦେଲେ ।

ପୁଣି ହ.ଅଲ୍ଲୀ ର.ଅ ରହିଛନ୍ତି ଅମିର ମାଓ୍ୱିୟା ଜଣକୁ ଅଲ୍ଲୀଙ୍କ ସୁଗୁଣ ବର୍ଣ୍ଣନା କରିବାକୁ କହିଲେ ସେ କହିଲେ ଅଲ୍ଲୀ ସାହସି ଓ ଶକ୍ତିଶାଳୀ ବ୍ୟକ୍ତି ଥିଲେ, ସେ ସଠିକ୍ କଥା କହିବା ସହିତ ଜଣେ ନ୍ୟାୟ ବିଚାରକ ମଧ୍ୟ ଥିଲେ । ତାଙ୍କ ଅନ୍ତରରୁ ଜ୍ଞାନର ଝରଣା ଓ ପ୍ରତ୍ୟେକ ପାର୍ଶ୍ୱରୁ ରହସ୍ୟ ଝରୁଥିଲା । ସେ ସଂସାର ଏବଂ ତାହାର ଚାକଚକ୍ୟରେ ଭୟଭିତ ଥିଲେ କିନ୍ତୁ ରାତି ଓ ତାହାର ଏକାନ୍ତକୁ ଭଲପାଉଥିଲେ, ସେ ବହୁତ ଲୁହ ଝରାଇବା ଓ ଦିର୍ଘ ସମୟ ଚିନ୍ତାମଗ୍ନ ରହୁଥିଲେ । ସେ ଆମମାନଙ୍କ ମଧ୍ୟରେ ଅତ୍ୟନ୍ତ ସରଳ ଜୀବନ ଅତିବାହିତ କରୁଥିଲେ । ଉକ୍ତ ବ୍ୟକ୍ତି ଜଣକ ଆହୁରି କହିଲେ ଅଲ୍ଲାଃଙ୍କ ରାଣ ! ତାଙ୍କ ସହ ପ୍ରେମ ଓ ନିକଟବର୍ତୀ ହେବା ସତ୍ୱେ ତାଙ୍କ ଗାରିମା ଯୋଗୁଁ ତାଙ୍କ ସହ କଥାବାର୍ତା କରିବାରେ ଆମେ ସଙ୍କୋଚ ଅନୁଭବ କରୁନଥିଲୁ । ସେ ଧାର୍ମିକ ଲୋକମାନଙ୍କର ସମ୍ମାନ କରୁଥିଲେ ଏବଂ ଅଭାବି ଲୋକମାନଙ୍କୁ ନିଜ ନିକଟରେ ସ୍ଥାନ ଦେଉଥିଲେ । ଶକ୍ତିଶାଳୀକୁ ତାହାର ଭ୍ରମ ଧାରଣ (ଉପସ୍ଥାପନ କରିବା)ରେ ପ୍ରସୟ ଦେଉନଥିଲେ । ଅମିର ମାଓ୍ୱିୟା କହିଲେ ତୁମେ ସତ କହୁଛ ଏବଂ ତାଙ୍କ ଆଖିରୁ ଲୁହ ଝରିପଡ଼ିଲା ।

ହଜରତ ମସିହ ମଉଦ ଆ.ସ କୁହନ୍ତି ହଜରତ ମହମ୍ମଦ ସ.ଆ ଓ ସାହାବା

**ରିଜୱ୍ୱାନୁଲ୍ଲା ଆଲୈହିମ୍** ସମୟକୁ ଯଦି ଦେଖାଯାଏ ତେବେ ଜଣାଯାଇଥାଏ ଯେ ସେମାନେ ଅତ୍ୟନ୍ତ ସରଳ ଥିଲେ ଯେମିତି ଗୋଟିଏ ବାସନ ଘସିମାଜି ସ୍ୱଚ୍ଛ ଓ ଉଜ୍ୱଳ କରିଦିଆଯାଏ ସେହିପରି ସେମାନଙ୍କ ହୃଦୟ ଥିଲା ଯାହାକି ଅଲ୍ଲାଃଙ୍କ କଲାମର ପ୍ରକାଶରେ ଉଜ୍ୱଳିତ ଓ ଅସୁଧତାର କଳଙ୍କିରୁ ସମ୍ପୂର୍ଣ୍ଣ ରୂପେ ନିର୍ମଳ ଥିଲା । ଯେପରି **କଦ୍ ଅଫ୍‌ଲାହା ମନ୍ ତଜକ୍‌କା**ର ପ୍ରକୃତ ଦୃଷ୍ଟାନ୍ତ ଥିଲେ । ଆପଣ କୁହନ୍ତି ଯଦି ମଣିଷ ଏହିପରି ପବିତ୍ର ହୋଇଯାଏ ଏବଂ ନିଜକୁ ସମ୍ପୂର୍ଣ୍ଣ ରୂପେ ସ୍ୱଚ୍ଛ ଓ ଉଜ୍ୱଳ ବାସନ ପରି କରିଦିଏ ତେବେ ଅଲ୍ଲାଃଙ୍କ ପୁରସ୍କାର ତାହାକୁ ସୁନିଶ୍ଚିତ ଲାଭ ହେବ କିନ୍ତୁ ଏପରି କେତେ ଲୋକ ଅଛନ୍ତି ଯେ **କଦ୍ ଅଫ୍‌ଲାହା ମନ୍ ତଜକ୍‌କା**ର ଦୃଷ୍ଟାନ୍ତ ପ୍ରତିପାଦନ କରୁଛନ୍ତି ।

ସୁତରାଂ ଆମ୍ଭମାନଙ୍କୁ ଚେଷ୍ଟା କରିବା ଉଚିତ୍ ଯେ, ଆମ୍ଭେ ନିଜର ସୁଧାର କରିବା ଓ ନିଜ ବାସନକୁ ସ୍ୱଚ୍ଛ କରିବା । ଯେତେବେଳେ ଆମେ ହଜରତ ମହମ୍ମଦ ସ.ଆଙ୍କର ସଚ୍ଚୋଟ ଦାସ ହଜରତ ମସିହ ମଉଦ ଆ.ସଙ୍କୁ ସ୍ୱୀକାର କରିନେଲେ ତେବେ ଏସମସ୍ତ ଆଦେଶ ମୁତାବକ ଅମଳ କରିବାକୁ ଚେଷ୍ଟା କରିବା ଉଚିତ୍ । ଯାହାକି ହଜରତ ମସିହ ମଉଦ ଆ.ସ ବର୍ଣ୍ଣନା କରିଛନ୍ତି ତେବେଯାଇ ଆମେ ପ୍ରକୃତ ମୁସଲମାନ ହୋଇପାରିବା । ଅଲ୍ଲାଃତାଲା ଆମ୍ଭକୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

---

*ପୃଷ୍ଠା-୬ ର ଅବଶିଷ୍ଟାଂଶ.......*

way to peace ର ଅନୁବାଦ ଶିଘ୍ର ସମ୍ପୂର୍ଣ୍ଣ କରନ୍ତୁ । ଯେଉଁ ଦେଶରେ ଇଂରାଜୀ ଭାଷା ବୁଝିପାରନ୍ତି ସେଠାରେ ସ୍ଥାନୀୟ ଭାଷାରେ World Crisis and pathway to peace ର ଅନୁବାଦ କରିବା ଆବଶ୍ୟକ ନୁହେଁ । ଲୋକମାନେ ଇଂରାଜୀ ଭାଷାରେ ପଢ଼ିପାରୁଛନ୍ତି । ଏହିପରି ଫିନ୍‌ଲାଣ୍ଡ୍ ଦେଶରେ ମଧ୍ୟ ୯୫ ପ୍ରତିଶତ ଲୋକେ ଇଂରାଜୀ ବୁଝୁଛନ୍ତି । ଫାଂଟିରେ ଅନୁବାଦ କରବା ଆବଶ୍ୟକ ନାହିଁ । ଫିନଶ୍‌ରେ ମଧ୍ୟ ଆବଶ୍ୟକତା ନାହିଁ । Twi ଭାଷାରେ ମଧ୍ୟ ଅନୁବାଦର ଆବଶ୍ୟକତା ନାହିଁ । ବାକି ଅନ୍ୟ ସମସ୍ତଙ୍କୁ ଏବିଷୟରେ ମନେ ପକାଇଦିଅନ୍ତୁ । ଏଠାକୁ ଯେଉଁ ପ୍ରତିନିଧିମାନେ ଆସିଛନ୍ତି ସେମାନେ ଯଥାଶିଘ୍ର ନିଜ ନିଜର ଅମୀର୍‌ମାନଙ୍କୁ କୁହନ୍ତୁ ଯେ ଦୁଇ ସପ୍ତାହ ଭିତର ନିଜ ନିଜର ରିପୋର୍ଟ ପଠାନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଆଡିଶିନାଲ୍ ୱ୍ୱକିଲୁଲ୍ ଇଶାଅତ୍ ସାହେବଙ୍କୁ ନିର୍ଦ୍ଦେଶ କଲେ ଯେ ଯେଉଁ ସବୁ ପୁସ୍ତକ ଗୁଡିକ ଇଣ୍ଡିଆ ବା ପାକିସ୍ତାନ୍‌ରେ ଛପା ହୋଇପାରୁନାହିଁ । ସେଗୁଡ଼ିକର ଲିଷ୍ଟ୍ ମଗାନ୍ତୁ ଓ ଏଠାରେ ଛାପନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଯମାତି ଲିଟରେଚର ଗୁଡିକୁ ବିକ୍ରି କରିବା ପ୍ରସଙ୍ଗରେ ନିର୍ଦ୍ଦେଶ ଦେଲେ ଯେ- ଯମାତ୍ ଗୁଡିକ ଯେଉଁ ସବୁ ଲିଟରେଚର୍ ନେଉଅଛି ସେ ବିକ୍ରି ମଧ୍ୟ କରୁଛି ବା ଷ୍ଟୋର କରିଦେଉଛନ୍ତି । ଲାଇବ୍ରେରୀ ବ୍ୟତୀତ ମଧ୍ୟ ଆପଣଙ୍କ ପାଖକୁ ଅନ୍ୟ ସ୍ଥାନରୁ ରିପୋର୍ଟ ସବୁ ଆସିବା ଉଚିତ୍ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଲୋକମାନଙ୍କୁ ପୁସ୍ତକ କିଣିବାର ଅଭ୍ୟାସ ପକାନ୍ତୁ । ଆଜିକାଲି ଲୋକେ ଫୋନ୍ ଦ୍ୱାରା ପଢ଼ାପଢ଼ି କରୁଛନ୍ତି ତେଣୁ ପୁସ୍ତକ କିଣି ପଢୁନାହାଁନ୍ତି ।

ତବ୍‌ଲିଗ୍ ପ୍ରସଙ୍ଗରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ସାଧାରଣ ଉପଦେଶ ଦେଇ କହିଲେ ଯେ ପ୍ରତ୍ୟେକ ଦେଶମାନଙ୍କୁ ନିଜ ନିଜର ଅବସ୍ଥା ଦେଖି ତବ୍‌ଲିଗ୍‌ର ଭିନ୍ନ ଭିନ୍ନ ଶୈଳୀ ପ୍ରୟୋଗ ଓ ବ୍ୟବହାର କରିବା ଉଚିତ୍ ।

ମୁବଲ୍ଲିଗିନ୍ କରାମ ଓ ଯମାତ୍‌ର ୱ୍ୱହ୍‌ଦାଦାର୍‌ମାନଙ୍କ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ସହିତ ଏହି ମିଟିଂ ୫:୧୫ ରେ ଶେଷ ହେଲା । ଶେଷରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଦୁଆ କରାଇଲେ ।

ଦୁଆ କରାଇବା ପରେ ଏହି ମିଟିଂରେ ସାମିଲ୍ ହୋଇଥିବା ସମସ୍ତ ମୁବଲ୍ଲିଗିନ୍, ଅମୀର୍ ଓ ସଦର୍‌ମାନେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ହାସଲ କଲେ । ଫଟୋ ଉଠାଇବା ନିମନ୍ତେ ସମସ୍ତ ସଦସ୍ୟମାନଙ୍କୁ ନିମ୍ନଲିଖିତ ଗ୍ରୁପ୍ ଗୁଡିକରେ ବିଭାଜନ କରାଯାଇଥିଲା:- ଇଣ୍ଡିଆର ପ୍ରତିନିଧି, ତହ୍‌ରିକ୍ ଯଦିଦ୍ ରବ୍‌ବୁଆ ଓ ଖୁଦାମୁଲ୍ ଅହେମଦୀୟା (ପାକିସ୍ତାନ), ସଦର ଅଞ୍ଜୁମନ୍ ଅହେମଦୀୟା ରବ୍‌ୱ୍ୱାର ପ୍ରତିନିଧି ଓ ୱ୍ୱକ୍‌ଫେ ଯଦିଦ୍ ରବ୍‌ୱ୍ୱା, ଆଫ୍ରିକିୟ ମୁବଲ୍ଲିଗିନ୍ ଫରାସୀ ରାଷ୍ଟ୍ରଗୁଡିକ (ମରିସସ୍, କଙ୍ଗୋ କନ୍‌ସାସା, ବୁର୍କିନାଫାସୋ, ବୁରୁଣ୍ଡି, ଗିନି କନାକରି, ବେନିନ୍, ନାଇଜର୍, ଆଇଭରିକୋଷ୍ଟ, ଟୋଗୋ, ସିନିଗାଲ୍ ଓ କ୍ୟାମେରୁନ୍, ଅନ୍ୟ ଆଫ୍ରିକିୟ ଦେଶଗୁଡିକର ମୁବଲ୍ଲିଗ୍‌ମାନେ (ଘାନା, ତାନ୍‌ଜାନିଆ, ୟୁଗାଣ୍ଡା, ସିରିଆଲିଓନ୍, ନାଇଜେରିଆ, ଗାମ୍ବିଆ, ଜିମ୍ବାୱ୍ୱେ), ଜର୍ମାନୀର ମୁବଲ୍ଲିଗ୍‌ମାନେ, ବ୍ରିଟେନ୍‌ର ମୁବଲ୍ଲିଗ୍‌ମାନେ, ଜର୍ମାନୀ ବ୍ୟତୀତ ଅନ୍ୟ ୟୁରୋପୀୟ ଦେଶଗୁଡିକରୁ ଆସିଥିବା ମୁବଲ୍ଲିଗ୍‌ମାନେ, ମୁବଲ୍ଲିଗିନ୍ ସିଲ୍‌ସିଲା ଆମେରିକା, ଅଷ୍ଟ୍ରେଲିଆ, ମେକ୍‌ସିକୋ, ଗୋଟେମାଲା, ମାର୍ସଲ୍ ଆଇଲାଣ୍ଡ, ନିଉଜ୍‌ଲାଣ୍ଡ୍ ମାଇକ୍ରୋନେସିଆ, ମୁବଲ୍ଲିଗିନ୍ ସିଲ୍‌ସିଲା କାନାଡ଼ା, ବେଲିଜ୍ ଇକୁଆଡିଓର୍, ମୁବଲ୍ଲିଗିନ୍ ସିଲ୍‌ସିଲା ହେଇଟି, ଗୋଟେମାଲା, ଗୟାନା, ଫ୍ରେନ୍‌ଚ ଗୟାନା, ପାକିସ୍ତାନ ଓ ଇଣ୍ଡିଆ ବ୍ୟତୀତ ଏସିଆ ଦେଶ ଗୁଡିକରୁ (ଜାପାନ, କମ୍ବୋଡିଆ, ଇଣ୍ଡୋନେସିଆ, ମାଲେସିଆ, ବଙ୍ଗଳାଦେଶ, ସିଙ୍ଗାପୁର୍) ର ମୁବଲ୍ଲିଗ୍‌ମାନେ, ମର୍କଜୀ ଦଫ୍‌ତର୍ (ଓକାଲତେ ତବଶିର୍, ଓକାଲତେ ମାଲ୍, ଦଫ୍‌ତର୍ ପ୍ରାଇଭେଟ୍ ସେକ୍ରେଟାରୀ, ଓକାଲତେ ତାମିଲ୍ ୱ୍ୱ ତନ୍‌ଫିଜ୍, ଓକାଲତେ ଇଶାଅତ୍, ଓକାଲତେ ତସ୍‌ନିଫ୍) ରେ ଖିଦ୍‌ମତ୍ କରୁଥିବା ମୁଲ୍ଲିଗ୍‌ମାନେ, ମର୍କଜି ଡେସ୍କର ମୁବଲ୍ଲିଗ୍‌ମାନେ (ରସିଆନ୍, ଆରବୀକ୍, ବଙ୍ଗଳା, ଚାଇନିଜ୍, ତୁର୍କୀ), ଆର୍‌କାଇଭ୍ ବିଭାଗ, ଏମ୍.ଟି.ଏ, ରିଭିଉ ଅଫ୍ ରିଲିଜିଅନ୍‌ସ, ୱ୍ୱକ୍‌ଫେ ନୌ, ରକିମ୍ ପ୍ରେସ୍, ପ୍ରେସ୍ ଆଣ୍ଡ୍ ମିଡ଼ିଆ, ଖୁଦାମୁଲ୍ ଅହେମଦୀୟାରେ ଖିଦ୍‌ମତ୍ କରୁଥିବା ମୁବଲ୍ଲିଗିନ୍, ଯାମିଆ ଅହେମଦୀୟା ୟୁ.କେ ର ଶିକ୍ଷକଗଣ, ଯାମିଆ ଅହେମଦୀୟା କାନାଡ଼ାର ୨୦୧୭ ରେ ଉତୀର୍ଣ୍ଣ ହୋଇଥିବା ଶାହିଦ୍‌ଗଣ, ଯାମିଆ ଅହେମଦୀୟା ୟୁ.କେ ର ୨୦୧୭ ରେ ଉତୀର୍ଣ୍ଣ ହୋଇଥିବା ଶାହିଦ୍‌ଗଣ, ଯାମିଆ ଅହେମଦୀୟା ଜର୍ମାନୀର ୨୦୧୭ ରେ ଉତୀର୍ଣ୍ଣ ହୋଇଥିବା ଶାହିଦ୍‌ଗଣ । ଏତଦ୍‌ବ୍ୟତୀତ ଯାମିଆ ଅହେମଦୀୟା ରବ୍‌ୱ୍ୱାରୁ ୧୯୫୧ ମସିହାରେ ପାସ୍ ଆଉଟ୍ ହୋଇଥିବା ମୁବଲ୍ଲିଗ୍‌ଗଣ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବା ପାଇଁ ଦରଖାସ୍ତ କରିଥିଲେ ଯେ ଏବର୍ଷ ଜଲ୍‌ସାରେ ଏହି କ୍ଲାସ୍‌ର ମୁବଲ୍ଲିଗ୍‌ମାନେ ବିଭିନ୍ନ ସ୍ଥାନରୁ ଆସି ଏକାଠି ହୋଇଛନ୍ତି । ହଜୁର୍ ଅନୁୱ୍ୱର୍ ଅ:ବ:ଅ ବହୁତ ସ୍ନେହର ସହିତ ଏହାର ଅନୁମତି ପ୍ରଦାନ କଲେ ।

ଫଟୋ ଉଠାଇବାର ପ୍ରୋଗ୍ରାମ୍ ପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌କୁ ଚାଲିଗଲେ । ଠିକ୍ ୯ ଟା ସମୟରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ମସ୍‌ଜିଦ୍ ବଇତୁଲ୍ ଫଜଲ୍ ରେ ପହଂଚି ନମାଜ ମଗ୍‌ରିବ୍ ଓ ଇସା ଜମା କରି ପଢ଼ାଇଲେ ।

### ତକ୍‌ରିବେ ଇଶାଇୟା (ରାତ୍ରଭୋଜନର ଉତ୍ସବ)

ନମାଜ ପାଠ ପରେ ମିଟିଂରେ ସାମିଲ୍ ହୋଇଥିବା ସମସ୍ତ ମର୍କଜୀ ପ୍ରତିନିଧିଗଣ ଉମ୍‌ରା କରାମ୍, ପ୍ରତ୍ୟେକ ଦେଶର ନ୍ୟାସ୍‌ନାଲ୍ ସଦରାନ୍, ମୁବଲ୍ଲିଗିନ୍ କରାମ୍ ଓ ଅନ୍ୟାନ୍ୟ ଯମାତି ୱ୍ୱହ୍‌ଦାଦାର୍ ମାନଙ୍କ ନିମନ୍ତେ ରାତ୍ରଭୋଜନର ବ୍ୟବସ୍ଥା କରାଯାଇଥିଲା । ହଜୁର୍ ଅନୁୱ୍ୱର୍ ଅ:ବ:ଅ ବହୁତ ଶ୍ରଦ୍ଧା ଓ ସ୍ନେହର ସହିତ ଏହି ରାତ୍ର ଭୋଜନର ଉତ୍ସବରେ ଯୋଗଦେଲେ । ଓ ଏଠାରେ ସାମିଲ୍ ହୋଇଥିବା ପ୍ରତ୍ୟେକ ଲୋକେ ନିଜ ପ୍ରିୟ ଆକାଙ୍କ ସହିତ ରାତ୍ରଭୋଜନ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ରାତ୍ରଭୋଜନର ଏହି ପ୍ରୋଗ୍ରାମ୍ ରାତି ୧୦ ଟାରେ ଶେଷ ହେଲା । ଏହାପରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ ନିଜର ଆବାସ ସ୍ଥଳୀକୁ ଚାଲିଗଲେ । କ୍ରମଶଃ....

*(ବହୱ୍ୱାଲା ଅଖ୍‌ବାରେ ବଦର ୪-୧୧ ଜାନୁଆରୀ ୨୦୧୮)*

---

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ପାଇଁ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ୍ୟ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱ୍ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟର୍‌ନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

ଇସ୍‌ଲାମ୍ ଏବଂ ଜମାତ୍ ଅହେମଦୀୟା ବିଷୟରେ କୌଣସି ପ୍ରକାର ସୂଚନା ପାଇବା ପାଇଁ ସମ୍ପର୍କ କରନ୍ତୁ

ନୁରୁଲ୍ ଇସ୍‌ଲାମ୍‌ର ନିଃଶୁଳ୍କ ସେବା ନଂ:

୧୮୦୦ ୩୦୧୦ ୨୧୩୧

(ଶୁକ୍ରବାରକୁ ଛାଡ଼ି ପ୍ରତିଦିନ ସକାଳ ୯:୦୦ ରୁ ରାତି ୧୧:୦୦ ପର୍ଯ୍ୟନ୍ତ)

Web.www.alislam.org

www.ahmadiyyamuslimjamaat.in

ପୃଷ୍ଠା-୧୫ ର ଅବଶିଷ୍ଟାଂଶ.......

ଯଦି ମାସକୁ ଥରେ ବା ବର୍ଷକୁ ଥରେ ୱକ୍‌ଫେ ଯଦିଦ୍ ର ଓ ତହ୍‌ରିକେ ଯଦିଦ୍‌ର ସଠିକ୍ ଚାନ୍ଦା ଦେବେ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଅମୀର୍ ସାହେବ୍ ବେନିନ୍‌ଙ୍କୁ କହିଲେ-ଚାନ୍ଦାର ନିଜାମ୍‌ରେ ସମସ୍ତଙ୍କୁ ସାମିଲ୍ କରିବା ଉଚିତ୍ । ସେ ଅଳ୍ପ କିଛି ଦେଉନା କାହିଁକି । ସେମାନଙ୍କ ଭିତରେ ଏ ଭାବନା ସୃଷ୍ଟି କରାନ୍ତୁ ଯେ ଚାନ୍ଦା କୌଣସି ପ୍ରକାର ଟ୍ୟାକ୍‌ସ୍ ନୁହେଁ ବରଂ ଏଥିରେ କୁର୍‌ବାନୀ କରିବାର ଅଭ୍ୟାସ ପଡ଼ିଥାଏ । ମୋତେ ଟଙ୍କା ସହିତ କିଛି ସମ୍ପର୍କ ନାହିଁ । ମୋତେ ତ ସଂଖ୍ୟା ସହିତ ସମ୍ପର୍କ ରହିଛି । ସେ ଗୋଟିଏ ଫ୍ରାନ୍‌କ ଯଦି ଦେବାକୁ ଚାହାଁନ୍ତି ଦିଅନ୍ତୁ କିନ୍ତୁ ତାକୁ ଏହା ଅନୁଭବ ହେଉ ଯେ ଏହା ହେଉଛି ଏକପ୍ରକାର ମାଲି କୁର୍‌ବାନୀ । ଏହିପରି ନୌମୁବାଇନ୍‌ର ତର୍‌ବିୟତ୍ କରାଯାଇପାରିବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ-ଯେଉଁଠାରେ ବୟତ କରାଯାଉଛି ସେଠାରେ ବୟତ ହେବା ପରେ ସେମାନଙ୍କୁ Follow-up କରିବା ଉଚିତ୍ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ବୁର୍କିନାଫାସୋର ଅମୀର୍ ସାହେବଙ୍କୁ କହିଲେ- ନୌମୁବାଇନ୍‌ଙ୍କୁ ମାଲି ନିଜାମ୍‌ର ଅଂଶିଦାର ବନାନ୍ତୁ । ତେବେଯାଇ ସେମାନେ ନିଜେ ନିଜାମେ ଯମାତ୍‌ର ଅଂଶୀଦାର ହୋଇପାରିବେ । ତେଣୁ ମୁଁ କହିସାରିଛି ଯେ ଗୋଟିଏ ଫ୍ରାନ୍‌କ୍ ହେଉପଛେ ବା ତାଠାରୁ କମ୍ ହେଉ ପଛେ ସେମାନଙ୍କଠାରୁ ନିଅ, ଯେବେ ସେମାନଙ୍କୁ ମାଲି ନିଜାମ୍‌ରେ ଅଂଶୀଦାର କରିବା ପାଇଁ ଚେଷ୍ଟା କରିବେ । ତେବେ ପୁଣି ସେମାନଙ୍କ ସହିତ ସ୍ଥାୟୀ ସମ୍ପର୍କ ରହିବ ଓ ସେମାନଙ୍କୁ ମାଲି କୁର୍‌ବାନୀର ଅଭ୍ୟାସ ହୋଇଯିବ ଯେ ମାଲି କୁର୍‌ବାନୀ ମଧ୍ୟ ସେମାନଙ୍କ ଦୀନ୍‌ର ଏକ ଅଂଶ ଅଟେ । ଯାହା ହେଉ ଲୋକମାନଙ୍କର ସମ୍ପୃକ୍ତି ଅଧିକା ହେବା ଉଚିତ୍ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଯୁଗାଣ୍ଡାର ଅମୀର୍ ସାହେବ୍‌ଙ୍କୁ କହିଲେ ୱକ୍‌ଫେ ଯଦିଦ୍ ଏବଂ ତହିରିକ୍ ଯଦିଦ୍ ନିମନ୍ତେ ସମସ୍ତେ Eligible ଅଟନ୍ତି । ସେଥିରେ ସମସ୍ତଙ୍କୁ ସାମିଲ୍ କରନ୍ତୁ । ସେ ଗୋଟିଏ ସିଲଂ ଦିଅନ୍ତୁ ନା କାହିଁକି । ଏଥିରେ କୌଣସି ପ୍ରକାର ଫରକ ପଡ଼େନାହିଁ । କିନ୍ତୁ ସେମାନଙ୍କୁ ତେହ୍‌ରିକ୍ ଯଦିଦ୍ ଓ ୱ୍ୱପ୍‌ଫେ ଯଦିଦ୍‌ରେ ସାମିଲ୍ କରାଇବା ପାଇଁ ଚେଷ୍ଟା କରନ୍ତୁ ଓ ସେମାନଙ୍କର ଅଭ୍ୟାସରେ ପକାନ୍ତୁ । ସେମାନେ ବର୍ଷକୁ ଥରେ ମଧ୍ୟ ଦିଅନ୍ତୁ ନା କାହିଁକି, ତାହା ଯଥେଷ୍ଟ ହେବ । ଏହାଦ୍ୱାରା ସେମାନଙ୍କର ଯମାତ୍ ସହିତ ସମ୍ପର୍କ ରହିବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ଅମୀର୍ ସାହେବ୍ ସିରିଆଲିଓନ୍‌ଙ୍କୁ ସମ୍ବୋଧନ କରି କହିଲେ ଯେ ଆପଣ ନୌମୁବାଇନ୍‌ଙ୍କୁ ଚାନ୍ଦାର ନିଜାମ୍‌ରେ ସାମିଲ୍ କରିବା ପାଇଁ ଚେଷ୍ଟା କରୁଛନ୍ତି କି ? ନିଜର ଚେଷ୍ଟା ବିଷୟରେ କୁହନ୍ତୁ । ଫଳତଃ ଅନ୍ୟମାନେ ଏଥିରୁ ଲାଭ ଉଠାଇପାରିବେ ।

ଏଥିରେ ଅମୀର୍ ସାହେବ୍ ସିରିଆଲିଓନ୍ କହିଲେ- ଆମର ୧୨ଟି ରିଜିଅନ୍ ଅଛି । ଏଥର ଆମେ ପ୍ରତ୍ୟେକ ରିଜିଅନ୍‌ରେ ତିନୋଟି ଲେଖା ସେମିନାର୍ କରିଛୁ । ପାଖାପାଖି ୪୦୦ ନୌମୁବାଇନ୍ ଇମାମ୍ ମାନଙ୍କୁ ଟ୍ରେଣ୍ଡ୍ କରିଛୁ ଏବଂ ପ୍ରତି ତିନିମାସରେ ଥରେ କ୍ଲାସ୍ ଅନୁଷ୍ଠିତ କରୁଅଛୁ । ବର୍ତମାନ ଫିଲ୍‌ଡ୍‌ରେ ୧୨ଜଣ ମୁବଲ୍ଲିଗିନ୍ ଓ ଅଣଷଠି ଜଣ ସର୍କିଟ୍ ମିଶ୍‌ନାରୀ ଓ ୨୫୦ ଜଣ ଲୋକାଲ୍ ମୁଅଲ୍ଲିମିନ୍ କାର୍ଯ୍ୟରତ । ଆମର ୧୨୦୦ ପାଖାପାଖି ଯମାତ୍ ଅଛି । ଏମାନେ ସମସ୍ତେ ମିଳିମିଶି କାର୍ଯ୍ୟ କରୁଛନ୍ତି ଓ ଯମାତ୍‌ର ଦୌରା କାର୍ଯ୍ୟ କରୁଛନ୍ତି । ସେଥିଯୋଗୁ ଚାନ୍ଦାରେ ସାମିଲ୍ ହୋଇଥିବା ନୌମୁବାଇନ୍‌ଙ୍କର ସଂଖ୍ୟାରେ ବୃଦ୍ଧି ହେଉଅଛି ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ମିଟିଂ ସମୟରେ ଦେଶ ଗୁଡିକର ମିଶନ୍ ହାଉସ୍ ଯେଉଁଠାରେ ମର୍କଜି ମୁବଲ୍ଲିଗିନ୍ ନିୟୋଜିତ ଅଛନ୍ତି, ସେଠି ଲାଇବ୍ରେରିର ପ୍ରତିଷ୍ଠା ଓ ସେଗୁଡିକୁ ଅପ୍‌ଡେଟ୍ ରଖିବା ପ୍ରସଙ୍ଗରେ ପ୍ରତ୍ୟେକ ଦେଶର ବ୍ୟାପକ ରୂପେ ଅନୁଧ୍ୟାନ କଲେ ଏବଂ କିଛି ନିର୍ଦ୍ଦେଶ ଦେଇ କହିଲେ- ଯେଉଁ ସେଂଟର୍‌ମାନଙ୍କରେ ଲାଇବ୍ରେରି ପ୍ରତିଷ୍ଠା ହୋଇସାରିଛି ସେଠି ଲାଇବ୍ରେରି ଗୁଡିକୁ ଅପ୍‌ଡେଟ୍ ମଧ୍ୟ କରିବା ଉଚିତ୍ । ଅନେକ ପୁସ୍ତକ ପ୍ରକାଶ କରିଛି ସେଗୁଡ଼ିକୁ ମଧ୍ୟ ଲାଇବ୍ରେରିରେ ମଗାଇରଖନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ କାଦିଆନ୍ ବା ୟୁ.କେ ନିମନ୍ତେ ଯେଉଁସବୁ ନୁଆ ନୁଆ ପୁସ୍ତକ ଗୁଡିକ ପ୍ରକାଶିତ ହୋଇଛି ତା ମୁତାବକ ଅପ୍‌ଡେଟ୍ କରନ୍ତୁ । ଯେଉଁମାନେ ଇଂରାଜୀ ଓ ଆରବୀ ବୁଝୁଥିବା ଲୋକେ ଅଛନ୍ତି । ସେମାନଙ୍କ ପାଇଁ ମଧ୍ୟ ତାଙ୍କ ଭାଷାରେ ପ୍ରକାଶିତ ହୋଇଥିବା ନୂତନ ପୁସ୍ତକ ଗୁଡିକୁ ନେଇଯାଆନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ପୁଣି କହିଲେ ଯେ ଯଦି କାହାକୁ ଲାଇବ୍ରେରି ପ୍ରତିଷ୍ଠା କରିବା ପାଇଁ ବା ପୁସ୍ତକ ଗୁଡିକୁ ପାଇବା ପାଇଁ କୌଣସି ପ୍ରକାର ଅସୁବିଧା ହେଉଛି ତେବେ ସେମାନେ ମଧ୍ୟ କୁହନ୍ତୁ । ଯେଉଁଠାରେ ମର୍କଜୀ ମୁରବୀୟାନ୍ ଅଛନ୍ତି ସେଠାରେ ତ ଲାଇବ୍ରେରି ରହିବା ଉଚିତ୍ । ଯଦି ଲାଇବ୍ରେରୀ ଥିବ ତେବେ ଲାଭ ଉଠାଯାଇପାରିବ ଓ ପଢ଼ିବାର ଅଭ୍ୟାସ ମଧ୍ୟ ରହିବ । ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ଇଂରାଜୀରେ ଅନୁବାଦ ହୋଇଥିବା ଯେତେକ ପୁସ୍ତକ ଅଛି ସେଗୁଡିକୁ ସେଠାରେ ମଗାଇ ରଖନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଯେଉଁ ସବୁ ନୂତନ ପୁସ୍ତକ ଛପାଯାଉଛି ତା ମୁତାବକ ନିଜର ସୂଚୀପତ୍ରକୁ ଅପ୍‌ଡେଟ୍ କରନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ଯାମିଆରେ ପ୍ରତ୍ୟେକ ଭଲ୍ୟୁମ୍‌ର ଚାରିଟି ଲେଖାଏଁ ସେଟ୍ ରହିବା ଉଚିତ୍ । ପ୍ରତ୍ୟେକ ଖଣ୍ଡର ଚାରିଟି ଲେଖାଏଁ କପି ରହିବା ଉଚିତ୍ । ଏହିପରି ଯାଏଜା ନିଅନ୍ତୁ । ଫଜ୍‌ଲେ ଉମର୍ ଫାଉଣ୍ଡେସନ୍ ଓ ନଜାରତେ ଇଶାଅତ୍‌ଙ୍କ ଠାରୁ ବୁଝି ନିଅନ୍ତୁ । ସେହିପରି ବରାହିନେ ଅହେମଦୀୟାର ଯେଉଁ ଇଂରାଜୀ ଅନୁବାଦ ହୋଇଛି ତାଙ୍କୁ ମଧ୍ୟ ମଗାନ୍ତୁ । ସେହିପରି ତଫ୍‌ସିର୍ କବୀର୍‌ର ଆରବୀ ଅନୁବାଦ ପ୍ରକାଶିତ ହୋଇଯାଇଛି । ତାକୁ ମଧ୍ୟ ମଗାଇ ରଖନ୍ତୁ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ପଛବର୍ଷ ମଧ୍ୟ ସମସ୍ତ ମୁବଲ୍ଲିଗିନ୍‌ଙ୍କୁ କହିଥିଲି ଯେ ଲାଇବ୍ରେରି ଗୁଡିକ ସମ୍ପୂର୍ଣ୍ଣ କରନ୍ତୁ । ଲିଷ୍ଟ୍ ମଗାଇ ରଖନ୍ତୁ । ପୁଣି ହଜୁର୍ ଅନୁୱ୍ୱର୍ ଅ:ବ:ଅ ଆଡିଶିନାଲ୍ ୱ୍ୱକିଲୁଲ୍ ଇଶାଅତ୍ ବରାଏ ତର୍‌ସିଲ୍ ଙ୍କୁ ସମ୍ବୋଧନା କରି କହିଲେ- ଆପଣଙ୍କର କାମ ହେଉଛି ବିଭିନ୍ନ ଦେଶ ସହିତ ସମ୍ପର୍କ କରି ପ୍ରତ୍ୟେକ ମିଶନ୍‌କୁ ସେଟ୍ ପଠାନ୍ତୁ । ସ୍ଥାନୀୟ ଭାଷାରେ ଲିଟରେଚର୍ ବ୍ୟତୀତ ବାକି ସମସ୍ତ ପୁସ୍ତକର ସୂଚୀପତ୍ର ରହିବା ଉଚିତ୍ । ଏଠାରେ ଅନୁୱ୍ୱାରୁଲ୍ ୱ୍ୱଲୁମ୍ ପୁସ୍ତକ ପ୍ରକାଶ ହେଉନାହିଁ । ଖୁତ୍‌ବାତେ ମେହ୍‌ମୁଦ୍ ମଧ୍ୟ ପ୍ରକାଶ ହେଉନାହିଁ ଓ ବାକି ସବୁ ପୁସ୍ତକ ଗୁଡିକ ମଧ୍ୟ ଯେଉଁଗୁଡିକ କାଦିଆନ୍‌ରୁ ପ୍ରକାଶିତ ହେଉଅଛି ସେଗୁଡିକ ମଧ୍ୟ ନେଇ ସେମାନଙ୍କୁ ଲିଷ୍ଟ୍ ପଠାନ୍ତୁ । କାଦିଆନ୍‌ରୁ ପ୍ରତିନିଧି ଆସିଛନ୍ତି, ତାଙ୍କ ସହିତ ମିଟିଂ କରନ୍ତୁ । ତାଙ୍କଠାରୁ ଏ ସବୁ ବିଷୟ ବୁଝି ପୁସ୍ତକ ଗୁଡିକର ସୂଚୀ ପ୍ରତ୍ୟେକ ମିଶନ୍‌କୁ ପଠାନ୍ତୁ ଏବଂ ଚେକ୍ କରନ୍ତୁ ଯେ କେଉଁ କେଉଁ ପୁସ୍ତକ ଆପଣଙ୍କ ଲାଇବ୍ରେରିରେ ଅଛି ଓ କେଉଁ କେଉଁ ପୁସ୍ତକ ନାହିଁ । ପ୍ରତ୍ୟେକ ମିଶନ୍‌କ ସୂଚୀପତ୍ର ଯୋଗାଇଦେବା ହେଉଛି ଆପଣଙ୍କର କାମ । କାଦିଆନ୍‌ର ଏହା କାର୍ଯ୍ୟ ନୁହେଁ ବାହାର ଦେଶର ମିଶନ୍ ସହିତ ସେମାନେ ସମ୍ପର୍କ ରଖିବେ । ଏହି ସମ୍ପର୍କ ଏଠିକାର ଏଡ଼ିଶିନାଲ୍ ୱ୍ୱକିଲୁଲ୍ ଇଶାଅତ୍‌ଙ୍କୁ କରିବାକୁ ହେବ ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ବାଯମାତ ନମାଜ କାଏମ୍ କରିବା ପ୍ରସଙ୍ଗରେ ମଧ୍ୟ ବିଭିନ୍ନ ଦେଶରୁ ଆସିଥିବା ପ୍ରତିନିଧିଙ୍କ ଠାରୁ ଜାଏଜା ନେଲେ ଏବଂ ଆଉ କିଛି ଅଧିକା ପରାମର୍ଶ ମଧ୍ୟ ପ୍ରଦାନ କଲେ । ହଜୁର୍ ଅନୁୱ୍ୱର୍ ଅ:ବ:ଅ ଗୋଟିଏ ଗୁରୁତ୍ୱପୁର୍ଣ୍ଣ ହିଦାୟତ ଦେଇ କହିଲେ ଆପଣଙ୍କର ଯେତେଲୋକ ଚାନ୍ଦା ଦେଉଛନ୍ତି ତା ଠାରୁ ଅଧିକା ବାଯମାତ୍ ନମାଜ ପଢ଼ିବା ବାଲା ହେବା ଉଚିତ୍ । ହଜୁର୍ ଅନୁୱ୍ୱର୍ ଅ:ବ:ଅ ନମାଜ ସେଂଟର୍ ପ୍ରସଙ୍ଗରେ ସାଧାରଣ ନିର୍ଦ୍ଦେଶ ଗୁଡିକ ଦେଇ କହିଲେ ଯେଉଁ ଇଲାକାରେ ଅହେମଦୀମାନଙ୍କର ଘର ପାଖାପାଖି ଅଛି ସେଠାରେ କୌଣସି ଏକ ଘରେ ଏକତ୍ରିତ ହୋଇ ନମାଜ ପଢ଼ନ୍ତୁ । ପୁଣି ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ପ୍ରତ୍ୟେକ ଦେଶରେ ଓ ପ୍ରତ୍ୟେକ ମିଶନ୍‌ରେ ମିଶ୍‌ନାରୀମାନେ ଏ ଚେଷ୍ଟା କରନ୍ତୁ ଯେ ଯେଉଁ ଇଲାକାରେ ଲୋକେ ମସ୍‌ଜିଦ୍ ପର୍ଯ୍ୟନ୍ତ ଆସିପାରୁଛନ୍ତି ତେବେ ମସ୍‌ଜିଦ୍ ଆସନ୍ତୁ । ନଚେତ୍ ଆଖପାଖରେ ଥିବା କୌଣସି ଘରେ ଏକାଠି ହୋଇ ନମାଜ ପାଠ କରନ୍ତୁ । ଏହା ବହୁତ ଜରୁରୀ ଅଟେ । ପୁଣି ହଜୁର୍ ଅନୁୱ୍ୱର୍ ଅ:ବ:ଅ ବିଭିନ୍ନ ଦେଶମାନଙ୍କରେ ବଂଟାଯାଇଥିବା ଲିଫ୍‌ଲେଟ୍ ପ୍ରସଙ୍ଗରେ ମଧ୍ୟ ବ୍ୟାପକ ରୂପେ ଅନୁଧ୍ୟାନ କଲେ । ଅଲ୍ଲାଃତାଲାଙ୍କ ଦୟାବଳରୁ ସମଗ୍ର ଦୁନିଆର ବିଭିନ୍ନ ଦେଶଗୁଡିକରେ ବହୁତ ବଡ଼ ସଂଖ୍ୟାରେ ଲିଫ୍‌ଲେଟ୍‌ସ୍ ବଂଟନ କରାଯାଇଛି ଯଦ୍ୱାରା ଯମାତ୍‌ର ପରିଚୟ ଲକ୍ଷ୍ୟ ଲକ୍ଷ୍ୟ ଲୋକମାନଙ୍କ ନିକଟରେ ପହଂଚିଛି ।

ସ୍ୱିଡେନ୍‌ର ମୁବଲ୍ଲିଗ୍ ସାହେବ୍ ରିପୋର୍ଟ ଉପସ୍ଥାପନ କରି କହିଲେ ଯେ ଏବର୍ଷ ଲିଫ୍‌ଲେଟ୍‌ସ୍ ଛପାଇବାର କାର୍ଯ୍ୟକ୍ରମ ବହୁତ ଡେରି ହେଲା । ସେଥିପାଇଁ ଅଧିକ ସଂଖ୍ୟାରେ ଲିଫ୍‌ଲେଟ୍‌ସ ବଂଟାଯାଇପାରିଲା ନାହିଁ । ଏଥିରେ ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ ''ବାରମ୍ବାର ଏ ବିଷୟରେ ମନେପକାଇ ଦିଅନ୍ତୁ'' ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ମେକ୍‌ସିକୋ ଓ ଗୋଟେମାଲାରେ ବଂଟନ କରାଯାଇଥିବା ଲିଫ୍‌ଲେଟ୍‌ସ ପ୍ରସଙ୍ଗରେ ସେଠିକାର ମୁବଲ୍ଲିଗିନ୍‌ଙ୍କ ଠାରୁ ପଚାରି ବୁଝିଲେ ଯେ ଲିଫ୍‌ଲେଟ୍‌ସ୍ ବଂଟନ ଦ୍ୱାରା ଯମାତ୍‌ର ସକରାତ୍ମକ ପରିଚୟ ହୋଇପାରିଛି ବା ନୁହେଁ ? ଲୋକମାନେ ଆଗ୍ରହ ଦେଖାଉଛନ୍ତି ବା ନୁହେଁ ? ଏଥିରେ ମୁବଲ୍ଲିଗିନ୍ କହିଲେ ଯେ ଲିଫ୍‌ଲେଟ୍‌ସର ବଂଟନ ଯୋଗୁ ଲୋକମାନେ ବହୁତ ଆଗ୍ରହ ଦେଖାଉଛନ୍ତି ଏବଂ ଆମର ନୁଅ ନୁଆ ସମ୍ପର୍କ ମଧ୍ୟ ସ୍ଥାପନ ହେଉଛି ।

ହଜୁର୍ ଅନୁୱ୍ୱର୍ ଅ:ବ:ଅ ୱ୍ୱାକିଫିନେ ନୌ ପ୍ରସଙ୍ଗରେ ମଧ୍ୟ ବିଭିନ୍ନ ଦେଶଗୁଡିକର ଯାଏଜା ନେଲେ ଓ ଉପଦେଶ ଦେଇ କହିଲେ:- ମୁଁ କହିଥିଲି ଯେ ୱ୍ୱାକ୍‌ଫିନେ ନୌ ଦେଶର ଯାମିଆରେ ଶିକ୍ଷାଲାଭ କରନ୍ତୁ । ଆଫ୍ରିକା ର ପିଲାମାନେ ତାଙ୍କ ନିଜ ଯାମିଆରେ ପଢ଼ନ୍ତୁ । ସେହିପରି କାନାଡ଼ାକୁ ମଧ୍ୟ ଯାଇପାରିବେ । ପ୍ରତ୍ୟେକ ଦେଶର ଯେଉଁ ୱ୍ୱାକ୍‌ଫିନେ ନୌ ଅଛନ୍ତି ସେମାନେ ଲକ୍ଷ ଧାର୍ଯ୍ୟ କରନ୍ତୁ ଯେ ଏକ ପ୍ରତିଶତ ୱ୍ୱାକ୍‌ଫିନେ ନୌ ଙ୍କୁ ଜାମିଆରେ ଯାଇ ପଢ଼ିବାକୁ ହେବ । ମୁରବୀୟାନ୍‌ଙ୍କର ଅତ୍ୟଧିକ ଆବଶ୍ୟକତା ରହିଛି । ଯାହା ପୁରଣ ହୋଇପାରୁନାହିଁ । ଛୋଟ ଛୋଟ ଦେଶଗୁଡିକରେ ଏହି ଲକ୍ଷ୍ୟ ଅତି କମ୍‌ରେ ପାଂଚ ପ୍ରତିଶତ ହେବା ଉଚିତ୍ । ହଜୁର୍ ଅନୁୱ୍ୱର୍ ଅ:ବ:ଅ ୱକ୍‌ଫେ ନୌ ବିଭାଗର ଇନ୍‌ଚାର୍ଯ ମର୍କଜିଆ (ଲଣ୍ଡନ୍) କୁ ନିର୍ଦ୍ଦେଶ ଦେଇ କହିଲେ ମୋ ଠାରୁ ପ୍ରତ୍ୟେକ ଦେଶ ନିମନ୍ତେ ଅଲଗା ଅଲଗା ଟାର୍ଗେଟ୍ ଧାର୍ଯ୍ୟ କରାଇନିଅନ୍ତୁ ।

ପୁଣି ହଜୁର୍ ଅନୁୱ୍ୱର୍ ଅ:ବ:ଅ ପୁସ୍ତକ ଛପାଇବା ପ୍ରସଙ୍ଗରେ ଉପଦେଶ ଦେଇ କହିଲେ Five volume commentary ଶିଘ୍ର ଛପାଯିବା ଉଚିତ୍ । ଏହିପରି ହଜୁର୍ ଅନୁୱ୍ୱର୍ ଅ:ବ:ଅ ପୁସ୍ତକ World Crisis and pathway to peace ର ନୂଆ ଏଡ଼ିଶନ୍ ବିଭିନ୍ନ ଭାଷାରେ ଏହାର ଅନୁବାଦ ପ୍ରସଙ୍ଗରେ ହିଦାୟତ୍ ଦେଇ କହିଲେ- ଇଟାଲିଆନ୍ ଓ ଇଣ୍ଡୋନେସିଆନ୍ ଭାଷାରେ ମଧ୍ୟ World Crisis and path-

ଅବଶିଷ୍ଟାଂଶ ପୃଷ୍ଠା-୫ ରେ ଦେଖନ୍ତୁ.......

# ଖୁତ୍‌ବା ଜୁମା

★ ହଜରତ ମହମ୍ମଦ ସ.ଆଙ୍କର ଜଣେ ବିଶିଷ୍ଟ ସାହାବା ଥିଲେ ଶ୍ରୀମାନ ଅବୁ ଉବେଦା ବିନ୍ ଜରାହ୍ । ସାହାବି ହେବା ଦୃଷ୍ଟିରୁ ତାଙ୍କର ଏକ ମର୍ଯ୍ୟାଦା ଥିଲା, ସେ ଅନେକ ସୁଗୁଣର ଅଧିକାରୀ ମଧ୍ୟ ଥିଲେ କିନ୍ତୁ ତାଙ୍କର ବିଶ୍ୱସ୍ତ ହେବାର ସମ୍ବନ୍ଧରେ ହଜୁର ସ.ଆ ତାଙ୍କୁ ଯେଉଁ ମାନପତ୍ର ପ୍ରଦାନ କରିଛନ୍ତି ତାହାର ଚର୍ଚ୍ଚା ଏପରି ରହିଛି କି ନଜରାନ୍‌ର ଏକ ଦଳ ଯେତେବେଳେ ନିଜ ଅଂଚଳର ବାସିନ୍ଦାଙ୍କଠାରୁ ଟିକସ ଆଦାୟ କରିବା ପାଇଁ କାହାରିକୁ ପ୍ରେରଣ କରିବାର ନିବେଦନ କଲେ ସେତେବେଳେ ହଜୁର ସ.ଆ କହିଲେ ମୁଁ ତୁମମାନଙ୍କ ନିକଟକୁ ନିଶ୍ଚିତ ରୂପେ ଜଣେ ଏପରି ବ୍ୟକ୍ତିକୁ ପ୍ରଦାନ କରିବି ଅର୍ଥାତ ଜଣେ ଏପରି ବିଶ୍ୱସ୍ତ ଯେ ପୂର୍ଣ୍ଣ ବିଶ୍ୱସ୍ତ ଅଟନ୍ତି ।

★ ସେତେବେଳେ ସାହାବାମାନେ ମୁଣ୍ଡ ଉଠାଇ ଉଠାଇ ଦେଖୁଥିଲେ ଯେ, ସେ ଭାଗ୍ୟବାନ କିଏ ଯାହାକୁ ହଜୁର ସ.ଆ ଏହି ସମ୍ମାନ ପ୍ରଦାନ କରୁଛନ୍ତି । ହଜୁର ସ.ଆ କହିଲେ ଅବୁଉବେଦା ଛିଡ଼ା ହୋଇଯାଅ ଏବଂ ହଜୁର ତାଙ୍କୁ ନଜରାନ୍ ଯିବାର ନିର୍ଦ୍ଦେଶ ଦେଲେ । ତାଙ୍କ ସମ୍ବନ୍ଧରେ ହଜୁର ସ.ଆଙ୍କର ଯେଉଁ ତଥ୍ୟ ରହିଛି ହ. ଅନସ୍ ର.ଅ କୁହନ୍ତି ହଜୁର ସ.ଅ କହିଲେ- ପ୍ରତ୍ୟେକ ସମ୍ପ୍ରଦାୟର ଜଣେ ବିଶ୍ୱସ୍ତ ବ୍ୟକ୍ତି ଥାନ୍ତି ଏବଂ ହେ ମୋର ସମ୍ପ୍ରଦାୟ ! ଆମର ବିଶ୍ୱସ୍ତ ଉବେଦାଃ ବିନ୍ ଜରାହ୍ ଅଟନ୍ତି । ଦେଖ କିଭଳି ମହାନ ସମ୍ମାନ ଯାହାକି ହଜୁର ସ.ଆ ଆପଣଙ୍କୁ ପ୍ରଦାନ କଲେ ।

★ ଆଜି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନ୍ୟାୟ ଆଚରଣ ଓ ଅମାନତ୍‌ର କର୍ତ୍ତବ୍ୟ ସମ୍ପାଦନ କରିବା ସର୍ତ୍ତ ଅଟେ । ନା କି ଶକ୍ତିଶାଳୀ ରାଷ୍ଟ୍ରମାନଙ୍କର ଦୁର୍ବଳ ରାଷ୍ଟ୍ରମାନଙ୍କୁ ବାଧ କରିବାରେ କି ଆମ ଇଚ୍ଛା ମୁତାବକ କାର୍ଯ୍ୟ କର ନଚେତ୍ ତୁମ ବିରୋଧରେ ଆମେ ପଦକ୍ଷେପ ନେବୁ । ଅନେକ ମୁସଲମାନ ରାଷ୍ଟ୍ରରେ ଜନସାଧରଣଙ୍କ ଠାରୁ ଟିକସ ଆଦାୟ କରାଯାଇ ସେମାନଙ୍କ ବିକାଶରେ ଖର୍ଚ୍ଚ କରିବା ପରିବର୍ତ୍ତେ ଅଧିକାଂଶ ଲିଡ଼ରମାନେ ନିଜ ରାଜକୋଷ ଭରୁଛନ୍ତି ଏବଂ **ହୁବ୍‌ବେ ରସୁଲ୍** ଓ ସାହାବାଙ୍କୁ ପ୍ରେମ କରିବାର ସ୍ଲୋଗାନ ଦେଉଛନ୍ତି ।

★ ହ. ଉସେଦ୍ ବିନ୍ ହଜିର ଅନସାରୀ ହ. ମୁସଅବ୍‌ଙ୍କ ମାଧ୍ୟମରେ ମୁସଲମାନ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ତାଙ୍କ ଆଧ୍ୟାତ୍ମିକତାର ସ୍ତର ସମ୍ବନ୍ଧରେ ଲେଖାଅଛି କି ସେ ସ୍ୱୟଂ କୁହନ୍ତି ମୋର ତିନି ଗୋଟି ଅବସ୍ଥା ଏପରି ଅଟେ ଯାହା ମଧ୍ୟରୁ କୌଣସି ଗୋଟିକରେ ପ୍ରତିଷ୍ଠିତ ରହିଲେ ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବି । **ପ୍ରଥମ** ଏହି କି ଯେ, ଯେତେବେଳେ ମୁଁ ପବିତ୍ର କୋରାନ ପାଠ କରେ ଅବା ଅନ୍ୟ କେହି କରୁଥିବାର ଶୁଣେ ସେତେବେଳେ ଯେପରି ମୋର ଭୟର ଅବସ୍ଥା ରହିଥାଏ । ଯଦି ମୋର ସେହି ଅବସ୍ଥା ସର୍ବଦା ଅପରିବର୍ତ୍ତୀତ ରୁହନ୍ତା ତେବେ ମୁଁ ନିଜକୁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଗଣନା କରନ୍ତି ।

★ **ଦ୍ୱିତୀୟ** ଅବସ୍ଥା ଯେତେବେଳେ ହଜୁର ସ.ଆ ଉପଦେଶ ଦିଅନ୍ତି ତାହା ମୁଁ ଅତ୍ୟନ୍ତ ମନଯୋଗର ସହିତ ଶୁଣେ ସେତେବେଳେ ମୋର ଅବସ୍ଥା ଯେପରି ରହିଥାଏ ଯଦି ତାହା ସର୍ବଦା ରୁହନ୍ତା ତେବେ ମୁଁ ବୈକୁଣ୍ଠ ପ୍ରାପ୍ତ କରିନିଅନ୍ତି । **ତୃତୀୟ** ଅବସ୍ଥା ଯେତେବେଳେ ମୁଁ କୌଣସି ଜନାଯାଃରେ ଉପସ୍ଥିତ ହୋଇଥାଏ ସେତେବେଳେ ମୋର ଅବସ୍ଥା ଏପରି ହୋଇଥାଏ ଯେମିତି ମୋର ହିଁ ଜନାଯାଃ ଯାଉଛି ଏବଂ ନମାଜ ଜନାଯାଃ ପାଠ କରାଯାଉଅଛି । ଯଦି ଏହି ଅବସ୍ଥା ଚିରସ୍ଥାୟୀ ହୁଅନ୍ତା ତେବେ ମୁଁ ନିଜକୁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଗଣନା କରନ୍ତି ।

★ ତେବେ ଏସବୁ ସେହି ପୂର୍ଣ୍ଣ ଈଶ୍ୱର ଭୟର ଅବସ୍ଥା ଯାହାକି ମଣିଷ ଅଲ୍ଲାଃଙ୍କୁ ଭୟ କରିବା କଥା ମନେପକାଇ ଦେଇଥାଏ ଏବଂ ମଣିଷ ଉତମ କର୍ମ କରିବା ପ୍ରତି ମନଯୋଗ କରିଥାଏ ତଥା ପ୍ରତ୍ୟେକ ମୁହୂର୍ତ୍ତରେ ଅଲ୍ଲାଃଙ୍କୁ ସ୍ମରଣ କରିଥାଏ । ଯେପର୍ଯ୍ୟନ୍ତ ଏହି ପ୍ରଶ୍ନ ରହିଛି କି ଏପରି ଅବସ୍ଥା ରହିଲେ ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବି ଏହି ଭାବନା ହିଁ ପ୍ରମାଣିତ କରୁଅଛି କି ସେ ନିଶ୍ଚିତ ଭାବରେ ବୈକୁଣ୍ଠବାସୀ ଥିଲେ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିଥିଲେ ।

★ ଅଲ୍ଲାଃତାଲା ସେହି ପ୍ରଜ୍ୱଳିତ ନକ୍ଷେତ୍ରମାନଙ୍କ ପଦାଙ୍କ ଅନୁସରଣ କରି ଅଲ୍ଲାଃ ଓ ରସୁଲଙ୍କ ସହ ପ୍ରେମ କରିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମର ପ୍ରତ୍ୟେକ ଅମଳ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହେଉ ।

★ ହଜୁର ଅନଓ୍ୱର ଅ.ବ କହିଲେ- ନମାଜ ପାଠ କରିବା ପରେ ମୁଁ ଏକ ନମାଜ ଜନାଯାଃ ଗାଏବ ମଧ୍ୟ ପାଠ କରିବି ଯାହାକି ଶ୍ରୀମତି ଅରିଶା ଡ଼େଫିନ୍ ଥୋଲର୍ ସାହେବାଃ ସ୍ୱାମୀ ଫହିମ୍ ଡ଼େଫିନ୍ ଥୋଲର୍ ସାହେବ ହଲାଣ୍ଡଙ୍କର ଅଟେ ଯେ ଆଜିକାଲି ବେନିନ୍‌ରେ ରହୁଛନ୍ତି । ଚଳିତ ମାସ ୧୧ ତାରିଖ ଦିନ ବେନିନ୍‌ଠାରେ ହଠାତ୍ ହୃଦଘାତ ହେବା ଯୋଗୁଁ ୬୨ ବର୍ଷ ବୟସରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ଓ୍ୱ ଇନ୍ନା ଇଲୈହି ରାଜେଉନ ।**

## ସାରାଂଶ ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ [ଅ.ବ]
## (ପ୍ରଦତ୍ତ: ୨୨ ଡିସେମ୍ବର ୨୦୧୭ ଅନୁଯାୟୀ ୨୨ ଫତାଃ ୧୩୯୬ ହିଜ୍‌ରି ଶମ୍‌ସି)

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهُ لَا شَرِيْكَ لَهُ وَأَشْهَدُ أَنَّ مُحَمَّدًا عَبْدُهُ وَرَسُوْلُهُ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ - بِسْمِ اللّٰهِ الرَّحْمٰنِ الرَّحِيْمِ
اَلْحَمْدُ لِلّٰهِ رَبِّ الْعٰلَمِيْنَ. اَلرَّحْمٰنِ الرَّحِيْمِ. مٰلِكِ يَوْمِ الدِّيْنِ. إِيَّاكَ نَعْبُدُ وَإِيَّاكَ نَسْتَعِيْنُ.
اِهْدِنَا الصِّرَاطَ الْمُسْتَقِيْمَ. صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ.

ତଶହୁଦ୍, ତଉଜ ଏବଂ ସୁରେ ଫାତିହାର ଆବୃତି କରିବା ପରେ ହଜୁର ଅନଓ୍ୱର ଅ:ବ କହିଲେ- ଗତ ଖୁତବାରେ ମୁଁ ସାହାବା ର.ଅଙ୍କର ଅସ୍ତିତ୍ୱ, ସୁଗୁଣ ଓ (ସୁନ୍ଦର)ନମୁନା ସମ୍ବନ୍ଧରେ ଚର୍ଚ୍ଚା କରିବା ସହିତ କେତେକ ସାହାବାଙ୍କ ଜୀବନି ମଧ୍ୟ ଚର୍ଚ୍ଚା କରିଥିଲି । ଆଉ ମଧ୍ୟ କିଛି (ସାହାବାଙ୍କ) ଜୀବନି ଚର୍ଚ୍ଚା କରିବାକୁ ଚାହୁଁଥିଲି କିନ୍ତୁ ସମୟ ଅଭାବରୁ ତାହା ସମ୍ଭବ ହୋଇପାରି ନଥିଲା । ପରେ ଲୋକମାନଙ୍କ ପତ୍ରରୁ ମୁଁ ଅନୁଭବ କଲି କି ଯେଉଁ ନୋଟ ମୁଁ ଜମା କରିଥିଲି ଅତି କମ୍‌ରେ ତାହାର ହିଁ ଚର୍ଚ୍ଚା କରିଦିଏ ଯଦ୍ୱାରା ସମସ୍ତେ ସାହାବାଙ୍କ ଅବସ୍ଥା ସମ୍ବନ୍ଧରେ ଅବଗତ ହେବା ସହିତ ସେମାନଙ୍କ ବଳିଦାନ ସମ୍ପର୍କରେ ମଧ୍ୟ ଅବଗତ ହୋଇପାରିବେ ସେହିପରି ସେମାନଙ୍କ (ଉତମ) ନମୁନା ପ୍ରତି ଆମର ଧ୍ୟାନ ଆକର୍ଷିତ ହେବ । ତେଣୁ ଆଜି ମୁଁ ସେହି ବିଷୟ ଚର୍ଚ୍ଚା କରିବା ଜାରି ରଖୁଅଛି, ହଜରତ ମହମ୍ମଦ ସ.ଆଙ୍କର ଜଣେ ବିଶିଷ୍ଟ ସାହାବା ଥିଲେ ଶ୍ରୀମାନ ଅବୁ ଉବେଦା ବିନ୍ ଜରାହ୍ । ସାହାବି ହେବା ଦୃଷ୍ଟିରୁ ତାଙ୍କର ଏକ ମର୍ଯ୍ୟାଦା ଥିଲା, ସେ ଅନେକ ସୁଗୁଣର ଅଧିକାରୀ ମଧ୍ୟ ଥିଲେ କିନ୍ତୁ ତାଙ୍କର ବିଶ୍ୱସ୍ତ ହେବାର ସମ୍ବନ୍ଧରେ ହଜୁର ସ.ଆ ତାଙ୍କୁ ଯେଉଁ ମାନପତ୍ର ପ୍ରଦାନ କରିଛନ୍ତି ତାହାର ଚର୍ଚ୍ଚା ଏପରି ରହିଛି କି ନଜରାନ୍‌ର ଏକ ଦଳ ଯେତେବେଳେ ନିଜ ଅଂଚଳର ବାସିନ୍ଦାଙ୍କଠାରୁ ଟିକସ ଆଦାୟ କରିବା ପାଇଁ କାହାରିକୁ ପ୍ରେରଣ କରିବାର ନିବେଦନ କଲେ ସେତେବେଳେ ହଜୁର ସ.ଆ କହିଲେ ମୁଁ ତୁମମାନଙ୍କ ନିକଟକୁ ନିଶ୍ଚିତ ରୂପେ ଜଣେ ଏପରି ବ୍ୟକ୍ତିକୁ ପ୍ରଦାନ କରିବି ଅର୍ଥାତ ଜଣେ ଏପରି ବିଶ୍ୱସ୍ତ ଯେ ପୂର୍ଣ୍ଣ ବିଶ୍ୱସ୍ତ ଅଟନ୍ତି । ସେତେବେଳେ ସାହାବାମାନେ ମୁଣ୍ଡ ଉଠାଇ ଉଠାଇ ଦେଖୁଥିଲେ ଯେ, ସେ ଭାଗ୍ୟବାନ କିଏ ଯାହାକୁ ହଜୁର ସ.ଆ ଏହି ସମ୍ମାନ ପ୍ରଦାନ କରୁଛନ୍ତି । ହଜୁର ସ.ଆ କହିଲେ ଅବୁଉବେଦା ଛିଡ଼ା ହୋଇଯାଅ ଏବଂ ହଜୁର ତାଙ୍କୁ ନଜରାନ୍ ଯିବାର ନିର୍ଦ୍ଦେଶ ଦେଲେ । ତାଙ୍କ ସମ୍ବନ୍ଧରେ ହଜୁର ସ.ଆଙ୍କର ଯେଉଁ ତଥ୍ୟ ରହିଛି ହ. ଅନସ୍ ର.ଅ କୁହନ୍ତି ହଜୁର ସ.ଅ କହିଲେ- ପ୍ରତ୍ୟେକ ସମ୍ପ୍ରଦାୟର ଜଣେ ବିଶ୍ୱସ୍ତ ବ୍ୟକ୍ତି ଥାନ୍ତି ଏବଂ ହେ ମୋର ସମ୍ପ୍ରଦାୟ ! ଆମର ବିଶ୍ୱସ୍ତ ଉବେଦାଃ ବିନ୍ ଜରାହ୍ ଅଟନ୍ତି । ଦେଖ କିଭଳି ମହାନ ସମ୍ମାନ ଯାହାକି ହଜୁର ସ.ଆ ଆପଣଙ୍କୁ ପ୍ରଦାନ କଲେ ।

ତାଙ୍କର ନମ୍ର ଆଚରଣ, ଅନ୍ୟକୁ ସାହାଯ୍ୟ କରିବା ଏବଂ ବୁଦ୍ଧିମାନୀର ସହିତ ମାମଲା ନିୟନ୍ତ୍ରଣ କରିବା ସମ୍ବନ୍ଧରେ ଲେଖାଅଛି କି ଗୋଟିଏ ଯୁଦ୍ଧରେ ହଜୁର ସ.ଆ ଉମର ବିନ୍ ଆସଙ୍କୁ ସେନାଧକ୍ଷ କରି ପ୍ରେରଣ କଲେ । ସେଠାରେ ପହଂଚିବା ପରେ ଜଣାଗଲା ଶତ୍ରୁର ସଂଖ୍ୟା ଢେର ଅଧିକ ରହିଛି । ମୁସଲମାନମାନଙ୍କ ସେନାବାହିନୀରେ ଅଧିକାଂଶ ଗାଉଁଲି (ଶ୍ରେଣୀର ଲୋକ)ଥିଲେ, ପଳାୟନକାରୀ (ମୁହାଜିର୍) ଓ ଅଭିଜ୍ଞ ସାହାବା ସଂଖ୍ୟା କମ୍ ଥିଲା । ତେଣୁ ଉମର ବିନ୍ ଆସ୍ ଅଧିକ ସୈନ୍ୟ ମଗାଇଲେ ହଜୁର ସ.ଆ ହ. ଅବୁ ଉବେଦାଃଙ୍କ ନେତୃତ୍ୱରେ ଗୋଟିଏ ଦଳ ପ୍ରେରଣ କଲେ ଏବଂ ଅବୁ

ଉବେଦାଃଙ୍କୁ ଉପଦେଶ ଦେଲେ କି ଉଭୟ ନେତୃବୃନ୍ଦ ପାରସ୍ପରିକ ସହମତିକ୍ରମେ କାର୍ଯ୍ୟ କରିବ । କିନ୍ତୁ ଉମର ବିନ୍ ଆସ୍ ସହାୟତାରେ ଆସିଥିବା ସୈନ୍ୟଦଳଙ୍କୁ ନିଜ ଅଧିନ ମନେକରି ସିଧାସଳଖ ଭାବରେ ସେମାନଙ୍କୁ ନିର୍ଦ୍ଦେଶ ଦେବା ଆରମ୍ଭ କରିଦେଲେ । ଏଥିରେ ହ. ଅବୁଉବେଦାଃ କୌଣସି ଯୁକ୍ତିରେ ନପଡ଼ି କହିଲେ ଯଦିଓ ହଜୁର ସ.ଆ ମୋତେ ଏକ ସ୍ୱାଧିନ ଅମିର କରି ପଠାଇଛନ୍ତି କିନ୍ତୁ ତତ୍ ସହିତ ଏହା ମଧ୍ୟ ନିର୍ଦେଶ ଦେଇଛନ୍ତି କି ପାରସ୍ପରିକ ସାହାଯ୍ୟ ସହାୟତାରେ କାର୍ଯ୍ୟ କରିବ । ସୁତରାଂ ମୋ ତରଫରୁ ଆପଣଙ୍କୁ ସାହାଯ୍ୟ ସାହାୟତ ହିଁ ମିଳିବ ତେଣିକି ଆପଣ ମୋ କଥା ସ୍ୱୀକାର କରନ୍ତୁ ଅବା ନକରନ୍ତୁ କିନ୍ତୁ ମୁଁ ଆପଣଙ୍କର ସମସ୍ତ କଥା ସ୍ୱୀକାର କରିବି ।

ସୁତରାଂ ଏହା ଅଟେ ପରିସ୍ଥିତି ଅନୁଯାୟୀ ସଠିକ୍ ନିଷ୍ପତି ନେଇ ମୁସଲମାନମାନଙ୍କ ଶକ୍ତିକୁ ସୁଦୃଢ଼ କରିବା ନିମନ୍ତେ ନିଜ ଅଧିକାରର ବଳିଦେବା ଏବଂ ଏପରି ପରସ୍ପରକୁ ସାହାଯ୍ୟ ସହାୟତା କରିବା ଦ୍ୱାରା ହିଁ ମୁସଲମାନମାନଙ୍କ ଶକ୍ତି ବିଶାଳ ଶକ୍ତିରେ ପରିଣତ ହୋଇପାରିବ ଯାହାର ଆଜି ମୁସଲମାନମାନଙ୍କୁ ଆବଶ୍ୟକତା ରହିଛି । ସମ୍ଭବତଃ ମୁସଲମାନ ଲିଡ଼ରମାନଙ୍କୁ ପରସ୍ପର ସହ ସାହାଯ୍ୟ ସହଯୋଗରେ କାର୍ଯ୍ୟ କରିବା କଥା ବୁଝିପାରନ୍ତେ ।

ଆଜି ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନ୍ୟାୟ ଆଚରଣ ଓ ଅମାନତ୍‌ର କର୍ତବ୍ୟ ସମ୍ପାଦନ କରିବା ସର୍ତ ଅଟେ । ନା କି ଶକ୍ତିଶାଳୀ ରାଷ୍ଟ୍ରମାନଙ୍କର ଦୁର୍ବଳ ରାଷ୍ଟ୍ରମାନଙ୍କୁ ବାଧ କରିବାରେ କି ଆମ ଇଚ୍ଛା ମୁତାବକ କାର୍ଯ୍ୟ କର ନଚେତ୍ ତୁମ ବିରୋଧରେ ଆମେ ପଦକ୍ଷେପ ନେବୁ । ଅନେକ ମୁସଲମାନ ରାଷ୍ଟ୍ରରେ ଜନସାଧରଣଙ୍କ ଠାରୁ ଟିକସ ଆଦାୟ କରାଯାଇ ସେମାନଙ୍କ ବିକାଶରେ ଖର୍ଚ୍ଚ କରିବା ପରିବର୍ତେ ଅଧିକାଂଶ ଲିଡ଼ରମାନେ ନିଜ ରାଜକୋଷ ଭରୁଛନ୍ତି ଏବଂ **ହୁବ୍‌ବେ ରସୁଲ୍** ଓ ସାହାବାଙ୍କୁ ପ୍ରେମ କରିବାର ଶ୍ଲୋଗାନ ଦେଉଛନ୍ତି ।

ଆଉ ଜଣେ ସାହାବା ହଜରତ ଅବ୍‌ବାସ ର.ଅ ଯେ ହଜୁର ସ.ଆଙ୍କର ଚଚା ଥିଲେ, ସେ ଉଦାରତା ଓ ଦୟା ଆଚରଣ କରିବାରେ ସୁପ୍ରସିଦ୍ଧ ଥିଲେ । ହଜୁର ସ.ଆ କହିଲେ ଅବ୍‌ବାସ କୁରୈଶଙ୍କ ମଧ୍ୟରେ ସବୁଠାରୁ ଅଧିକ ଦାନି ଓ ଦୟାଳୁ ଅଟନ୍ତି । ଏକଥା ଶୁଣି ହଜରତ ଅବ୍‌ବାସ ନିଜର ୭୦ଜଣ ଦାସ ମୁକ୍ତ କରିଦେଲେ । ଏହା ଥିଲା ସେହି ଲୋକମାନଙ୍କ ବଳୀଦାନର ସ୍ତର ।

ପୁଣି ହ. ଜାଫର୍ ର.ଅ ଯେ ହଜୁର ସ.ଆଙ୍କର ଚଚା ପୁଅ ଭାଇ ତଥା ହ. ଅଲ୍ଲୀଙ୍କର ନିଜ ଭାଇ ଥିଲେ । ସେ ମଧ୍ୟ ଇସଲାମର ପ୍ରାରମ୍ଭିକ ସମୟରେ ବିଶ୍ୱାସ ଆଣିବାର ସୌଭାଗ୍ୟ ଅର୍ଜନ କରିଥିଲେ ଏବଂ ମକ୍କାବାସୀଙ୍କ କଷ୍ଟ ସହ୍ୟକରି ନପାରି ହବ୍‌ସା ପଳାୟନ କରିଥିଲେ । ମକ୍କାବାସୀ ଯେତେବେଳେ ଏକଥା ଜାଣିଲେ ସେମାନେ ନିଜର ଦୁଇ ଜଣ ସରଦାର୍‌ଙ୍କୁ ଅନେକ ଉପହାର ଦେଇ ହବ୍‌ସା ପଠାଇଲେ ଏବଂ ହବ୍‌ସାର ସରଦାରମାନଙ୍କ ନିମନ୍ତେ ମଧ୍ୟ ଉପହାର ଏହି ବାର୍ତା ସହିତ ପଠାଇଲେ କି ଆମର କିଛି ଅଜ୍ଞାତ ଯୁବକ ନିଜ ଧର୍ମ ଛାଡ଼ି ତୁମ ଦେଶକୁ ପଳାୟନ କରିଆସିଛନ୍ତି ଏବଂ ଏଠାରେ ତୁମ ଧର୍ମ ମଧ୍ୟ ସ୍ୱୀକାର କରୁନାହାନ୍ତି । ସେମାନେ ଏକ ନୂତନ ଧର୍ମ ଆରମ୍ଭ କରିଦେଇଛନ୍ତି ।

ତେବେ ନଜାସି (ହବ୍‌ସାର ରାଜା) ଅମାନ୍ୟକାରୀଙ୍କ କଥା ଶୁଣିବା ପରେ ମୁସଲମାନଙ୍କୁ ନିଜ ଦରବାରକୁ ଡ଼କାଇଲେ । ମୁସଲମାନମାନେ ଅତ୍ୟନ୍ତ ଚିନ୍ତିତ ମନରେ ଦରବାରରେ ହାଜର ହେଲେ କି ଜଣା ନାହିଁ ବର୍ତମାନ ଆମ ସହିତ କିଭଳି ଆଚରଣ ହେବ । ନଜାସି ସେମାନଙ୍କୁ ପଚାରିଲେ ତୁମେମାନେ ନିଜ ପୂର୍ବ ଧର୍ମ କାହିଁକି ପରିତ୍ୟାଗ କଲ । ନା ଅନ୍ୟ କୌଣସି ପୂର୍ବ ଧର୍ମ ସ୍ୱୀକାର କଲ ନା ଆମ ଧର୍ମ ଅର୍ଥାତ ଇସାଇ ହେଲ । ସେହି ସମୟରେ ହ.ଜାଫର୍ ର.ଅ ମୁସଲମାନମାନଙ୍କ ପ୍ରତିନିଧିତ୍ୱ କରି କହିଲେ ହେ ମଣିମା ! ଆମେ ମୁର୍ଖ ଥିଲୁ, ପ୍ରତିମା ପୂଜା କରୁଥିଲୁ, ମୃତ ଜୀବଯନ୍ତୁ ଖାଉଥିଲୁ, କୁକର୍ମ କରିବା ଓ ସମ୍ପର୍କୀୟଙ୍କ ସହ ଖରାପ ଆଚରଣ କରିବାରେ ଲିପ୍ତ ରହୁଥିଲୁ । ଆମମାନଙ୍କ ମଧ୍ୟରୁ ଶକ୍ତିଶାଳୀ ଦୁର୍ବଳର ଅଧିକାର ଆତ୍ମସାତ କରୁଥିଲା । ଏପରି ଅବସ୍ଥାରେ ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରେ ଏକ ରସୁଲ ଅବତୀର୍ଣ୍ଣ କଲେ ଯାହାଙ୍କ ଶୁସିଳତା, ସତ୍ୟନିଷ୍ଠା, ବିଶ୍ୱସ୍ତତା ଓ ପବିତ୍ରତା ତଥା ସେ ସମ୍ଭ୍ରାନ୍ତ ବଂଶର ହେବା ସମ୍ବନ୍ଧରେ ଆମେ ସମସ୍ତେ ଭଲଭାବରେ ଅବଗତ ଥିଲୁ । ସେ ଆମକୁ ଏକେଶ୍ୱରବାଦ ଓ ଏକ ଅଲ୍ଲାଃଙ୍କ ଉପାସନା କରିବାର ଡ଼ାକରା ଦେଲେ ଏବଂ ଶିକ୍ଷା ଦେଲେ କି ଆମେ ଅଲ୍ଲାଃଙ୍କୁ କାହାରି ସହ ସମତୁଲ୍ୟ କରିବୁ ନାହିଁ, ନା ପ୍ରତିମା ପୂଜା କରିବୁ । ସେ ଆମକୁ ସତ୍ୟ, ବିଶ୍ୱାସନୀୟତା, ଦୟା, ପଡ଼ୋଶିଙ୍କ ସହ ଉତମ ଆଚରଣ ଏବଂ ଅକାରଣେ କଳି ଝଗଡ଼ା ଓ ରକ୍ତପାତ କରିବାକୁ ମନା କଲେ । ମିଥ୍ୟା, ଦୁଷ୍କର୍ମ, ଅନାଥର ଅର୍ଥ ଆତ୍ମସାତ କରିବା ଏବଂ ପବିତ୍ର ନାରୀମାନଙ୍କ ଉପରେ ଲାଂଛନା ଲଗାଇବାକୁ ବାରଣ କଲେ । ଆମକୁ ଆଦେଶ ଦେଲେ କି ଏକ ଅଲ୍ଲାଃଙ୍କ ଉପାସନା କର, ଆମେ ତାଙ୍କୁ ସ୍ୱୀକାର କଲୁ ଏବଂ ତାଙ୍କ ଆଦେଶର ପାଳନ କରୁଅଛୁ । ଏଥିପାଇଁ ଆମ ଗୋଷ୍ଠୀ ତଥା ପରିଜନ ଆମ ବିରୋଧୀ ହୋଇଗଲେ ଏବଂ ଆମକୁ ଲାଂଛନା ଦେବା ଓ ଦୁଃଖକଷ୍ଟ ଦେବା ଆରମ୍ଭ କରିଦେଲେ ଯେତେବେଳେ ସେମାନେ ସେଥିରେ ସୀମା ଲଙ୍ଘନ କଲେ ସେତେବେଳେ ଆମେ ନିଜ ଦେଶ ଛାଡ଼ି ଆପଣଙ୍କ ଦେଶରେ ଶରଣ ନେଲୁ କାରଣ ଆମେ ଶୁଣିଥିଲୁ କି ଆପଣ ନ୍ୟାୟର ପ୍ରତିମୂର୍ତି । ହେ ରାଜନ ! ଆମେ ଆଶା କରୁ କି ଆପଣଙ୍କ ଦେଶରେ ଆମ ଉପରେ କୌଣସି ଅତ୍ୟାଚାର ହେବ ନାହିଁ । ଏଥିରେ ନଜାସି ଅତ୍ୟନ୍ତ ପ୍ରଭାବିତ ହେଲା ଏବଂ କହିଲା କି ତୁମ ରସୁଲଙ୍କ ଉପରେ ଯେଉଁ ବାଣୀ ଅବତୀର୍ଣ୍ଣ ହୋଇଛି ସେଥି ମଧ୍ୟରୁ ମୋତେ କିଛି ପଢି ଶୁଣାଅ । ସେତେବେଳେ ହ.ଜାଫର୍ ସୁରେ ମରିୟମର କିଛି ଅଂଶ ଏପରି ସୁନ୍ଦର ଭାବରେ ପାଠକଲେ କି ନଜାସିଙ୍କ ଆଖିରୁ ଅଶ୍ରୁ ଝରିପଡ଼ିଲା ଏବଂ ସେ କହିଲେ ଅଲ୍ଲାଃଙ୍କ ରାଣ ଏହି ବାଣୀ ଓ ମୁସାଙ୍କ ବାଣୀ ଗୋଟିଏ ଉତ୍ସରୁ ଆନିତ ଏବଂ ମକ୍କାର ରାଜଦୂତଙ୍କୁ କହିଲେ ମୁଁ ତୁମ ହାତରେ ଏମାନଙ୍କୁ ଟେକିଦେଇ ପାରିବି ନାହିଁ ଏମାନେ ଆଜିଠାରୁ ଏହିଠାରେ ହିଁ ରହିବେ । ମକ୍କାର ଦୂତମାନେ ପରାମର୍ଶ କରି ପୁନର୍ବାର ରାଜାଙ୍କୁ କହିଲେ ଏମାନେ ଇସାଙ୍କୁ ଆପଣମାନଙ୍କ ବିଶ୍ୱାସ ମୁତାବକ ସ୍ୱୀକାର କରୁ ନାହାନ୍ତି ବରଂ ତାଙ୍କର ଆସନ କମ୍ କରୁଛନ୍ତି । ରାଜା ପୁନଃ ମୁସଲମାନମାନଙ୍କୁ ଡ଼କାଇଲେ ଏବଂ ଇସାଙ୍କ ସମ୍ବନ୍ଧରେ ସେମାନଙ୍କର କି ବିଶ୍ୱାସ ରହିଛି ପଚାରିଲେ । ଏଥିରେ ହ. ଜାଫର୍ ର.ଅ କହିଲେ ଏଥି ସମ୍ବନ୍ଧରେ ଆମ ନବୀଙ୍କ ଉପରେ ଏହି ବାଣୀ ଅବତୀର୍ଣ୍ଣ ହୋଇଛି କି ଇସା ଅଲ୍ଲାଃଙ୍କ ଭକ୍ତ ଓ ତାଙ୍କ ରସୁଲ ଅଟନ୍ତି ଯାହାଙ୍କୁକି ଅଲ୍ଲାଃ ଅବିବାହିତା ମରିୟମ୍‌ଙ୍କୁ ପ୍ରଦାନ କରିଥିଲେ । ନଜାସି ଭୂମିରୁ ଏକ କାଠି ଗୋଟେଇ କହିଲେ ହ.ଇସାଙ୍କର ମର୍ଯ୍ୟାଦା ଏହାଠାରୁ ମଧ୍ୟ ଅଧିକ ନୁହେଁ ଯାହାକି ଏମାନେ ବର୍ଣ୍ଣନା କଲେ ଏବଂ ମୁସଲମାନମାନଙ୍କୁ କହିଲେ ଏଠାରେ ତୁମମାନେ ପୂର୍ଣ୍ଣ ସ୍ୱାଧୀନ । ଜାଫର୍‌ଙ୍କ ଜ୍ଞାନ, ବିଚକ୍ଷଣବୁଦ୍ଧି ଓ ଦୂରଦୃଷ୍ଟି ମୁସଲମାନମାନଙ୍କୁ ହବ୍‌ସାରେ ରହିବାର ବ୍ୟବସ୍ଥା କରିଦେଲା ।

ଆଉ ଜଣେ ସାହାବି ମୁସଅବ୍ ବିନ୍ ଉମେର୍ ର.ଅ ଥିଲେ ତାଙ୍କ ମାତା ବହୁତ ଧନୀ ମହିଳା ଥିଲେ ଏବଂ ସେ ବେଶ୍ ଆଡ଼ମ୍ବରରେ ଲାଳିତ ପାଳିତ ହୋଇଥିଲେ । ସେ ବେଶ୍ ଦାମି ପୋଷାକ ପରିଧାନ କରୁଥିଲେ ଏବଂ ଅତି ସୁନ୍ଦର ଯୁବକ ଥିଲେ । ଦିନେ ହଜୁର ସ.ଆ ହ.ମୁସଅବ୍‌ଙ୍କୁ ଏପରି ଅବସ୍ଥାରେ ଦେଖିଲେ କି ସେ ବୈଠକକୁ ଯେଉଁ ବସ୍ତ୍ର ପରିଧାନ କରି ଆସିଲେ ସେଥିରେ ଚମଡ଼ାର ନଥା ପଡ଼ିଥିଲା । ସାହାବାମାନେ ତାଙ୍କର ଏପରି ଅବସ୍ଥା ଦେଖି ମୁଣ୍ଡ ନୁଆଇଦେଲେ । ମୁସଅବ୍ ପ୍ରବେଶ କରି ସଲାମ କହିଲେ ଯାହାର ହଜୁର ସ.ଆ ଅନ୍ତରରୁ ଉତର ଦେଲେ ଏବଂ ତାଙ୍କ ପରି ଧନୀ ଓ ସମ୍ଭ୍ରାନ୍ତ ଘର ବ୍ୟକ୍ତିର ଅବସ୍ଥା ଦେଖି ହଜୁର ସ.ଆଙ୍କ ଆଖିରେ ଲୁହ ଆସିଗଲା । ହଜୁର ସ.ଆ ତାଙ୍କୁ ସାହସ ଦେଇ କହିଲେ ସାଂସାରିକମାନଙ୍କୁ ସେମାନଙ୍କ ସାଂସାରିକତାର (ଉନ୍ନତି) ହାସଲ ହେଉ । ମୁଁ ମୁସଅବ୍‌ଙ୍କୁ ସେହି ସମୟରେ ଦେଖିଛି ଯେତେବେଳେ ମକ୍କା ସହରରେ ତାଙ୍କଠାରୁ ବଳି ମାନ୍ୟଗଣ୍ୟ ବ୍ୟକ୍ତି କେହିନଥିଲେ । ସେ ନିଜ ମାତାପିତାଙ୍କର ଅତି ପ୍ରିୟ ଓ ଗେହ୍ଲା ସନ୍ତାନ ଥିଲେ ଏବଂ ତାଙ୍କୁ ସମସ୍ତ ପ୍ରକାରର ସୁସ୍ୱାଦ ଖାଦ୍ୟ ସାମଗ୍ରୀ ଉପଲବ୍ଧ ଥିଲା । କିନ୍ତୁ ଅଲ୍ଲାଃ ଓ ରସୁଲର ପ୍ରେମ ତାଙ୍କର ଏପରି ଅବସ୍ଥା କରିଦେଲା ଏବଂ ସେ ମଧ୍ୟ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ନିମନ୍ତେ ସେ ସମସ୍ତ (ଆଡ଼ମ୍ବର) ତ୍ୟାଗ କରିଦେଲେ । ତାହା ପ୍ରତିବଦଳରେ ଅଲ୍ଲାଃ ତାଙ୍କ ଚେହେରାକୁ ଉଜ୍ୱଳମୟ କରିଦେଲେ । ହଜରତ ମୁସଅବ୍‌ଙ୍କୁ ଧର୍ମପ୍ରଚାରର ଶୈଳୀ ମଧ୍ୟ ଭଲଭାବରେ ଜଣାଥିଲା, ସେ ଅତ୍ୟନ୍ତ ସୁନ୍ଦର ଭାବରେ ପ୍ରଚାର (କାର୍ଯ୍ୟ) କରୁଥିଲେ ଏବଂ ଲୋକମାନଙ୍କୁ କହୁଥିଲେ ଯଦି ତୁମକୁ ମୋ ବାର୍ତା ପସନ୍ଦ ଆସୁଛି ତେବେ ଶୁଣ ନଚେତ୍ ଉଠିଚାଲିଯାଅ । ଏପରି ଆପଣ ମଦିନାର ଅଜଣା ଲୋକମାନଙ୍କ ନିକଟରେ ଇସଲାମର ବାର୍ତା ପହଂଚାଉଥିଲେ । ଏପରି ଅନେକ ଲୋକ ଆପଣଙ୍କ ପ୍ରଚାର ଦ୍ୱାରା ମୁସଲମାନ ହୋଇଗଲେ ।

ହ. ଉସେଦ୍ ବିନ୍ ହଜିର ଅନସାରୀ ହ. ମୁସଅବ୍‌ଙ୍କ ମାଧ୍ୟମରେ ମୁସଲମାନ ହେବାର ସୌଭାଗ୍ୟ ପ୍ରାପ୍ତ କରିଥିଲେ । ତାଙ୍କ ଆଧ୍ୟାତ୍ମିକତାର ସ୍ତର ସମ୍ବନ୍ଧରେ ଲେଖାଅଛି କି ସେ ସ୍ୱୟଂ କୁହନ୍ତି ମୋର ତିନି ଗୋଟି ଅବସ୍ଥା ଏପରି ଅଟେ ଯାହା ମଧ୍ୟରୁ କୌଣସି ଗୋଟିକରେ ପ୍ରତିଷ୍ଠିତ ରହିଲେ ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହୋଇଯିବି । **ପ୍ରଥମ** ଏହି କି ଯେ, ଯେତେବେଳେ ମୁଁ ପବିତ୍ର କୋରାନ ପାଠ କରେ ଅବା ଅନ୍ୟ କେହି

କରୁଥିବାର ଶୁଣେ ସେତେବେଳେ ଯେପରି ମୋର ଭୟର ଅବସ୍ଥା ରହିଥାଏ । ଯଦି ମୋର ସେହି ଅବସ୍ଥା ସର୍ବଦା ଅପରିବର୍ତ୍ତୀତ ରୁହନ୍ତା ତେବେ ମୁଁ ନିଜକୁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଗଣନା କରନ୍ତି । **ଦ୍ୱିତୀୟ** ଅବସ୍ଥା ଯେତେବେଳେ ହଜୁର ସ.ଆ ଉପଦେଶ ଦିଅନ୍ତି ତାହା ମୁଁ ଅତ୍ୟନ୍ତ ମନଯୋଗର ସହିତ ଶୁଣେ ସେତେବେଳେ ମୋର ଅବସ୍ଥା ଯେପରି ରହିଥାଏ ଯଦି ତାହା ସର୍ବଦା ରୁହନ୍ତା ତେବେ ମୁଁ ବୈକୁଣ୍ଠ ପ୍ରାପ୍ତ କରିନିଅନ୍ତି । **ତୃତୀୟ** ଅବସ୍ଥା ଯେତେବେଳେ ମୁଁ କୌଣସି ଜନାଯାଃରେ ଉପସ୍ଥିତ ହୋଇଥାଏ ସେତେବେଳେ ମୋର ଅବସ୍ଥା ଏପରି ହୋଇଥାଏ ଯେମିତି ମୋର ହିଁ ଜନାଯାଃ ଯାଉଛି ଏବଂ ନମାଜ ଜନାଯାଃ ପାଠ କରାଯାଉଅଛି । ଯଦି ଏହି ଅବସ୍ଥା ଚିରସ୍ଥାୟୀ ହୁଅନ୍ତା ତେବେ ମୁଁ ନିଜକୁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଗଣନା କରନ୍ତି ।

ତେବେ ଏସବୁ ସେହି ପୂର୍ଣ୍ଣ ଈଶ୍ୱର ଭୟର ଅବସ୍ଥା ଯାହାକି ମଣିଷ ଅଲ୍ଲାଃଙ୍କୁ ଭୟ କରିବା କଥା ମନେପକାଇ ଦେଇଥାଏ ଏବଂ ମଣିଷ ଉତମ କର୍ମ କରିବା ପ୍ରତି ମନଯୋଗ କରିଥାଏ ତଥା ପ୍ରତ୍ୟେକ ମୁହୂର୍ତ୍ତରେ ଅଲ୍ଲାଃଙ୍କୁ ସ୍ମରଣ କରିଥାଏ । ଯେପର୍ଯ୍ୟନ୍ତ ଏହି ପ୍ରଶ୍ନ ରହିଛି କି ଏପରି ଅବସ୍ଥା ରହିଲେ ମୁଁ ବୈକୁଣ୍ଠବାସୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ହେବି ଏହି ଭାବନା ହିଁ ପ୍ରମାଣିତ କରୁଅଛି କି ସେ ନିଶ୍ଚିତ ଭାବରେ ବୈକୁଣ୍ଠବାସୀ ଥିଲେ ଏବଂ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିଥିଲେ ।

ଆଉ ଜଣେ ଅନସାରୀ ସାହାବି ଅବି ବିନ୍ କାଆବ୍ ମଧ୍ୟ ଜଣେ ଜ୍ଞାନବନ୍ତ ଓ ଅମଲକାରୀ ବ୍ୟକ୍ତିତ୍ୱ ଥିଲେ । ଯେ ହଜୁର ସ.ଆଙ୍କ ସହିତ ନିୟମିତ ଭାବରେ ପାଂଚବେଳା ନମାଜ ପାଠ କରନ୍ତି । ତାଙ୍କର ନିୟମିତ ଭାବରେ ନମାଜ ପାଠ କରିବା ସମ୍ବନ୍ଧରେ ହଜୁର ସ.ଆ କୁହନ୍ତି ଫଜର ନମାଜ ପରେ ଆପଣ କିଛି ଲୋକଙ୍କ ସମ୍ବନ୍ଧରେ ପଚାରିଲେ କି ସେମାନ ନମାଜ ପାଠ କରିବାକୁ ଆସିନାହନ୍ତି ତାପରେ ହଜୁର କହିଲେ ଦୁଇ ବେଳାର ନମାଜ, ଫଜର୍ ଓ ଇଶା ଦୁର୍ବଳ ବିଶ୍ୱାସୀ ଓ କପଟବିଶ୍ୱାସୀମାନଙ୍କ ନିମନ୍ତେ ଅତ୍ୟନ୍ତ କଷ୍ଟସାଧ । ଯଦି ସେମାନଙ୍କୁ ଜ୍ଞାତ ହୋଇଯାନ୍ତା କି ଉକ୍ତ ନମାଜ ପାଠ କଲେ କିଭଳି ପୁଣ୍ୟ ହାସଲ ହୋଇଥାଏ ତେବେ ଯଦି ସେମାନଙ୍କୁ ନିଜ ଆଣ୍ଠୁରେ ଚାଲି (ମସଜିଦ୍) ଆସିବାକୁ ପଡ଼େ ତଥାପି ମଧ୍ୟ ସେମାନେ ନିଶ୍ଚିତ ଭାବରେ ସେହି ନମାଜରେ ଆସି ଉପସ୍ଥିତ ହୋଇଯିବେ ।

ହଜରତ ମସିହ ମଉଦ ଆ.ସ କୁହନ୍ତି ହଜରତ ମହମ୍ମଦ ସ.ଆଙ୍କ ନିକଟରେ କିଗୁଣ ଥିଲା କେଜାଣି ଯାହାକୁ ଦେଖି ସାହାବାମାନେ ଏଭଳି ସତ୍ୟବାଦୀତାର ପ୍ରମାଣ ଦେଲେ ଏବଂ କେବଳ ପ୍ରତିମା ପୂଜା ତଥା ସୃଷ୍ଟିର ପୂଜା କରିବାରୁ ମୁହଁ ମୋଡ଼ିଦେଲେ ନାହିଁ ବରଂ ପ୍ରକୃତରେ ସେମାନଙ୍କ ହୃଦୟରୁ ସଂସାର ପ୍ରାପ୍ତିର କାମନା ହିଁ ଉଭେଇଗଲା ଏବଂ ସେମାନେ ଅଲ୍ଲାଃଙ୍କୁ ସ୍ୱଚକ୍ଷୁରେ ଦେଖିପାରିଲେ ଏବଂ ଅତ୍ୟନ୍ତ ଉତ୍କଣ୍ଠାର ସହିତ ଏହି ମାର୍ଗରେ ଏପରି ଉତ୍ସର୍ଗ ହୋଇଗଲେ କି ଯେପରି ସେମାନଙ୍କ ମଧ୍ୟରୁ ସମସ୍ତେ ଜଣେ ଜଣେ ଇବ୍ରାହିମ୍ ଥିଲେ । ସେମାନେ ପୂର୍ଣ୍ଣ ନିଷ୍ଠାର ସହିତ ଅଲ୍ଲାଃଙ୍କ ପ୍ରତାପ ପ୍ରକାଶ କରିବା ନିମନ୍ତେ ଏପରି କାର୍ଯ୍ୟ ସମ୍ପାଦନ କଲେ ଯାହାର ଉଦାହରଣ ପରବର୍ତ୍ତୀ ସମୟରେ ଦେଖିବାକୁ ମିଳୁ ନାହିଁ ଏବଂ ସ୍ୱଇଚ୍ଛାରେ ଧର୍ମ ମାର୍ଗରେ ବଳିଦାନ ଦେବା ସ୍ୱୀକାର କଲେ ଏବଂ କେତେକ ଯେଉଁମାନେ ବଳିଦାନ ଦେବାର ଅବସର ଲାଭ କରିପାରି ନଥିଲେ, ସେମାନେ ମନେକଲେ ସମ୍ଭବତଃ ଆମ ସତ୍ୟବାଦୀ ହେବାରେ କିଛି ତ୍ରୁଟି ରହିଛି ଯେପରିକି ଏହି ପଙ୍କ୍ତିରେ ଦର୍ଶାଯାଇଛି **ମିନ୍‌ହୁମ୍ ମନ୍ କଜା ନହବହୁ ୱ ମିନ୍‌ହୁମ୍ ମନ୍ ୟନ୍‌ତଜିର୍** ଅର୍ଥାତ କେତେକ ତ ଶହିଦ୍ ହୋଇଯାଇଥିଲେ ଏବଂ କେତେକ ତାହାର ଅଭିଳାଷା ବାନ୍ଧି ବସିଛନ୍ତି କି ତାଙ୍କୁ କେତେବେଳେ ଶହିଦ୍ ହେବାର ଗୌରବ ଲାଭ ହେବ । **ବର୍ତମାନ ଦେଖିବାର ଅଛି କି କ'ଣ ସେମାନଙ୍କର ଅନ୍ୟମାନଙ୍କ ପରି ଆବଶ୍ୟକତା ନଥିଲା ଏବଂ ସନ୍ତାନ ପ୍ରେମ, ସମ୍ପର୍କର ମୋହ ସେମାନଙ୍କ ମଧ୍ୟରେ ନଥିଲା, ନିଶ୍ଚିତ ରୂପେ ଥିଲା କିନ୍ତୁ ସେହି ଆକର୍ଷଣ ସେମାନଙ୍କୁ ପଥଭ୍ରଷ୍ଟ କରିପାରି ନଥିଲା କାରଣ ସେମାନେ ଧର୍ମକୁ ପ୍ରତ୍ୟେକ ଜିନିଷ ଉପରେ ପ୍ରାଥମିକତା ଦେଇସାରିଥିଲେ ।**

ଆପଣ କୁହନ୍ତି ସାଂସାରିକ ଦୃଷ୍ଟି କୋଣରୁ ଦେଖିବାକୁ ଗଲେ ହଜରତ ମହମ୍ମଦ ସ.ଆଙ୍କ ନିକଟରେ ସେତେବେଳେ କ'ଣ ଥିଲା ଯାହାର ହାସଲ କରିବା ନିମନ୍ତେ ସାହାବାମାନେ ନିଜ ଜୀବନ ଓ ସମ୍ମାନକୁ ଜଟିଳ ପରିସ୍ଥିତିରେ ଛାଡ଼ିଦେବା ଓ ନିଜ ଗୋଷ୍ଠୀ ତଥା ସମ୍ପର୍କକୁ ଭଙ୍ଗ କରିବା ପାଇଁ ପ୍ରସ୍ତୁତ ହୋଇଗଲେ । ସେତେବେଳେ ତ ହଜୁର ସ.ଆଙ୍କ ଉପରେ ଦୁଃଖ ଓ କଷ୍ଟ ବରଦାସ୍ତ କରିବାର ସମୟ ଚାଲିଥିଲା ଏବଂ ଆସନ୍ତାରେ ମଧ୍ୟ ଏପରି କିଛି କୁଶଳ ଓ ମଙ୍ଗଳମୟ ସମୟ ଆସିବାର ସମ୍ବାଦ କୋରାନରେ ଦିଆଯାଇନଥିଲା । ଅତଏବ ସେମାନେ ସେହି ଗରିବ ଓ ଦରବେଶ୍ (ସଂଥ) ଯେ କି ପ୍ରକୃତରେ ଜଣେ ମହାନ ସମ୍ରାଟ ଥିଲେ, ଏପରି ସଂଙ୍କଟାପର୍ଣ୍ଣ ପରିସ୍ଥିତିରେ ବିଶ୍ୱସ୍ତତା ଓ ପ୍ରେମଭାର ହୃଦୟର ସହିତ ସମ୍ପର୍କ ଯୋଡ଼ିଲେ ଯେଉଁ ସମୟରେ କି ଭବିଷ୍ୟତର ବିଜୟ ସମ୍ବନ୍ଧରେ ଆଶା ବାନ୍ଧିବା ତ ଦୂରର କଥା ସେହି ସୁଧାରକ ପୁରୁଷର ଜୀବନ ଯିବା ପରି ଦୃଶ୍ୟମାନ ହେଉଥିଲା । ତେବେ ସେହି ବିଶ୍ୱସ୍ତତାର ସମ୍ପର୍କ କେବଳ ଆସ୍ଥାର ଉତ୍‌ତେଜନା ଯୋଗୁଁ ଥିଲା, ଯାହାର ମସ୍ତିରେ ସେମାନେ ନିଜ ଜୀବନ ଉତ୍ସର୍ଗ କରିବା ପାଇଁ ଏପରି ଛିଡ଼ା ହୋଇଗଲେ ଯେପରି ଭୀଷଣ ପିପାସୁ ମଧୁର ଝରଣା ନିକଟରେ ଅନିଚ୍ଛା ସତ୍ୱେ ଛିଡ଼ାହୋଇ ରହିଥାଏ ।

ହଜୁର ଅନୱର ଅ.ବ କହିଲେ- ଅଲ୍ଲାଃତାଲା ସେହି ପ୍ରଜ୍ୱଳିତ ନକ୍ଷେତ୍ରମାନଙ୍କ ପଦାଙ୍କ ଅନୁସରଣ କରି ଅଲ୍ଲାଃ ଓ ରସୁଲଙ୍କ ସହ ପ୍ରେମ କରିବାର ଶକ୍ତି ପ୍ରଦାନ କରନ୍ତୁ ଏବଂ ଆମର ପ୍ରତ୍ୟେକ ଅମଳ ଅଲ୍ଲାଃଙ୍କ ପ୍ରୀତିଭାଜନ ଲାଭ କରିବା ଉଦ୍ଦେଶ୍ୟରେ ହେଉ ।

ହଜୁର ଅନୱର ଅ.ବ କହିଲେ- ନମାଜ ପାଠ କରିବା ପରେ ମୁଁ ଏକ ନମାଜ ଜନାଯାଃ ଗାଏବ ମଧ୍ୟ ପାଠ କରିବି ଯାହାକି ଶ୍ରୀମତି ଅରିଶା ଡ଼େଫିନ୍ ଥୋଲର୍ ସାହେବାଃ ସ୍ୱାମୀ ଫହିମ୍ ଡ଼େଫିନ୍ ଥୋଲର୍ ସାହେବ ହଲାଣ୍ଡଙ୍କର ଅଟେ ଯେ ଆଜିକାଲି ବେନିନ୍‌ରେ ରହୁଛନ୍ତି । ଚଳିତ ମାସ ୧୧ ତାରିଖ ଦିନ ବେନିନ୍‌ଠାରେ ହଠାତ୍ ହୃଦଘାତ ହେବା ଯୋଗୁଁ ୬୨ ବର୍ଷ ବୟସରେ ଦେହ ତ୍ୟାଗ କଲେ । **ଇନ୍ନା ଲିଲ୍ଲାହି ୱ ଇନ୍ନା ଇଲୈହି ରାଜେଉନ୍** । ସେ ୨୦୦୬ ମସିହା ମାର୍ଚ୍ଚ ମାସ ୧୮ ତାରିଖରେ ବୟତ କରିଥିଲେ । ଖିଲାଫତ୍ ସହିତ ତାଙ୍କର ଘନିଷ୍ଟତା ବେଶ୍ ଅଧିକ ଥିଲା । ୨୦୦୯ ମସିହାରେ ସେ ନିଜ ସ୍ୱାମୀଙ୍କ ସହିତ ନିଜକୁ ଉତ୍ସର୍ଗ କରି Humanity First ଅନ୍ତର୍ଗତରେ ନିର୍ମିତ ଅନାଥାଳୟର ବ୍ୟବସ୍ଥା ଦାୟିତ୍ୱ ତୁଲାଇବା ନିମନ୍ତେ ବେନିନ୍ (ପଶ୍ଚିମ ଆଫ୍ରିକା) ଚାଲିଯାଇଥିଲେ । ସେ ୟୁରୋପର ପରିବେଶରେ ବଢିଥିଲେ ଏବଂ ଏକ ଭଲ ଚାକିରୀ ମଧ୍ୟ କରିଥିଲେ ତଥାପି ସେ ଆଫ୍ରିକାର କଷ୍ଟକର ପରିବେଶରେ ଜୀବନ ଅତିବାହିତ କରି ବେଶ୍ ସୁନ୍ଦର ଭାବରେ ନିଜ କର୍ତବ୍ୟ ସମ୍ପାଦନ କରୁଥିଲେ । ନୀୟମିତ ଭାବରେ ନମାଜ ପାଠ କରିବା ସହିତ ଅହେମଦିୟା ଦାରୁଲ୍ ଇକରାମ୍ ଅନାଥାଳୟରେ ପୂର୍ଣ୍ଣ ଆଗ୍ରହ ଓ ନିଷ୍ଠାର ସହିତ କାର୍ଯ୍ୟ କରୁଥିଲେ । କ୍ଷୀରପାନ କରୁଥିବା ଶିଶୁଙ୍କୁ ଉଠାଇ ବେଶ୍ ସୁନ୍ଦର ଭାବରେ ସେମାନଙ୍କର ଲାଳନପାଳନ କରୁଥିଲେ । ତାଙ୍କର ବିୟୋଗ ପରେ ମୁଁ ଚିନ୍ତା କରୁଛି କି ଦାରୁଲ୍ ଇକରାମ୍‌ର ପିଲାମାନେ ବର୍ତମାନ ଅନାଥ ହୋଇଗଲେ । ଅଲ୍ଲାଃତାଲା ତାଙ୍କୁ ବୈକୁଣ୍ଠରେ ଉଚ୍ଚ ସ୍ଥାନ ପ୍ରଦାନ କରିବା ସହିତ ତାଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ । ଅଲ୍ଲାଃତାଲା ଏପରି ବିଶ୍ୱସ୍ତ ଓ ଉତ୍ସର୍ଗ ଭାବନାର ସହିତ କାର୍ଯ୍ୟ କରୁଥିବା ସେବକ ଜମାଅତକୁ ଅଧିକରୁ ଅଧିକ ପ୍ରଦାନ କରନ୍ତୁ ।

---

*ପୃଷ୍ଠା-୧୧ ର ଅବଶିଷ୍ଟାଂଶ.......*

ସାକ୍ଷୀ ଦିଆଯାଏ । ସୁତରାଂ ପବିତ୍ର କୋରାନ୍ ପଢ଼ିବା କେବଳ ବିଶେଷ ଦିନ ଗୁଡିକରେ ସୀମାବଦ୍ଧ କରାଯାଇନାହିଁ । ବରଂ ନମାଜ ସହିତ ଏହାକୁ ବର୍ଣ୍ଣନା କରି ଏହାର ଗୁରୁତ୍ୱକୁ ବର୍ଣ୍ଣନା କରାଯାଇଛି । ପୁଣି ତିଲାୱତ୍ ସହିତ ତାକୁ ବୁଝିବା ମଧ୍ୟ ଆବଶ୍ୟକ ଅଟେ । ତେଣୁ ଏହାର ଅନୁବାଦ ପାଠ କରିବା ମଧ୍ୟ ଜରୁରୀ ଅଟେ । ଫଳତଃ ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶାବଳୀଗୁଡିକୁ ମଧ୍ୟ ଆମେ ଜାଣିପାରିବା । ଓ ଏ ଯୁଗରେ ବିଶେଷ କରି ଏହାକୁ ନିୟମିତ ଭାବରେ ପଢ଼ିବାର ଆବଶ୍ୟକତା ରହିଛି, ଯେବେ ମୁସଲ୍‌ମାନ୍ ବୋଲାଉଥିବା ଲୋକେ ମଧ୍ୟ ଏହାର ଶିକ୍ଷାକୁ ଭୁଲି ଯାଇଛନ୍ତି । ନିଜ ଭାଷଣର ଶେଷରେ ସେ କହିଲେ ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଓ ବିଶେଷ କରି ଯମାତ୍‌ର ୱହ୍‌ଦାଦାର୍‌ମାନଙ୍କୁ ସୟଦ୍‌ନା ହଜୁର୍ ଅନୱର୍ ଅ:ବ:ଅ ଙ୍କ ଉପଦେଶାବଳୀ ଗୁଡିକୁ ଆଖି ଆଗରେ ରଖି ତାଲିମୁଲ୍ କୁର୍‌ଆନ୍ ସମ୍ପର୍କୀୟ ନିଜର ଦାୟିତ୍ୱଗୁଡିକୁ ସମ୍ପୂର୍ଣ୍ଣ ରୂପେ ତୁଲାଇବା ପାଇଁ ଶକ୍ତି ପ୍ରଦାନ କରୁ । ଆମିନ୍ । କ୍ରମଶଃ... (ବହୱାଲା ବଦର୍ ୧୮ ଜାନୁଆରୀ ୨୦୧୮)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷରସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

ପୃଷ୍ଠା-୨ ର ଅବଶିଷ୍ଟାଂଶ.......

ପହଂଚାଇଦେବୁ । ଏବଂ ସଂସାରବାସୀଙ୍କୁ ଏ ଅନୁଭବ କରାଇଦେବୁ ଯେ ଜୀବନ୍ତ ଈଶ୍ୱର ଅଛନ୍ତି । ତାଙ୍କ ସତା ଅଛି, ସେ ଏବେ ମଧ୍ୟ ଶୁଣୁଛନ୍ତି, ନିଦର୍ଶନ ମଧ୍ୟ ଦେଖାଉଛନ୍ତି, ତେଣୁ ତାଙ୍କ ପାଖକୁ ଫେରିଆସ । ଏବଂ ଆମେ ନିଜେ ମଧ୍ୟ ସେହି ଖୁଦାଙ୍କ ସହିତ ଜୀବନ୍ତ ସମ୍ପର୍କ ସୃଷ୍ଟି କରିପାରିବୁ । ଏବଂ ଏହି ଶିକ୍ଷା ଉପରେ ପରିଚାଳିତ ହୋଇପାରିବୁ । ଏବଂ ତା ଇବାଦତ୍ (ଉପାସନା) ର ହକ୍‌କୁ ପ୍ରଦାନ କରିପାରିବୁ । ତାର ବିଶେଷ ଗୁଣଗୁଡିକୁ ସଠିକ୍ ରୂପେ ଚିହ୍ନି ପାରିବୁ । ତା ପୁରସ୍କାର ଗୁଡିକର ଉତରାଧିକାରୀ ହୋଇପାରିବୁ । ଆମ ସନ୍ତାନମାନେ ମଧ୍ୟ ଓ ଆମେ ମଧ୍ୟ ସଦାସର୍ବଦା ଅଲ୍ଲାଃତାଲାଙ୍କ ଶିର୍‌କ (ଅଲ୍ଲାଃଙ୍କ ସହିତ କାହାକୁ ସମକକ୍ଷ କରିବା) ରୁ ପ୍ରତି କ୍ଷେତ୍ରରୁ ବଂଚିତ ହୋଇପାରିବୁ ।

ଏହି ଇଜ୍‌ଲାସ୍‌ର ଦ୍ୱିତୀୟ ତକ୍‌ରୀର୍ ମୋକରମ୍ ମୌଲାନା ମହମ୍ମଦ୍ ଇନ୍‌ଆମ୍ ଘୋରୀ ସାହେବ୍ ନାଜର୍ ଆଲା କାଦିଆନ୍ ''ସିରତ୍ ଆଁ ହଜ୍‌ରତ୍ ସ:ଆ:ସ – ଦାୱ୍ୱତେ ଇଲଲ୍ଲାଃ କି ରୌଶ୍‌ନି ମେ'' (ଅର୍ଥାତ୍- ନବୀ କରିମ୍ ସ:ଆ:ସ ଙ୍କ ଜୀବନ ଚରିତ- ଅଲ୍ଲାଃତାଲାଙ୍କ ଆଡକୁ ଆହ୍ୱାନ ଦେବା ଆଲୋକରେ ।) ବିଷୟରେ କଲେ । ସେ ସୁରତୁଲ୍ ଅହ୍‌ଜାବ୍ ର ଆୟତ ନଂ- ୪୬ ଏବଂ ୪୭ ଓ ସୁରତୁଲ୍ ମାଏଦାର ଆୟତ ନଂ ୬୮ ପାଠ କରି ଏହାର ଅନୁବାଦ ଉପସ୍ଥାପନ କଲେ ।

ନିଜ ବକ୍ତବ୍ୟର ପ୍ରାରମ୍ଭରେ ସେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଆବିର୍ଭାବ ହେବା ପୂର୍ବ ସମୟ ବିଷୟରେ ବତାଇଲେ ଯେ ସେ ସମୟ ଅତ୍ୟନ୍ତ ପଥଭ୍ରଷ୍ଟତାର ସମୟ ଥିଲା ଓ ଲୋକେ ଶିର୍କ (ଅନେକେଶ୍ୱରବାଦ) ରେ ସଂଶ୍ଳିଷ୍ଟ ଥିଲେ । ଏହି ଅନ୍ଧକାରମୟ ଯୁଗରେ ଗୋଟିଏ ଦରଦି ମଣିଷ ଥିଲା ଯିଏ ନିଜର ଜାତି ର କୁକାର୍ଯ୍ୟ ଗୁଡିକୁ ଓ ପଥଭ୍ରଷ୍ଟତାକୁ ଦେଖି ଅସହ୍ୟ ହୋଇ ପଡୁଥିଲା । ଗୋଟିଏ ଆତ୍ମା ଥିଲା ଯିଏ ଆକାଶୀୟ ଆଲୋକ ନିମନ୍ତେ ବ୍ୟାକୁଳ ହେଉଥିଲା । ଗୋଟିଏ ୨୫-୩୦ ବର୍ଷର ଯୁବକ ଥିଲା ଯିଏ ଏହି ଦୁଃଖରେ ପୀଡ଼ିତ ହୋଇ ଶାନ୍ତିର ଅନ୍ୱେଷଣରେ ମକ୍କା ରୁ ତିନି ମାଇଲ୍ ଦୁର ଜବଲୁଲ୍ ହୀରା (ହୀରା ପାହାଡ଼) କୋଳରେ ଥିବା ଗୋଟିଏ ଗୁମ୍ଫାକୁ ନିଜର ଠିକଣା ବନାଇଥିଲା । ଯଦ୍ୱାରା ସେ ନିଜ ପାଳନକର୍ତାଙ୍କ ସହିତ ସମ୍ପର୍କ ରଖିପାରିବ । ଏବଂ ନିୟମିତ ୧୫ ବର୍ଷ ପର୍ଯ୍ୟନ୍ତ ତା ଭିତରେ ପ୍ରବେଶ କରି ଅନେକ ଦିନ ସେଠାରେ ରହି ରାତ୍ରି ଓ ଦିବା ସମୟ ଏକାନ୍ତରେ ପ୍ରାର୍ଥନା କରୁଥିଲା । ସେ ଥିଲେ ଆମର ମୁନିବ ଓ ଆଜ୍ଞାବହ ମାନବ ଜାତିର ତ୍ରାଣକର୍ତା ରହେମତୁଲ୍ ଲିଲ୍‌ଆଲ୍‌ମିନ୍ ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ୍ୱଲଲ୍ଲାହୋ ଆଲୈହେ ୱ୍ୱ ସଲମ୍ । ପରିଶେଷରେ ଅଲ୍ଲାଃତାଲା ଆପଣଙ୍କର ଦୁଆକୁ ଗ୍ରହଣ କଲେ ଓ ରୁହୁଲ୍ କୁଦୁସ୍ ହଜ୍‌ରତ୍ ଜିବ୍ରାହିଲ୍ ଅମିନ୍‌ଙ୍କୁ ନିଜର ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ ପବିତ୍ର ବାଣୀ ସହିତ ତାଙ୍କ ପାଖକୁ ପ୍ରେରଣ କଲେ । ତାଙ୍କର ସଚ୍ଚା ପ୍ରେମୀ ହଜ୍‌ରତ୍ ଅକଦସ୍ ମସିହ୍ ମଉଦ୍ ଆ:ସ ନିଜର ଗୋଟିଏ ପଦ୍ୟରେ କହୁଛନ୍ତି:-

ନୁର୍ ଲାଏ ଆସ୍‌ମା ସେ
ଖୁଦ୍ ଭି ୱ୍ୱହ୍ ଇକ୍ ନୁର୍ ଥେ
କୌମେ ୱ୍ୱହ୍‌ଶି ମେ ଅଗର୍ ପୈଦା ହୁଏ
କ୍ୟା ଯାଏ ଆର୍

ଏହି ସ୍ୱର୍ଗୀୟ ଜ୍ୟୋତି ଦ୍ୱାରା ଅନ୍ଧାରେ ରହୁଥିବା ଲୋକମାନଙ୍କୁତ ଜ୍ୟୋତିର୍ମୟ କରିବା ପାଇଁ ଏବଂ କୁକାର୍ଯ୍ୟରେ ଲିପ୍ତ ଥିବା ମାନବ ଜାତିକୁ ଆଧ୍ୟାତ୍ମିକ ଆଲୋକର ମିନାରାରେ ଚଢ଼ାଇବା ନିମନ୍ତେ ତାଙ୍କୁ ଏ ନିର୍ଦ୍ଦେଶ ହେଲା- ବଲ୍ଲିଗ୍ ମା ଉନ୍‌ଜିଲା ଇଲୈକା । ଅର୍ଥାତ୍- ହେ ମୁହମ୍ମଦ୍ ସ:ଆ:ସ ! ବର୍ତମାନ ପବିତ୍ର କୋରାନ୍‌ରେ ଅବତୀର୍ଣ୍ଣ ହୋଇଥିବା ପ୍ରତ୍ୟେକ ଆୟତ ଗୁଡିକୁ ଲୋକମାନଙ୍କୁ ଶୁଣାଇବାକୁ ହେବ, ଲେଖାଇବାକୁ ହେବ, ମନେରଖିବାକୁ ହେବ ଏବଂ ପୁଣି ପବିତ୍ର କୋରାନ୍‌ର ପ୍ରତ୍ୟେକ ନିର୍ଦ୍ଦେଶ ଉପରେ ଅମଲ କରି ଦେଖାଇବାକୁ ପଡ଼ିବ । ୱ୍ୱ ଇଲ୍ ଲମ୍ ତଫ୍‌ଅଲ୍ ଫମା ବଲ୍ଲଗ୍‌ତା ରିସାଲତହୁ । ଅର୍ଥାତ୍- ଯଦି ଆପଣ ଏହି ପବିତ୍ର କାର୍ଯ୍ୟକୁ ସମ୍ପାଦନ କରିନପାର ତେବେ ରିସାଲତ୍‌ର ହକ୍ ପ୍ରଦାନ କଲନାହିଁ ।

ସେ ସୟଦ୍‌ନା ଓ ମୌଲାନା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଦାୱ୍ୱତ୍ ଓ ତବ୍‌ଲିଗ୍‌ର କେତେକ ଅତ୍ୟନ୍ତ ଇମାନ୍ ଅଫ୍‌ରୋଜ୍ ଘଟଣା ଉପସ୍ଥାପନ କଲେ । ସେଥି ମଧ୍ୟରୁ ତାଏଫ୍ ର ଘଟଣା ନିମ୍ନରେ ଦିଆଯାଉଛି । ସେ କହିଲେ ଯେ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଦାୱ୍ୱତ୍ ଇଲ୍ଲାଃଙ୍କ ଚର୍ଚ୍ଚାରେ ତାଏଫ୍ ଗସ୍ତର ଘଟଣା ଅଭୁଲା ଘଟଣା ଅଟେ । ମକ୍କାରୁ ୪୦ ମାଇଲ୍ ଦୂରରେ ଅବସ୍ଥିତ ତାଏଫ୍‌ରେ ନିଜର ଜଣେ ସ୍ୱାଧୀନ ଗୁଲାମ୍ ଜଏଦ୍‌ଙ୍କ ସହିତ ପହଂଚିଲେ । ଯେଉଁଠି ବିଭିନ୍ନ ଧନୀ ବ୍ୟକ୍ତିମାନଙ୍କ ବ୍ୟତୀତ ସକିଫ୍ କବିଲାର ତିନିଜଣ ସର୍ଦ୍ଦାର ମଧ୍ୟ ଥିଲେ । ଯେଉଁମାନଙ୍କ ସହିତ ରସୁଲୁଲ୍ଲାଃ ସ:ଆ:ସ ଙ୍କର ଆଇ ଘର ଆଡୁ ବନ୍ଧୁତ୍ୱ ଥିଲା । ହଜ୍‌ରତ୍ ନବୀ କରିମ୍ ସ:ଆ:ସ ସେମାନଙ୍କୁ ଇସ୍‌ଲାମ୍ ଆଡକୁ ଡାକିଲେ ଓ କୁରେଶେ ମକ୍କାଙ୍କ ବିରୋଧ କରିବାର କଥା କହି ସେମାନଙ୍କଠାରୁ ସାହାଯ୍ୟ ଚାହିଁଲେ । ଏହା ଶୁଣି ସେମାନଙ୍କ ମଧ୍ୟରୁ ଜଣେ ସର୍ଦ୍ଦାର କହିଲେ- ''ଯଦି ତୁମକୁ ଖୁଦା ରସୁଲ୍ ରୂପେ ପ୍ରେରଣ କରିଛନ୍ତି ତେବେ ସେ କାବାର ପର୍ଦ୍ଦାକୁ କାଟୁଅଛି'' । ଦ୍ୱିତୀୟ ସର୍ଦ୍ଦାର ଜଣକ କହିଲେ ''କଣ ତୁମ ଛଡ଼ା ଆଉ କେହି ରସୁଲ୍ ଅଲ୍ଲାଃତାଲକୁ ମିଳିଲା ନାହିଁ, ଯାହାକୁ ସେ ପ୍ରେରଣ କରିଥାନ୍ତା ।'' ତୃତୀୟ ସର୍ଦ୍ଦାର ଜଣକ କହିଲେ ''ଅଲ୍ଲାଃଙ୍କ ରାଣ ! ମୁଁ ତ ତୁମ ସହିତ କଥା କହିବା ପାଇଁ ମଧ୍ୟ ଇଛା କରିବି ନାହିଁ'' (ଇବ୍‌ନେ ହଶାମ୍) ଏବଂ କହିଲେ ଯେ ଏହି ବସ୍ତିରୁ ଯଥାଶିଘ୍ର ବାହାରି ଚାଲିଯାଓ ଏବଂ କେବଳ ଏତିକି କଲେ ନାହିଁ ବରଂ କିଛି ଗୁଲାମ୍ ମାନଙ୍କୁ ଓ କିଛି ଫାଡା ଯୁବକଙ୍କୁ ଆପଣଙ୍କ ପଛରେ ଲଗାଇଦେଲେ, ଯେଉଁମାନେ ଗାଳିଗୁଲଜ କରୁଥିଲେ ଓ ପାଟିତୁଣ୍ଡ କରୁଥିଲେ । ଏହି ସମୟରେ ଗୋଟିଏ ବଡ଼ ଭିଡ ଏକତ୍ରିତ ହୋଇଗଲା । ଯେଉଁମାନେ ଆପଣଙ୍କ ରାସ୍ତା ଅବରୋଧ କରି ଦୁଇପଟରୁ ଛିଡ଼ା ହୋଇ ଆପଣଙ୍କ ଉପରକୁ ପଥର ବର୍ଷା କରିବାକୁ ଲାଗିଲେ । ହଜ୍‌ରତ୍ ଜଏଦ୍ ରସୁଲୁଲ୍ଲାଃ ସ:ଆ:ସ ଙ୍କ ସମ୍ମୁଖରେ ଢ଼ାଲ ସଦୃଶ ପଥର ମାଡରୁ ଆପଣଙ୍କୁ ବଂଚାଇବା ପାଇଁ ଆପଣଙ୍କ ସମ୍ମୁଖରେ ଛିଡ଼ା ହୋଇଗଲେ । କିନ୍ତୁ ସେ ଜଣେ କିପରି ବଂଚାଇ ପାରିଥାଆନ୍ତେ । ରସୁଲୁଲ୍ଲାଃ ସ:ଆ:ସ ଙ୍କ ପେଣ୍ଡା ଲହୁ ଲୁହାଣ ଏବଂ ଜୋତା ରକ୍ତରେ ଭରିଗଲା । ଏବଂ ହଜ୍‌ରତ୍ ଜଏଦ୍‌ଙ୍କୁ ମଧ୍ୟ ଭୀଷଣ ଆଘାତ ଲାଗିଲା । ଏବଂ ଏହି ଭିଡ଼ ସେତେବେଳେ ଫେରିଗଲା ଯେତେବେଳେ ଆପଣ ସ:ଆ:ସ ମକ୍କାର ଦୁଇଜଣ ସର୍ଦ୍ଦାର ଉତ୍‌ବା ଓ ଶୈବା ଙ୍କ ଅଙ୍ଗୁର ବଗିଚାରେ ଆଶ୍ରୟ ନେଲେ ।

ସୁତରାଂ ତାଏଫ୍‌ର ଘଟଣା ଆମ ପ୍ରିୟ ଆକା ଓ ମୌଲା ହଜ୍‌ରତ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଉପରେ ଅତ୍ୟନ୍ତ ଦୁଃଖ ଦାୟକ ଘଟଣା ଥିଲା । ହଜ୍‌ରତ୍ ଆଇଶା ର:ଅ ଥରେ ନବୀ କରିମ୍‌ଙ୍କୁ ପଚାରିଲେ ଯେ ଉହଦ୍‌ର ସମୟଠାରୁ ଅଧିକା କଷ୍ଟ ସମୟ ମଧ୍ୟ କେବେ ଆପଣଙ୍କ ଉପରେ ଆସିଛି ? (ଉହଦ୍ ଠାରେ ଆପଣଙ୍କର ପବିତ୍ର ଦାନ୍ତ ଶହିଦ୍ ହୋଇଯାଇଥିଲା ଏବଂ ଆପଣଙ୍କ ଚେହେରାରେ ମଧ୍ୟ ଆଘାତ ଲାଗିଥିଲା) । ଏହାର ଉତରରେ ହଜ୍‌ରତ୍ ସ:ଆ:ସ କହିଲେ- ହେ ଆଇଶା ! ମୁଁ ତୁମ କୌମ୍‌ଙ୍କ ଠାରୁ ବହୁତ ଦୁଃଖ ପାଇଛି । କିନ୍ତୁ ସବୁଠାରୁ ଅଧିକ କଷ୍ଟ ତାଏଫ୍ ଗସ୍ତରେ ମୋତେ ଉଠାଇବାକୁ ପଡ଼ିଥିଲା । ସେ ସମୟରେ ମୁଁ ଭୀଷଣ ଦୁଃଖୀତ ହୋଇ ମୁଣ୍ଡ ନୁଆଁଇ ଚାଲିଯାଉଥିଲି । ଏପରି ପରିସ୍ଥିତିରେ ମୁଁ କଣ ଦେଖୁଛି । ଗୋଟିଏ ବାଦଲ ମୋ ମୁଣ୍ଡ ଉପରେ ଛାଇ କରି ରଖିଛି, ସେତେବେଳେ ପାହାଡର ଫରିସ୍ତା, ମୋତେ ସଲାମ୍ କଲେ ଓ କହିଲେ- ମୁଁ ହେଉଛି ପାହାଡ଼ର ଫରିସ୍ତା । ମୋତେ ଆପଣଙ୍କର ପାଳନକର୍ତା ଆପଣଙ୍କ ନିକଟକୁ ପଠାଇଛନ୍ତି । ଆପଣ ଯାହା କିଛି ନିର୍ଦ୍ଦେଶ ଦେବେ ତାହା ମୁଁ କରିବି । ହେ ମୁହମ୍ମଦ୍ ସ:ଆ:ସ ! କଣ ଆପଣ ଚାହୁଁଛନ୍ତି ଯେ ଏହି ଭୁଖଣ୍ଡଟି ଯାହା ଏହି ଦୁଇଟି ପାହାଡ଼ ମଧ୍ୟରେ ଅବସ୍ଥିତ ଅଛି, ତାହାଲେ ମୁଁ ଏହି ଦୁଇଟି ପାହାଡକୁ ତା ଉପରେ ପକାଇ ପେଶିଦେବି । କରୁଣାର ନବୀ ସ:ଆ:ସ କହିଲେ ନାହିଁ ନାହିଁ ଏପରି କରନାହିଁ । ମୋର ଆଶା ଅଛି ଯେ ଅଲ୍ଲାଃତାଲା ସେମାନଙ୍କ ସନ୍ତାନ ମାନଙ୍କ ମଧ୍ୟରେ ଏପରି ଲୋକ ସୃଷ୍ଟି କରାଇବେ ଯେଉଁମାନେ ଏକ ଖୁଦାର ଉପାସନା କରିବେ ଏବଂ ତା ସହିତ କାହାର ସମକକ୍ଷ କରିବେ ନାହିଁ । (ବୁଖାରୀ)

ନିଜ ଭାଷଣର ଶେଷରେ ସେ ସୟଦ୍‌ନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଖୁତ୍‌ବା ଜୁମା ପ୍ରଦତଃ ୮ ଡିସେମ୍ବର୍ ୨୦୧୭ ରୁ କିଛି ନିର୍ଦ୍ଦେଶାବଳୀ ଗୁଡିକୁ ଉପସ୍ଥାପନ କଲେ । ହଜୁର୍ ଅନୁୱ୍ୱର୍ କହୁଛନ୍ତି:- ଆମକୁ ନିଜର ତବ୍‌ଲିଗ୍ କାର୍ଯ୍ୟ ଗୁଡିକରେ ଏକ ନିୟମିତତା ସୃଷ୍ଟି କରିବାର ଆବଶ୍ୟକ ଅଛି । ଏହା ନୁହେଁ ଯେ ବର୍ଷକରେ ଥରେ ବା ଦୁଇଥର ଦଶଦିନିଆ ତର୍‌ବିୟତି ପ୍ରୋଗ୍ରାମ୍ ଅନୁଷ୍ଠିତ କରିଦେଲେ, ଦଶଦିନିଆ ତବ୍‌ଲିଗ୍ ପ୍ରୋଗ୍ରାମ୍ କରିନେବା, ସଡକରେ ଛିଡ଼ା ହୋଇ ଲିଟ୍‌ରେଚର୍ ବାଂଟିଦେବା ଓ ଏତଦ୍ୱାରା ଏହା ଭାବିନେବା ଯେ ଆମେ ତବ୍‌ଲିଗ୍‌ର ହକ୍‌କୁ ପ୍ରଦାନ କରିଦେଲୁ..... ଅଲ୍ଲାଃତାଲା ବୁଦ୍ଧିମତା ଓ ସୁନ୍ଦର ଉପଦେଶ ଓ ଠୋସ୍ ଦଲିଲ୍ ସହିତ ତବ୍‌ଲିଗ୍‌ର ଯେଉଁ ନିର୍ଦ୍ଦେଶ ଦେଇଛି ତା ମୁତାବକ ପରିଚାଳିତ ହେବା ଆମ କାର୍ଯ୍ୟ ଅଟେ । ଧୈର୍ଯ୍ୟର ସହିତ ଏହାକୁ କରିଚାଲିବା ଆମର କାର୍ଯ୍ୟ ଅଟେ । ଏହାର ଫଳ ଅଲ୍ଲାଃତାଲାଙ୍କ ହାତରେ ଅଛି । କାହାକୁ ବିପଥଗାମୀରେ ପଡ଼ି ରହିବାକୁ ହେବ ଓ କିଏ ହିଦାୟତ୍ ପାଇବ । ଏ ସବୁ କଥାର ଜ୍ଞାନ ଅଲ୍ଲାଃତାଲାଙ୍କ ନିକଟରେ ଅଛି ।.... ଆମଠାରୁ ଯଦି ପଚରାଯିବ ତେବେ ଏତିକି ଯେ କଣ ତୁମେ ଏ ବାର୍ତାକୁ ପହଂଚାଇଛ ? ବା କାହିଁକି ନିଜର ତବ୍‌ଲିଗ୍ କାର୍ଯ୍ୟକୁ କରିନାହୁଁ ? ଏବଂ କାହିଁକି ଅଲ୍ଲାଃତାଲାଙ୍କ ନିର୍ଦ୍ଦେଶ ମୁତାବକ ଅମଳ ନ କରିଲୁ ? କିଏ ହିଦାୟତ୍ ପାଇବ ଓ କିଏ ହିଦାୟତ୍ ପାଇବ ନାହିଁ । ଏହା କେବଳ ଅଲ୍ଲାଃତାଲାଙ୍କ ଜ୍ଞାନ ଭିତରେ ଅଛି । ଯଦି ଆମେ ଆମ ଉପରେ ନ୍ୟସ୍ତ କରାଯାଇଥିବା କାର୍ଯ୍ୟଗୁଡିକୁ ପୁରା କରୁଥିବା ତେବେ ମରିବା ପରେ ଏ ସଂସାର ଅଲ୍ଲାଃତାଲାକୁ ଏହା କହିପାରିବ ନାହିଁ ଯେ ଆମକୁ ତ ଇସ୍‌ଲାମ୍‌ର ବାର୍ତା ମିଳିନଥିଲା ବୋଲି ।

ହଜ୍‌ରତ୍ ମସିହ୍ ମଉଦ୍ ଆ:ସ କହୁଛନ୍ତି- ଇସ୍‌ଲାମ୍‌ର ସୁରକ୍ଷା ଓ ସତ୍ୟତା ପ୍ରକାଶ କରିବା ନିମନ୍ତେ ସର୍ବପ୍ରଥମେ ଏ ପାର୍ଶ୍ୱକୁ ଦେଖାଯିବ ଯେ ତୁମେ ସଚ୍ଚା ମୁସଲ୍‌ମାନ୍‌ର ନମୁନା ଦେଖାଓ ଓ ଦ୍ୱିତୀୟ ପାର୍ଶ୍ୱଟି ହେଉଛି ତାର ଉତମ ଗୁଣ ଗୁଡିକୁ ଓ ଚମତ୍କାରକୁ ସଂସାରରେ ପ୍ରଚାର ଓ ପ୍ରସାର କର । ହଜୁର୍ ଅନୁୱ୍ୱର୍ କହିଲେ ସୁତରାଂ ତବ୍‌ଲିଗ୍ ନିମନ୍ତେ ମଧ୍ୟ ଏହା ଜରୁରୀ ଅଟେ ଯେ ପ୍ରଥମେ ନିଜ ଅବସ୍ଥାରେ ପବିତ୍ର ପରିବର୍ତନ କରିବାକୁ ହେବ । ଯେତେବେଳେ ଜଣେ ସଚ୍ଚା ମୁସଲ୍‌ମାନ୍‌ର ନମୁନା ହୋଇଯାଏ ତେବେ ପୁଣି ପ୍ରଶ୍ନ ଉଠୁନାହିଁ ଯେ ଲୋକମାନଙ୍କର ଧ୍ୟାନ ତାଙ୍କ ପ୍ରତି ଆକର୍ଷଣ ନହେବ ବୋଲି । ନମୁନାକୁ ହିଁ ଦେଖି ଲୋକମାନଙ୍କର ଧ୍ୟାନ ସୃଷ୍ଟି ହୋଇଥାଏ । ଏବଂ ଏହିପରି ତବ୍‌ଲିଗ୍ ପୂର୍ବରୁ ତବ୍‌ଲିଗ୍‌ର ମାର୍ଗ ଉନ୍ମୁକ୍ତ ହୋଇଯାଇଥାଏ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହା ମୁତାବକ ଅମଳ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ତକ୍‌ରୀର୍ ପରେ ପ୍ରଥମ ଦିନର ପ୍ରଥମ ଇଜ୍‌ଲାସ୍‌ର ପରିସମାପ୍ତି ଘଟିଲା ।

**ପ୍ରଥମ ଦିନର ଦ୍ୱିତୀୟ ଇଜ୍‌ଲାସ୍**

ନମାଜ ଜୋହର୍ ଅସର୍ ପାଠ ପରେ ପ୍ରଥମ ଦିନର ଦ୍ୱିତୀୟ ଇଜ୍‌ଲାସ୍ ଦିବା ୨:୧୫ ରେ ମୋକରମ୍ ମୌଲାନା ମୁହମ୍ମଦ୍ ଇନ୍‌ଆମ୍ ଘୋରୀ ସାହେବ୍ ନାଜିରେ ଆଲା ଓ ସ୍ଥାନୀୟ ଅମୀର କାଦିଆନ୍‌ଙ୍କ ସଭାପତିତ୍ୱରେ ଆରମ୍ଭ ହେଲା । ଇଜ୍‌ଲାସ୍‌ର କାର୍ଯ୍ୟକ୍ରମର ଶୁଭାରମ୍ଭ ପବିତ୍ର କୋରାନ୍‌ର ଆବୃତି ଦ୍ୱାରା ହେଲା । ଯାହାକୁ ମୋକରମ୍ ତାରିକ୍ ଅହେମଦ୍ ତାରିକ୍ ସାହେବ୍ ପାଠ କଲେ । ସେ ସୁରା ସଫ୍ ର ଆୟତ ନଂ ୭-୧୦ ତିଲାୱ୍ୱତ୍ କଲେ । ମୋକରମ୍ ଏମ୍ ନାସିର୍ ଅହେମଦ୍ ସାହେବ୍ ନାଏବ୍ ନାଜିର୍ ଇସ୍‌ଲାହ୍ ୱ୍ୱ ଇର୍‌ଶାଦ୍ ଦକ୍ଷିଣ

ଭାରତ ଉକ୍ତ ଆୟତ ଗୁଡିକର ଅନୁବାଦ ଉପସ୍ଥାପନ କଲେ । ମୋକରମ୍ ନସର୍ ମିନଲ୍ଲାହା ସାହେବ୍ ଶିକ୍ଷକ ଜାମିଆ ଅହେମଦୀୟା କାଦିଆନ୍ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ପବିତ୍ର ମଞ୍ଜୁମ୍ କଲାମ୍ ।

ନିଶାଁ କୋ ଦେଖ୍ କର୍
କବ୍‌ତକ୍ ପେଶ୍ ଯାଏଗା
ଆରେ ଇକ୍ ଅଓର୍ ଝୁଟୋଁ
ପର୍ କୟାମତ୍ ଆନେ ୱାଲି ହୈ

ଅତ୍ୟନ୍ତ ଲଳିତ ସ୍ୱରରେ ପଢ଼ି ଲୋକମାନଙ୍କୁ ଆନନ୍ଦିତ କଲେ ।

ଏହି ଇଜ୍‌ଲାସ୍‌ର ପ୍ରଥମ ତକ୍‌ରୀର୍ ମୋକରମ୍ ଇନାୟତୁଲ୍ଲାଃ ସାହେବ୍ ଏଡିଶିନାଲ୍ ନାଜିର୍ ଇସ୍‌ଲାହ୍ ୱ ଇରଶାଦ୍ ତାଲିମୁଲ୍ କୋରାନ୍ ୱ ୱକ୍‌ଫେ ଆର୍‌ଜି ''ବର୍ତମାନ ଯୁଗରେ ତାଲିମୁଲ୍ କୁର୍‌ଆନ୍ ର ଆବଶ୍ୟକ ଓ ଗୁରୁତ୍ୱ, ଯମାତ୍‌ର ପ୍ରତ୍ୟେକ ଲୋକେ ଓ ୱହ୍‌ଦାଦାର୍ ମାନଙ୍କ ଦାୟିତ୍ୱ ପ୍ରସଙ୍ଗ''ରେ କଲେ । ସେ ସୁରା ଜୁମାର ଆୟତ ନଂ ୩ ଓ ୪ ପାଠ କଲେ ଓ ଅନୁବାଦ ପଢ଼ି ଶୁଣାଇଲେ । ପୁଣି କହିଲେ ଏହି ଆୟତ ଗୁଡିକରେ ସୟଦ୍‌ନା ହଜ୍‌ରତ୍ ଅକ୍‌ଦସ୍ ମୁହମ୍ମଦ୍ ମୁସ୍ତଫା ସ:ଆ:ସ ଙ୍କ ଦୁଇଟି ଆବିର୍ଭାବ ଓ ଆପଣଙ୍କର ମହାନ୍ ଦାୟିତ୍ୱଗୁଡିକୁ ବିଷୟରେ ଚର୍ଚ୍ଚା ହୋଇଛି ଯାହା ଆପଣ ସ:ଆ:ସ ଙ୍କ ଉପରେ ଅବତୀର୍ଣ୍ଣ ହୋଇଥିବା ଶେଷ ଓ ଚିରସ୍ଥାୟୀ ଓ ମହାନ୍ ଶରୀୟତ୍ ଅର୍ଥାତ୍ ପବିତ୍ର କୋରାନ୍ ର ପ୍ରତ୍ୟେକ ଯୁଗରେ ଗୁରୁତ୍ୱ ଆବଶ୍ୟକତାକୁ ବର୍ଣ୍ଣନା କରୁଅଛି । ସୁତରାଂ ଆପଣ ସ:ଆ:ସ ଙ୍କ ପ୍ରଥମ ଆବିର୍ଭାବ ମକ୍କା ଦେଶରେ ସେ ସମୟରେ ହେଲା ଯେତେବେଳେ ଚାରିଆଡେ ଅନ୍ଧକାରମୟ ଓ ପଥଭ୍ରଷ୍ଟତା ପରିପୂର୍ଣ୍ଣ ଥିଲା । ଏବଂ ମନୁଷ୍ୟର ଅବସ୍ଥା ବହୁତ ନ୍ୟୁନ ଅବସ୍ଥାରେ ଥିଲା । ଏହି ନକ୍‌ସାକୁ ଅଲ୍ଲାଃତାଲା *ଜହରଲ୍ ଫସାଦୁ ଫିଲ୍ ବର୍‌ରେ ୱଲ୍ ବହ୍‌ରେ* ରୂପେ ବର୍ଣ୍ଣନା କରିଛି । ଅର୍ଥାତ୍- ଜଳ ଓ ସ୍ଥଳ ଭାବରେ ଏପରିକି ପ୍ରତ୍ୟେକ ସ୍ଥାନରେ ଭ୍ରଷ୍ଟାଚାର ଓ ଭ୍ରଷ୍ଟାଚାର ଭରି ରହିଥିଲା । ଏହିପରି ଅଶାନ୍ତରେ ପରିପୂର୍ଣ୍ଣ ଓ ନିମ୍ନଗାମୀ ଅବସ୍ଥାରେ ଆପଣ ସ:ଆ:ସ ଉକ୍ତ ସମ୍ପୂର୍ଣ୍ଣ ଓ ସ୍ୱୟଂପୁର୍ଣ୍ଣ ଶେଷ ଶରୀୟତ୍ ଅର୍ଥାତ୍ ପବିତ୍ର କୋରାନ୍ ଜରିଆରେ ଖୁଦାତାଲାଙ୍କର ପବିତ୍ର ଶକ୍ତି ଓ ତାଙ୍କ ସାହାଯ୍ୟ ଓ ସହଯୋଗ ସହିତ ମାନବ ଜାତିକୁ ପବିତ୍ର କଲେ । ଏବଂ ତାଙ୍କ ଭିତରେ ଏକ ମହାନ୍ ବିପ୍ଳବ ସୃଷ୍ଟି କରାଇଦେଲେ ।

ସେ ପବିତ୍ର କୋରାନ୍, ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଓ ଖୋଲୋଫାଏ କରାମ୍ ଙ୍କ ଉପଦେଶାବଳୀ ଆଲୋକରେ ତାଲିମୁଲ୍ କୁର୍‌ଆନ୍‌ର ଆବଶ୍ୟକତା ଓ ଗୁରୁତ୍ୱ ଉପରେ ଆଲୋକପାତ କଲେ । ପୁଣି ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ କିଛି ଉପଦେଶାଳବୀ ଉପସ୍ଥାପନ କଲେ । ହଜୁର୍ ତାଙ୍କର ଖୁତ୍‌ବାଜୁମା ୨୪ ଡିସେମ୍ବର୍ ୨୦୦୪ ରେ କହୁଛନ୍ତି:- ପ୍ରତ୍ୟେକ ଅହେମଦୀଙ୍କୁ ଏ ବିଷୟରେ ଚିନ୍ତା କରିବା ଉଚିତ୍ ଯେ ସେ ନିଜେ ଓ ତାଙ୍କ ସ୍ତ୍ରୀ ପିଲା ମଧ୍ୟ ପବିତ୍ର କୋରାନ୍‌କୁ ପଢ଼ନ୍ତୁ ଓ ଏହାର ତିଲାୱତ୍ କରିବା ପ୍ରତି ଧ୍ୟାନ ଦିଅନ୍ତୁ । ପୁଣି ଅନୁବାଦ ପଢ଼ନ୍ତୁ, ପୁଣି ହଜ୍‌ରତ୍ ମସିହ୍ ମଉଦ୍ ଆ:ସ ଙ୍କ ତବ୍‌ସିର୍ ପଢ଼ନ୍ତୁ । କହିଲେ ଯଦି ଆମେ ପବିତ୍ର କୋରାନ୍‌କୁ ଏପରି ପଢୁନାହୁଁ ତେବେ ଚିନ୍ତା କରିବାର ସମୟ ଏବଂ ପ୍ରତ୍ୟେକଙ୍କୁ ନିଜ ବିଷୟରେ ଭାବିବା ଉଚିତ୍ ଯେ ସେ ଅହେମଦୀ ବୋଲାଉଥିବା ପରେ ମଧ୍ୟ କଣ ଏହି କଥା ଉପରେ ଅମଳ ନ କରି ଅହେମଦୀୟତ୍‌ଠାରୁ ଦୂରେଇ ତ ଯାଉନାହିଁ । କହିଲେ ସୁତରାଂ ପ୍ରତ୍ୟେକ ଅହେମଦୀଙ୍କୁ ମନେରଖିବାକୁ ହେବ ଯେ ଆମକୁ ଯାହା କିଛି ମିଳିବାର ଅଛି ତାହା ସବୁ ପବିତ୍ର କୋରାନ୍‌ର ବର୍‌କତ୍‌ରୁ ହିଁ ମିଳିବ । ଏବଂ ବର୍‌କତ୍ ତାର ନିର୍ଦ୍ଦେଶ ଗୁଡିକ ଉପରେ ଅମଳ କରିବା ଯୋଗୁ ହିଁ ମିଳିବ ।

ଏହିପରି ହଜୁର୍ ଅନୁୱର୍ ନିଜର ଖୁତ୍‌ବା ଜୁମା ୨୩ ଜୁନ୍ ୨୦୧୭ ରେ ଯମାତ୍‌ର ୱହ୍‌ଦାଦାର୍‌ଙ୍କ ଦାୟିତ୍ୱ ଗୁଡିକ ପ୍ରସଙ୍ଗରେ କହିଲେ:- ପୁଣି ବିଶେଷତଃ ରମ୍‌ଯାନ୍ ମାସରେ ପବିତ୍ର କୋରାନ୍ ପଢ଼ିବା, ଶୁଣିବା ପ୍ରତି ଧ୍ୟାନ ଆକର୍ଷଣ ହୋଇଥାଏ । ବହୁତ ଲୋକେ ଏ ଚେଷ୍ଟା କରିଥାନ୍ତି ଯେ ଅତି କମ୍‌ରେ ପବିତ୍ର କୋରାନ୍‌କୁ ଥରେ ବା ଦୁଇଥର ସମ୍ପୂର୍ଣ୍ଣ ରୂପେ ପଢ଼ିନେବେ । କାରଣ ଏହା ମଧ୍ୟ ଏକ ସୁନ୍ନତ୍ ଅଟେ । କିନ୍ତୁ ତତ୍ ସହିତ ଏହି ପବିତ୍ର ମାସରେ ପବିତ୍ର କୋରାନ୍‌ର ତିଲାୱତ୍ ପ୍ରତି ଧ୍ୟାନଦେବା ଓ ଏହାକୁ ନିୟମିତ ପାଠ କରିବା ନିମନ୍ତେ ଧ୍ୟାନ ଆକର୍ଷଣ କରାଇବା ଯେ ବର୍ତମାନ ଆମେ ନିୟମିତ ରୂପେ ପବିତ୍ର କୋରାନ୍‌ରୁ କିଛି ଅଂଶ ପାଠ କରିବୁ । ଅଲ୍ଲାଃତାଲା ଯେଉଁଠି ନମାଜ ର ଭିନ୍ନ ଭିନ୍ନ ସମୟ ପ୍ରତି ଧ୍ୟାନ ଆକର୍ଷଣ କରାଇଛି ତତ୍ ସହିତ ଏହାର ଗୁରୁତ୍ୱ ମଧ୍ୟ ବର୍ଣ୍ଣନା କରିଛି ସେଠାରେ ଏହା ମଧ୍ୟ କହିଛି ଯେ ୱ କୁର୍‌ଆନଲ୍ ଫଜ୍‌ରି ଇନ୍ନା କୁରୁଆନଲ୍ ଫଜ୍‌ରି କାନା ମଶ୍‌ହୁଦା । ଅର୍ଥାତ୍- ପ୍ରତ୍ୟୁଷ ସମୟରେ ତିଲାୱତ୍ କୁ ମଧ୍ୟ ଗୁରୁତ୍ୱ ଦିଅ । ନିଶ୍ଚିତ ରୂପେ ଫଜଲ୍ ସମୟରେ ପବିତ୍ର କୁରୁଆନ୍ ପଢ଼ିବା ଏପରି ଅଟେ ଯେପରି ତାର

*ଅବଶିଷ୍ଟାଂଶ ପୃଷ୍ଠା-୯ ରେ ଦେଖନ୍ତୁ...*

---

*ପୃଷ୍ଠା-୧୬ ର ଅବଶିଷ୍ଟାଂଶ.......*

ମନ୍ତବ୍ୟ ? ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଆପଣ ଉକ୍ତ ଆକ୍ରମଣ ଆଡକୁ ଇଙ୍ଗିତ କରୁଛନ୍ତି ଯାହା ନିକଟ ଅତୀତରେ ଲୋକଙ୍କ ଉପରେ ଭ୍ୟାନ୍ ଚଢାଇବା ଓ ଛୁରୀ ଦ୍ୱାରା ଆକ୍ରମଣ କରିବା । ଯେତେବେଳେ ଲୋକେ ଦେଖୁଛନ୍ତି ଯେ ଜଣେ ମୁସଲ୍‌ମାନ୍ ଏହି ଆକ୍ରମଣ କରୁଅଛି ସେତେବେଳେ ଲୋକମାନଙ୍କର ପ୍ରତିକ୍ରିୟା ଆସିଥାଏ ଏବଂ ଏମାନେ ନିଜର ପତ୍ରିକା ଦେବାପାଇଁ ମଧ୍ୟ ହକ୍ ରଖୁଛନ୍ତି । ଯେଉଁମାନେ ମୁସଲ୍‌ମାନ୍‌ଙ୍କ ବିରୋଧରେ କଥା ହେଉଛନ୍ତି ଏବଂ ମୁସଲ୍‌ମାନଙ୍କ ଉପରେ ଆରୋପ ଲଗାଉଛନ୍ତି । ଏହି କଥା ତ ମୁଁ ସର୍ବଦା କହିଆସୁଛି ଯେ ଯେଉଁ ଲୋକମାନେ ଏପରି ବର୍ବର କାଣ୍ଡ କରୁଛନ୍ତି ତାହା ସବୁ ଇସ୍‌ଲାମୀୟ ଶିକ୍ଷାର ଅସଲ ରୂପ ନୁହେଁ, ଇସ୍‌ଲାମ୍ ତ ଏହା କହୁନାହିଁ । ପ୍ରଥମତଃ ଏ ଲୋକମାନେ ନିରାଶ ଓ ହତାସ ହୋଇଛନ୍ତି । ଦ୍ୱିତୀୟତଃ ସେମାନଙ୍କୁ ସନ୍ତ୍ରାସବାଦ ଗୋଷ୍ଠୀ ବା ଚରମପନ୍ଥୀ ମୁଲାମାନେ Radicalise କରିଛନ୍ତି । ସରକାର ସେମାନଙ୍କୁ କଠୋରତାର ସହିତ କଂଟ୍ରୋଲ କରିବା ଉଚିତ୍ ଏବଂ ସେମାନଙ୍କୁ କାନୁନ୍ ସମ୍ମୁଖରେ ଛିଡ଼ା କରାଇବା ଉଚିତ୍ ଓ କାନୁନ୍ ମୁତାବକ ସେମାନଙ୍କ ସହିତ ବ୍ୟବହାର କରିବା ଉଚିତ୍ । ଏତଦ୍‌ଭିନ୍ନ ଆମେ ଅହେମଦୀମାନେ ଉକ୍ତ ପ୍ରଭାବିତ ଲୋକମାନଙ୍କ ସହିତ ଅଛୁ ଓ ଦେଶର ଏକତାକୁ ଦୃଢ଼ ରଖିବା ପାଇଁ ମତବ୍ୟକ୍ତ କରିଛୁ । ଏହା ହେଉଛି ଆମର ପ୍ରତିକ୍ରିୟା ।

ଆଫ୍ରିକାର ଗୋଟିଏ ଦେଶ ରୱାଣ୍ଡା ରୁ ଜଣେ ଜର୍ନାଲିଷ୍ଟ୍ Kamanzie Hussain ସାହେବ୍ ପ୍ରଶ୍ନ କଲେ କି ମୁଁ କାଲି ଜାମିଆ ଭ୍ରମଣରେ ଯାଇଥିଲି । ଅହେମଦୀୟା ମୁସ୍‌ଲିମ୍ ଯମାତ୍ ବହୁତ ଭଲ ଭାବରେ କାମ କରୁଅଛି । ଏଠାରେ ପିଲାମାନଙ୍କୁ ମିଶ୍‌ନାରୀ ରୂପେ ପ୍ରସ୍ତୁତ କରାଯାଉଛି । ମୋର ପ୍ରଶ୍ନ ହେଉଛି ଯେ ଏହାଦ୍ୱାରା ଆପଣମାନେ ପିଲାମାନଙ୍କର ଯୋଗ୍ୟତା ଓ କ୍ଷମତାକୁ ସୀମାବଦ୍ଧ ତ କରୁନାହାଁନ୍ତି ? ଏମାନେ ମୁବଲିଗ୍ ବ୍ୟତୀତ ଦୁନିଆରେ ଅନ୍ୟ କାମ ମଧ୍ୟ ଶିଖିପାରନ୍ତେ ଓ କାମ ମଧ୍ୟ କରିପାରିବେ । ହଜୁର୍ ଅନୁୱର୍ ଅ:ବ:ଅ ଏହାର ଉତରରେ କହିଲେ ଯେ ଏହା ହେଉଛି ମିଶନାରୀ ଟ୍ରେନିଂ କଲେଜ୍ । ସମସ୍ତେ ତ ଡାକ୍ତର ହୋଇପାରିବେ ନା ଇଂଜିନିୟର୍ ହୋଇପାରିବେ ? ସମସ୍ତେ ଶିକ୍ଷକ ମଧ୍ୟ ହୋଇପାରିବେ ନାହିଁ । ତେଣୁ ଯେଉଁ ପିଲାମାନେ ଅଛନ୍ତି ସେମାନେ ଦୀନି ତାଲିମ୍ ହାସଲ କରିବା ପାଇଁ ନିଷ୍ପତି କରିଛନ୍ତି । ଏହା ତାଙ୍କ ପାଇଁ ବାଧ୍ୟତା ମୂଳକ ତ ନୁହେଁ, ସେମାନେ ନିଜେ ଏହାକୁ ଚୟନ କରିଛନ୍ତି । ଓ ଆମେ ଏପରି ଇଚ୍ଛୁକ ପିଲାମାନଙ୍କ ନିମନ୍ତେ ଯାମିଆ ନିର୍ମାଣ କରିଛୁ । ଯେଉଁଠି ସେକୁଲାର୍ ଓ ସାଂସାରିକ ଜ୍ଞାନ କଥା ଉଠେ ତେବେ ସେମାନେ ଏହି ଶିକ୍ଷା ସବୁ ସରକାରୀ ସ୍କୁଲ୍‌ରେ ହାସଲ କରୁଛନ୍ତି । ପୁଣି ତୃତୀୟ ବିଶ୍ୱରେ ଆମେ ଶହ ଶହ ପ୍ରାଇମେରି, ସେକେଣ୍ଡାରୀ ଓ ହାଇସ୍କୁଲ୍ ପରିଚାଳିତ କରୁଅଛୁ । ଯେଉଁଠି ସାଂସାରିକ ଶିକ୍ଷା ଦିଆଯାଉଅଛି । ଏବଂ ଏହି ଦେଶଗୁଡିକରେ ଅନେକ ରାଜନୈତିଜ୍ଞ, ଡାକ୍ତର ଓ ଇଂଜିନିୟର୍ ଅଛନ୍ତି ଯେଉଁମାନେ ଆମ ସ୍କୁଲ୍‌ରୁ ଶିକ୍ଷା ହାସଲ୍ କରି ଉତୀର୍ଣ୍ଣ ହୋଇଛନ୍ତି । ତେଣୁ ଆମେ କେବଳ ଧାର୍ମିକ ଶିକ୍ଷା ଉପରେ ଧ୍ୟାନ ରଖିନବୁ । ବରଂ ଆମେ ପ୍ରତ୍ୟେକ ପ୍ରକାରର ଶିକ୍ଷା ଦେବାକୁ ଚାହୁଁଅଛୁ । ଆମେ ଏ ବିଶ୍ୱାସ ରଖିଛୁ ଯେ ପ୍ରତ୍ୟେକ ବ୍ୟକ୍ତି ନିଜର ଶକ୍ତି, ସାମର୍ଥ୍ୟ ଓ ଇଛା ମୁତାବକ ଶିକ୍ଷା ହାସଲ କରୁ । ଏହି କଥା ଆପଣ ପଚାରିବାକୁ ଚାହୁଁଥିଲେ ନା ?

ଜର୍ନାଲିଷ୍ଟ୍ ଜଣକ କହିଲେ ଯେ ଏହି ପିଲାମାନେ ଯେଉଁମାନେ ଧାର୍ମିକ ଶିକ୍ଷା ହାସଲ କରୁଛନ୍ତି, ସେମାନଙ୍କୁ ଅନ୍ୟ ଜ୍ଞାନ ଶିଖିବାର ଅବସର କାହିଁକି ଦିଆଯାଉନାହିଁ ? ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଆମେ ତ ଅବସର ଦେଉଅଛୁ । ଯମାତ୍ ଅହେମଦୀୟାର ଚତୁର୍ଥ ଖଲିଫା ଗୋଟିଏ ସ୍କିନ୍‌ର ଶୁଭାରମ୍ଭ କରିଥିଲେ । ଅର୍ଥାତ୍ ମା' ମାନେ ନିଜ ପିଲାଙ୍କୁ ଦୀନ୍ ନିମନ୍ତେ ୱକ୍‌ଫ କରନ୍ତୁ । ସେବେଠାରୁ ସାରା ଦୁନିଆରେ ମା' ମାନେ ନିଜ ପିଲାଙ୍କୁ ୱକଫ୍ କରୁଛନ୍ତି ଏବଂ ଏପର୍ଯ୍ୟନ୍ତ ୬୦ ହଜାର୍‌ରୁ ଅଧିକ ପିଲାମାନଙ୍କୁ ସେମାନଙ୍କର ମା' ମାନେ ୱକ୍‌ଫ କରିସାରିଛନ୍ତି । ସେମାନଙ୍କ ମଧ୍ୟରୁ ୧୫୦ ଶିକ୍ଷାର୍ଥୀ ଏଠି ୟୁ.କେ ରେ ଦୀନି ତାଲିମ୍ ହାସଲ୍ କରୁଛନ୍ତି । ଏତିକି ସଂଖ୍ୟକ ପିଲା ଜର୍ମାନୀରେ, କାନାଡ଼ା ଓ ଘାନାରେ ଯେଉଁଠାରେ ଆମେ ଇଂଟର୍ ନ୍ୟାସ୍‌ନାଲ୍ ଯାମିଆ ପରିଚାଳନା କରୁଅଛୁ, ସେଠାରେ ଶିକ୍ଷା ଅର୍ଜନ କରୁଛନ୍ତି । ଅଳ୍ପ କିଛି ଶିକ୍ଷାର୍ଥୀ ଦୀନି ତାଲିମ୍ ହାସଲ କରୁଛନ୍ତି । ଏବଂ ଏହା ମଧ୍ୟ ସେମାନଙ୍କ ପାଇଁ ବାଧ୍ୟତାମୂଳକ ନୁହେଁ । ସେମାନଙ୍କ ପାଇଁ କ୍ଷେତ୍ର ଉନ୍ମୁକ୍ତ ଅଛି, ଯେପରି ମୁଁ କହିସାରିଛି ଯେ ସେମାନେ ନିଜେ ଏହି ଶିକ୍ଷା ହାସଲ୍ କରିବା ପାଇଁ ଚୟନ କରିଛନ୍ତି ଓ ମୋବୋଲିଗ୍ ହେବାକୁ ଇଛା ପ୍ରକାଶ କରିଛନ୍ତି । ସେମାନେ ଯେଉଁମାନେ ଡାକ୍ତର ହେବାକୁ ଚାହାଁନ୍ତି ସେମାନେ ମେଡିସିନ୍ ପଢୁଛନ୍ତି । ଯେଉଁମାନେ ଇଂଜିନିୟର୍ ହେବାକୁ ଚାହାଁନ୍ତି ସେମାନେ ଇଂଜିନିୟରିଂ ଡିଗ୍ରୀ ହାସଲ୍ କରୁଛନ୍ତି । ଶିକ୍ଷକ, ଓକିଲ ଓ ଅନ୍ୟାନ୍ୟ କ୍ଷେତ୍ରରେ ଶିକ୍ଷା ହାସଲ କରୁଛନ୍ତି । ତେଣୁ ଏହା ଏପରି ମନୋଭାବ ଠିକ୍ ନୁହେଁ ଯେ ଆମେ ସେମାନଙ୍କୁ ବାଧ୍ୟ କରୁଅଛୁ । ଏହା ସେମାନଙ୍କ ନିଜର ଚୟନ କରିବା ମାର୍ଗ ଅଟେ । ବର୍ତମାନ ଯେପରି ଆପଣ ଜର୍ନାଲିଜିମ୍ କ୍ଷେତ୍ରକୁ ଚୟନ କରିଛନ୍ତି । ତେବେ ଆପଣଙ୍କୁ କଣ କିଏ ବାଧ୍ୟ କରିଥିଲା ? ଆପଣ କାହିଁକି ଡାକ୍ତର ହେଲେନାହିଁ ? ତେଣୁ ପ୍ରତ୍ୟେକ ଙ୍କର ନିଜସ୍ୱ ଇଛା ଅଛି । ସେ ନିଜ ପାଇଁ ଯାହା ଭଲ ଭାବେ ତାହା କରିଥାଏ ।

ବଲିଭିୟାରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ କାର୍ଲୋସ୍ ସାହେବ୍ ପ୍ରଶ୍ନ କଲେ ଯେ ବଲିଭିୟାରେ ଏପରି ଲୋକ ଅଛନ୍ତି ଯେଉଁମାନେ ମଜ୍‌ବୁତ୍ ଖ୍ରୀଷ୍ଟିଆନ୍ କୁଟୁମ୍ବ ସହିତ ସମ୍ପର୍କ ରଖିଛନ୍ତି କିନ୍ତୁ ବର୍ତମାନ ସେମାନେ ଖ୍ରୀଷ୍ଟିୟ ଶିକ୍ଷା ଉପରେ ଅମଳ କରୁନାହାଁନ୍ତି, ତେବେ ସେମାନଙ୍କ ନିମନ୍ତେ ଆପଣଙ୍କର କଣ ବାର୍ତା ରହିଛି । ଯଦି ସେମାନେ ସେଠିକାର ଇମାମ୍‌ଙ୍କ ପାଖକୁ ଆସନ୍ତି ତେବେ ମୁଁ କଣ ଆଶା କରିବି । ଏଥିରେ ହଜୁର୍ ଅନୁୱର୍ ଅ:ବ:ଅ କହିଲେ ଯେ ଏପରି ତ ଅନେକ ମୁସଲ୍‌ମାନ ଅଛନ୍ତି ଯେଉଁମାନେ ନିଜ ଧର୍ମ ଉପରେ ଅମଳ କରୁନାହାଁନ୍ତି । ଏ ଲୋକମାନେ Practicing Muslims ନୁହଁନ୍ତି । ଏହିପରି ଅନ୍ୟ ଧର୍ମ ମାନଙ୍କର ମଧ୍ୟ ଅବସ୍ଥା । ତେଣୁ ମୁଁ ସବୁବେଳେ କହୁଛି ଯେ ଆପଣଙ୍କର ଧର୍ମ ଯାହା ହୋଇଥାଉ ନା କାହିଁକି ଆପଣ ତାର ଅସଲ ଶିକ୍ଷା ଉପରେ ଅମଳ କରିବା ପାଇଁ ଚେଷ୍ଟା କରନ୍ତୁ । କାରଣ ଏପରି କୌଣସି ଧର୍ମ ନାହିଁ, ଯିଏ ଏ ଶିକ୍ଷା ଦେଇଥିବ ଯେ ଅନ୍ୟମାନଙ୍କର ହକ୍‌କୁ କ୍ଷୁର୍ଣ୍ଣ କର ବୋଲି ଓ ଅନ୍ୟମାନଙ୍କ ଉପରେ ଜୁଲମ୍

କର ବୋଲି । ତେବେ ଯଦି ତୁମେ ନିଜ ଧର୍ମର ଅସଲ ଶିକ୍ଷା ଉପରେ ଅମଲ କରିବ ତେବେ ପୁଣି ମଧ୍ୟ ଏକ ଭାଇଚାରା, ପ୍ରେମ, ସ୍ନେହ ସୌହାର୍ଦ୍ଦ୍ୟ ଓ ଶାନ୍ତିପୁର୍ଣ୍ଣ ବାତାବରଣ ସୃଷ୍ଟି ହୋଇଯିବ । ତେବେ ଏପରି ଲୋକଙ୍କ ନିମନ୍ତେ ମୋର ବାର୍ତା ହେଉଛି ଯେ ନିଜ ଧର୍ମର ଅସଲ ଶିକ୍ଷା ଆଡକୁ ଫେରିଆସ ଓ ମାନବିକ ଅଧିକାର ଓ ମାନବତାର ସମ୍ମାନକୁ ଅଧିକ ଗୁରୁତ୍ୱ ଦିଅ । ଏହି ହେଉଛି ମୋର ବାର୍ତା ।

ସିରିଆଲିଓନ୍‌ରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ ପ୍ରଶ୍ନ କରି କହିଲେ- ହଜୁର୍ ! ମୋତେ ପ୍ରଶ୍ନ କରିବାକୁ ଅବସର ଦେଇଥିବାରୁ ଆପଣଙ୍କୁ ଧନ୍ୟବାଦ ଅର୍ପଣ କରୁଛି । ମୋ ପ୍ରଶ୍ନ ଉନ୍ନତି ମୂଳକ ପ୍ରୋଗ୍ରାମ୍ ପ୍ରସଙ୍ଗରେ ରହିଛି । ଯମାତ୍ ଅହେମଦୀୟା ବହୁତ ଗୁଡିଏ ଉନ୍ନତି ମୂଳକ ଯୋଜନା ଜାରି ରଖିଛି । ସେଥି ମଧ୍ୟରୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ସାମାଜିକ ପ୍ରୋଗ୍ରାମ୍ ମଧ୍ୟ ଅଛି । ଅହେମଦୀୟା ଯମାତ୍ ଏପରି ଗୋଟିଏ ଯମାତ୍ ଯିଏ ବହୁତ ବଡ଼ ଆକାରରେ ସରକାରକୁ ସାହାଯ୍ୟ କରିପାରିବ । ଏହିପରି କିଛି ଅନ୍ୟ ଦେଶଗୁଡିକ ମଧ୍ୟ ଅଛି । ମୋର ପ୍ରଶ୍ନ ହେଉଛି ଯମାତ୍ ଅହେମଦୀୟା ବିଭିନ୍ନ ଆଫ୍ରିକିୟ ଦେଶଗୁଡିକରେ, ଯେଉଁଠି ଏପର୍ଯ୍ୟନ୍ତ ଯମାତ୍ ଏତେ ସୁଦୃଢ଼ ହୋଇପାରିନାହିଁ ବା ସେଠାରେ ପ୍ରତିଷ୍ଠା ହୋଇନାହିଁ, ସେଠାକୁ ଯିବାର କଣ ଯୋଜନା ରଖାଯାଇଛି ? ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ଯେପରିକି ମୁଁ କହିସାରିଛି ଆମ ଯମାତ୍ ଗୋଟିଏ ତବ୍‌ଲିଗ୍ ଯମାତ୍ ଅଛି ଓ ନିଜର ସାଧନ ମୁତାବକ ଆମେ ମିଶନ୍ ଖୋଲୁଅଛୁ । ଏହା ଆମ ସାଧନ ଭିତରେ ରହିଛି । ଆମେ ତ ଚାହୁଁଛୁ ଯେ ଦୁନିଆର କୋଣ ଅନୁକୋଣ ପର୍ଯ୍ୟନ୍ତ ପହଂଚିବୁ ଓ ଆଫ୍ରିକାରେ ମଧ୍ୟ ପ୍ରତ୍ୟେକ କୋଣରେ ପହଂଚିବୁ । ଯଦ୍ୱାରା ଇସ୍‌ଲାମ୍‌ର ଅସଲ ଶିକ୍ଷା ଓ ବାସ୍ତବିକ ଶିକ୍ଷା ପ୍ରତ୍ୟେକ ଦେଶର ଲୋକମାନଙ୍କୁ ପର୍ଯ୍ୟନ୍ତ ପହଂଚାଇ ପାରିବୁ । ଆମେ ତ ନିଜର ସମ୍ପୂର୍ଣ୍ଣ ଚେଷ୍ଟା କରୁଅଛୁ ଯେ ସଂସାରର ପ୍ରତ୍ୟେକ ସ୍ଥାନରେ ନିଜର ମିଶନ୍ ଓ ଅନ୍ୟାନ୍ୟ ପ୍ରୋଜେକ୍ଟସ ଗୁଡିକୁ ବଢ଼ାଇବୁ । ବିଶେଷ କରି ଆଫ୍ରିକାରେ ବଢ଼ାଇବୁ ।

ବେନିନ୍‌ର ଜାତୀୟ ଟି.ଭି ର ଡିରେକ୍ଟର୍ Jamima Katraye ସାହିବା ମଧ୍ୟ ଏହି ପ୍ରେସ୍ କନ୍‌ଫରେନ୍‌ସରେ ସାମିଲ୍ ଥିଲେ । ସେ ପ୍ରଶ୍ନ କଲେ ଯେ ଦୁନିଆର ବିଭିନ୍ନ ଦେଶଗୁଡିକରେ ତୃତୀୟ ବିଶ୍ୱଯୁଦ୍ଧର ପ୍ରାରମ୍ଭ ହୋଇସାରିଛି । ବିଭିନ୍ନ ସନ୍ତ୍ରାସବାଦୀ ଗୋଷ୍ଠୀ କାର୍ଯ୍ୟରତ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଏହି ଜଲ୍‌ସାରେ ଶାନ୍ତିର ବାର୍ତା ଦେଇଛନ୍ତି । ହଜୁର୍ ଏହା ମଧ୍ୟ କହିଛନ୍ତି ଯେ ଶାନ୍ତିର ଶିକ୍ଷା ପାରିବାରିକ ସ୍ତରରେ ଦିଆଯାଉ । ତେବେ ହଜୁର୍ ଏ ଦୃଷ୍ଟିକୋଣରୁ ମହିଳାମାନଙ୍କ କଣ ଉପଦେଶ ଦେବାକୁ ଆପଣ ଚାହାଁନ୍ତି । ମହିଳାମାନେ କିପରି ଦୁନିଆରେ ଶାନ୍ତି ପ୍ରତିଷ୍ଠା ନିମନ୍ତେ ନିଜର ଭାଗିଦାରୀ କରିପାରିବେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ମୁଁ ତ ଦଶବର୍ଷ ହେବ ସାରା ଦୁନିଆକୁ ଏ ବାର୍ତା ଦେଉଅଛି ଯେ ଲୋକେ ଜଣେ ଅନ୍ୟ ଜଣଙ୍କର ସମ୍ମାନ କରନ୍ତୁ । ଓ ଜଣେ ଅନ୍ୟ ଜଣଙ୍କର ହକ୍ ପ୍ରଦାନ କରନ୍ତୁ । ଶାନ୍ତି ଓ ସୌହାର୍ଦ୍ଦ୍ୟର ସହିତ ବସବାସ କରନ୍ତୁ । ସେହିପରି ମହିଳାମାନଙ୍କ ଦାୟିତ୍ୱ ବିଷୟରେ ମୁଁ ଲଜ୍‌ନାଙ୍କ ନିମନ୍ତେ ଦେଇଥିବା ଅଭିଭାଷଣରେ ମଧ୍ୟ କହିଥିଲି ଯେ ସେମାନଙ୍କ ଦାୟିତ୍ୱ ହେଉଛି ସେମାନେ ନିଜର ପିଲାମାନଙ୍କର ଏପରି ତର୍‌ବିୟତ୍ କରନ୍ତୁ ଯେ ପିଲାମାନେ ବଡ଼ ହୋଇ ଉତମ ନାଗରିକ ହୋଇପାରିବେ । ସେମାନଙ୍କୁ ଉତମ ଶିକ୍ଷା ଦିଅନ୍ତୁ । ଫଳତଃ ଏମାନେ ଭଲ ନେତା, ଭଲ ରାଜନୈତିଜ୍ଞ, ଭଲ ଶିକ୍ଷକ, ଭଲ ଇଂଜିନିୟର୍, ଭଲ ସ୍ୱାମୀ ଓ ଭଲ ଭାଇ ହୋଇପାରିବେ । ଏହା ହେଉଛି ମହିଳାମାନଙ୍କର କାର୍ଯ୍ୟ । ସେଥିପାଇଁ ଇସ୍‌ଲାମ୍‌ର ପ୍ରତିଷ୍ଠାତା ହଜ୍‌ରତ୍ ମୁହମ୍ମଦ୍ ସ:ଆ:ସ କହିଛନ୍ତି ଯେ ଯଦି ତୁମେ ଜଣେ ମା' ର ଦାୟିତ୍ୱକୁ ସଠିକ୍ ରୂପେ ତୁଲାଇପାରିବ ତେବେ ତୁମେ ନିଜର ଭବିଷ୍ୟ ପିଢ଼ୀର ସୁରକ୍ଷା କରିବାବାଲା ହୋଇଯିବ । ସେଥିପାଇଁ ପିଲାମାନଙ୍କର ତର୍‌ବିୟତ୍ ଓ ସେମାନଙ୍କର ଉତମ ରକ୍ଷଣାବେକ୍ଷଣା କରିବା ଯୋଗୁ ମହିଳାମାନଙ୍କୁ ଉଚ୍ଚ ପଦମର୍ଯ୍ୟାଦା ପ୍ରଦାନ କରାଯାଇଛି ଓ କୁହାଯାଇଛି ଯେ ଏହିପରି ତର୍‌ବିୟତ୍ କରି ସେମାନେ ନିଜର ପିଲାମାନଙ୍କୁ ଜନ୍ନତ୍ ରେ ପ୍ରବେଶ କରାଇପାରିବେ । ପୁଣି ସେ କହିଛନ୍ତି ଯେ ଯନ୍ନତ୍ (ସ୍ୱର୍ଗ) ମା'ର ପାଦତଳେ ଅଛି । ଏହାର ଅର୍ଥ ହେଉଛି ଏହା । ଏତେବଡ଼ ପଦମର୍ଯ୍ୟାଦା ମହିଳାମାନଙ୍କୁ ଦିଆଯାଇଛି, ତେବେ ସେମାନଙ୍କୁ ବିନା କୌଣସି ଗୁରୁତ୍ୱପୁର୍ଣ୍ଣ କାମରେ ଏହା ଦିଆଯାଇପାରେନା । ତେଣୁ ମହିଳାମାନେ ଜାତିର ନିର୍ମାଣକାରିଣୀ । ତେଣୁ ଆମେ ଚାହୁଁଛୁ ଯେ ମହିଳାମାନେ ନିଜେ ବଢ଼ନ୍ତୁ ଓ ସେମାନଙ୍କ କାର୍ଯ୍ୟରେ ପୁରୁଷମାନଙ୍କର କୌଣସି ହସ୍ତକ୍ଷେପ ନରହୁ । ଯଦ୍ୱାରା ସେମାନେ ସ୍ୱାଧିନ ଭାବେ କାର୍ଯ୍ୟ କରିପାରିବେ ।

ମେକ୍‌ସିକୋରୁ ଆସିଥିବା ଜଣେ ଜର୍ନାଲିଷ୍ଟ୍ ପ୍ରଶ୍ନ କରି କହିଲେ ଯେ ଏ ଯମାତ୍ ବହୁତ ଉନ୍ନତି ମୂଳକ କାର୍ଯ୍ୟ କରୁଛି । ବିଶେଷତଃ ମଧ୍ୟ ଓ ଦକ୍ଷିଣ ଆମେରିକାରେ । ଯମାତ୍ ଗୋଟେମାଲାଠାରେ ଗୋଟିଏ ଡାକ୍ତରଖାନା ନିର୍ମାଣ କରୁଅଛି । ଯମାତ୍ ଉନ୍ନତିମୂଳକ କାର୍ଯ୍ୟ ନିମନ୍ତେ ଆଉ କି ପ୍ରକାରର ଯୋଜନା ପ୍ରସ୍ତୁତ କରି ରଖିଛି ? ସେହିପରି ଆପଣ ଏହି ଇଲାକାକୁ କେବେ ଆସିବେ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆମେ ତ ହେଉଛୁ ବହୁତ ଛୋଟିଆ ଯମାତ୍ । ଆମ ସାଧନ ହେଉଛି ସିମୀତ । ଆମ ପାଖରେ କୌଣସି ପ୍ରକାର ତେଲର ଧନ ନାହିଁ । ଆମେ ଯେଉଁ ସବୁ କାମ କରୁଅଛୁ ତାହା ସବୁ ଲୋକମାନଙ୍କର ମାଲି କୁର୍‌ବାନୀ (ଆର୍ଥିକ ତ୍ୟାଗ) ଦ୍ୱାରା ହେଉଅଛି । ଯେଉଁ ଡାକ୍ତରଖାନା ଆମେ ଗୋଟେମାଲାରେ ନିର୍ମାଣ କରୁଅଛୁ ସେଥିରେ ମଧ୍ୟ ବହୁତ ଟଙ୍କା ବ୍ୟୟ ହେଉଅଛି । ଆମେ ଯେବେ ଗୋଟେମାଲାରେ ଏହି ପ୍ରୋଗ୍ରାମ୍ ସମ୍ପୂର୍ଣ୍ଣ କରିନେବୁ ତେବେ ପୁଣି କୌଣସି ଅନ୍ୟ ଇଲାକାରେ ଅନ୍ୟ କୌଣସି ଯୋଜନା ଆରମ୍ଭ କରିବୁ । ଏହାର ଆଧାର ଫଣ୍ଡ୍ ଉପରେ ରହିଛି । କିନ୍ତୁ ଆମେ ଲାଟିନ୍ ଆମେରିକା ଓ ଅନ୍ୟ ଆମେରିକୀୟ ଦେଶଗୁଡିକରେ ଉନ୍ନତିମୂଳକ କାର୍ଯ୍ୟ କରିଚାଲିବୁ । ଯେଉଁଠି ମୋ ଭିଜିଟ୍‌ର କଥା ଉଠୁଛି ସେଠି ମୁଁ ଆଶା କରୁଛି ଯେ ଯେବେ ଆପଣମାନେ ଏ ଡାକ୍ତରଖାନା ସମ୍ପୂର୍ଣ୍ଣ କରିଦେବେ ମୁଁ ଭିଜିଟ୍ କରିବି ।

ଘାନା ରୁ ଡେଲି ଗ୍ରାଫିକ୍ ନ୍ୟୁଜ୍ ପେପର୍ ର ରିପୋର୍ଟର Sybastian Syme ସାହେବ୍ ପ୍ରଶ୍ନ ପଚାରୁଛନ୍ତି ଯେ ଆପଣ ସବୁବେଳେ ମିଡ଼ିଆର ଭୁଲ୍ ରିପୋର୍ଟିଂ ପ୍ରସଙ୍ଗରେ ନିଜର ଭାବନାକୁ ବ୍ୟକ୍ତ କରୁଛନ୍ତି । କଣ ଆପଣ କୌଣସି ଉଦାହରଣ ଉପସ୍ଥାପନ କରିପାରିବେ, ଯେଉଁଠି ଭୁଲ୍ ରିପୋର୍ଟିଂ କରାଯାଇଥିବ ? ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେ ମୁଁ କହିଥିଲି ଯେ ଯେତେବେଳେ ଜଣେ ମୁସଲ୍‌ମାନ୍ କିଛି ଭୁଲ୍ କାମ କରିଥାଏ ତେବେ ସମ୍ପୂର୍ଣ୍ଣ ପୃଷ୍ଠାରେ ଖବର ଛପାଇ ଦିଅନ୍ତି । କିନ୍ତୁ ସେ ମୁସଲ୍‌ମାନ୍ ମାନେ ଯେଉଁମାନେ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି ଓ ଯେଉଁମାନେ ଦୁନିଆରେ ଶାନ୍ତି ସ୍ଥାପନ କରିବା ନିମନ୍ତେ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ଆପଣମାନ ଏତେ ଗୁରୁତ୍ୱ ଦେଉନାହାଁନ୍ତି, ଏହା ମୁଁ କହିଥିଲି । ଏ ବର୍ଷ ଛଅ ଲକ୍ଷ୍ୟ ଲୋକ ଦୁନିଆରେ ଶାନ୍ତି ପ୍ରତିଷ୍ଠା କରିବା ନିମନ୍ତେ ଅହେମଦୀୟତ୍ ଗ୍ରହଣ କରିଛନ୍ତି ଓ ଏମାନେ ସମସ୍ତେ ଶାନ୍ତିପ୍ରିୟ ଲୋକ ଅଟନ୍ତି । କିନ୍ତୁ ଏ ପ୍ରସଙ୍ଗରେ ଆପଣଙ୍କ ଖବରକାଗଜ ଗୁଡିକରେ ଛୋଟିଆ ଖବର ଆସିଥାଏ । ତେବେ ଏହା ସବୁ ମୁଁ କହିଥିଲି ଯେ ଆପଣମାନଙ୍କୁ ପ୍ରତ୍ୟେକ ଅବସ୍ଥାରେ ନ୍ୟାୟ କରିବାକୁ ପଡ଼ିବ । ଯେଉଁଠି ଆପଣମାନେ ଫଟୋର ଗୋଟିଏ ପଟ ଦେଖାଉଛନ୍ତି ସେଠାରେ ଫଟୋର ଅନ୍ୟ ପଟଟିକୁ ମଧ୍ୟ ଦେଖାନ୍ତୁ । ତାହା ହେଉଛି ଇସ୍‌ଲାମ୍‌ର ବାସ୍ତବିକ ଶିକ୍ଷାର ପ୍ରତିଛବି ଯାହାକୁ ଅହେମଦୀ ମୁସଲ୍‌ମାନ୍‌ମାନେ ଦେଖାଉଛନ୍ତି । ଏହି ପ୍ରେସ୍ କନ୍‌ଫରେନ୍‌ସ ଦିନ ୧:୧୨ ପର୍ଯ୍ୟନ୍ତ ଜାରି ରହିଲା ।

**୦୨ ଅଗଷ୍ଟ ୨୦୧୭ (ବୁଧବାର)**

**ମେକ୍‌ସିକୋରୁ ଆସିଥିବା ଓ୍ୱଫଦ୍‌ଙ୍କ ସହିତ ସାକ୍ଷାତ୍‌କାର**

ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜର ଦଫ୍‌ତର୍‌କୁ ଚାଲିଗଲେ ଯେଉଁଠି ପ୍ରୋଗ୍ରାମ୍ ମୁତାବକ ମେକ୍‌ସିକୋରୁ ଆସିଥିବା ପ୍ରତିନିଧିଗଣ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କଲେ । ଏ ବର୍ଷ ମେକ୍‌ସିକୋରୁ ୧୭ ଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ଯେଉଁମାନଙ୍କ ମଧ୍ୟରୁ ପାଂଚଜଣ ହେଉଛନ୍ତି ମେକ୍‌ସିକୋର ସ୍ଥାନୀୟ ନୌମୁବାଇନ୍ ।

ଓ୍ୱଫଦ୍‌ର ସଦସ୍ୟମାନେ ବତାଇଲେ ଯେ ଜଲ୍‌ସାସାଲାନାର ସମସ୍ତ ପ୍ରୋଗ୍ରାମ୍ ଓ ବ୍ୟବସ୍ଥା ବହୁତ ଶାନ୍ତିପ୍ରିୟ ଥିଲା । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଅଭିଭାଷଣ ଶୁଣିବା ଦ୍ୱାରା ଆମେ ବହୁତ ପ୍ରଭାବିତ ହୋଇଛୁ ଏବଂ ଆମେ ଏଥିରୁ ବହୁତ କିଛି ଶିଖିବାକୁ ପାଇଲୁ । ଆମ ଆଧ୍ୟାତ୍ମିକତା ଓ ବିଶ୍ୱାସରେ ବୃଦ୍ଧି ଘଟିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଆପଣମାନେ ମଧ୍ୟ ଏପରି ବଡ଼ ଜଲ୍‌ସା କରନ୍ତୁ, ମୁଁ ମଧ୍ୟ ସେଠାକୁ ଆସିବି ।

ମେକ୍‌ସିକୋରୁ ଜଣେ ନୌମୁବାଇନ୍ Miguel Olguin ସାହେବ୍ ମଧ୍ୟ ଜଲ୍‌ସାରେ ଯୋଗ ଦେଇଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଖୁଦାତାଲାଙ୍କର ବିଶେଷ କରୁଣା ଅଟେ ଯେ ମୋତେ ଜଲ୍‌ସା ସାଲାନା ୟୁ.କେ ରେ ଭାଗ ନେବା ପାଇଁ ଅବସର ମିଳିଲା । ମୁଁ ନିଜକୁ ବହୁତ ସୌଭାଗ୍ୟଶାଳୀ ମନେ କରୁଛି ଯେ ଜଲ୍‌ସା ସାଲାନା ୟୁକେ ଭିତରେ ହଜୁର୍‌ଙ୍କୁ ଦେଖିବାର ସୌଭାଗ୍ୟ ପ୍ରାପ୍ତ ହେଲା । ମୁଁ ସବୁବେଳେ ଶୁଣୁଥିଲି କି ମୁସଲ୍‌ମାନ୍ ମାନେ ଚରମପନ୍ଥୀ ଲୋକ ଅଟନ୍ତି ବୋଲି କିନ୍ତୁ ମୁଁ ଯେବେଠାରୁ ଇସ୍‌ଲାମ୍ ଗ୍ରହଣ କରିଛି କଦାପି ଏପରି କୌଣସି କଥା ଦେଖିନାହିଁ । ଏଠି ମଧ୍ୟ ମୁଁ ହଜାର ହଜାର ଲୋକଙ୍କୁ ଦେଖିଲି ଯେଉଁଥିରୁ ପ୍ରମାଣିତ ହେଉଛି ଯେ ଯମାତ୍ ଅହେମଦୀୟାର ଚରମପନ୍ଥୀ ସହିତ କୌଣସି ସମ୍ପର୍କ ନାହିଁ । ଜଲ୍‌ସା ସାଲାନାର ବ୍ୟବସ୍ଥା ଗୁଡିକ ବହୁତ ଉଚ୍ଚକୋଟୀର ଥିଲା ଓ ଆମକୁ ବହୁତ ଭଲ ଲାଗିଲା । ଛୋଟ ଛୋଟ ପିଲାମାନଙ୍କୁ ପାଣି ପିଆଉଥିବାର ଦେଖିଲୁ । ଯମାତ୍ ଅହେମଦୀୟାର ଏହି ଶୈଳୀ ବହୁତ ସୁନ୍ଦର ଅଟେ ଯେ ଛୋଟ ବୟସରୁ ହିଁ ମାନବ ସେବାର ଅଭ୍ୟାସ କରାଯାଉଛି । ଫଳତଃ ଏହା ଅଭ୍ୟାସରେ ପରିଣତ ହୋଇଯିବ ଓ ସେବା କରିବା ବଦଳରେ ଖୁଦାତାଲାଙ୍କ ନିକଟରୁ ଆଶୀର୍ବାଦ ମଧ୍ୟ ମିଳିବ । ଜଲ୍‌ସା ସମୟରେ ବହୁତ ଲୋକଙ୍କ ସହିତ ସାକ୍ଷାତ୍ ହେଲା, ଯେଉଁମାନଙ୍କ ସମ୍ବନ୍ଧ ବିଭିନ୍ନ ଦେଶ ଓ ବିଭିନ୍ନ ଭାଷା ସହିତ ଥିଲା । ମୁଁ ଅନୁମାନ ଲଗାଇଲି ଯେ ଜଣେ ଅନ୍ୟଜଣକ ସହିତ ପ୍ରେମ ଓ ନିଷ୍ଠାପର ବ୍ୟବହାର ଦେଖାଇବା ନିମନ୍ତେ ଗୋଟିଏ ଭାଷା ଭାଷିର ଲୋକ ହେବା ଜରୁରୀ ନୁହେଁ ।

ମେକ୍‌ସିକୋରୁ ଜଣେ ନୌମୁବାଏ, ହିରାମ୍ ଭାଇଡାଲ୍ ସାହେବ୍ କହୁଛନ୍ତି ମୁଁ ପ୍ରଥମ ଥର ପାଇଁ ଏ ଜଲ୍‌ସାରେ ଯୋଗଦେଇଛି । ମୁଁ ଭାବିପାରିନଥିଲି ଯେ ହଜୁର୍ ଅନୁଓ୍ୱର୍‌ଙ୍କୁ ଦେଖିବାର ସୁଯୋଗ ମିଳିବ ବୋଲି । ଏପରି ଲାଗୁଥିଲା ଯେପରି ମୁଁ ଗୋଟିଏ ସ୍ୱପ୍ନ ଦେଖୁଅଛି ।

ମେକ୍‌ସିକୋରୁ ଆସିଥିବା ଆଉଜଣେ ମହିଳା ନୂତନ ଅହେମଦୀ ରୋଜାଲିନା ଲାରା ଫ୍ଲୋଟା ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ଜଲ୍‌ସାସାଲାନା ମୋ ପାଇଁ ଗୋଟିଏ ଆଧ୍ୟାତ୍ମିକ ପରିବର୍ତନର କାରଣ ହୋଇଛି । ଆଲମି ବୟତ୍ ସମୟରେ ଏପରି ଅନୁଭବ ହେଉଥିଲା ଯେ ପ୍ରତ୍ୟେକ ଶବ୍ଦକୁ ଦୋହରାଉଥିବାବେଳେ ଖୁଦାତାଲାଙ୍କ ସହିତ ଦ୍ୱିତୀୟ ଥର ପାଇଁ ଅମଲ କରିବା ନିମନ୍ତେ ବୟତ୍‌ର ପ୍ରତିଶୃତି କରୁଅଛୁ । ଏବଂ ବୟତ

ମାଧ୍ୟମରେ ମୋ ବିଶ୍ୱାସକୁ ବହୁତ ଦୃଢ଼ତା ମିଳିଛି । ଯମାତ୍ ଅହେମଦୀୟାର ଅଂଶବିଶେଷ ହୋଇଥିବା ଯୋଗୁ ମୁଁ ଗର୍ବ ଅନୁଭବ କରୁଛି । ଯମାତ୍ ସାରା ଦୁନିଆର ଉନ୍ନତି ନିମନ୍ତେ ଶିକ୍ଷା ଉପସ୍ଥାପନ କରୁଅଛି ଓ ବିଭିନ୍ନ ଉପାୟରେ ମାନବ ଜାତିର ସାହାଯ୍ୟ କରୁଅଛି । ମୋତେ ଜଲ୍‌ସା ସାଲାନା ସମୟରେ ଇସ୍‌ଲାମ୍ ଏବଂ ଯମାତ୍ ବିଷୟରେ ବହୁତ କିଛି ଶିଖିବାର ସୁଯୋଗ ମିଳିଲା ।

ମେକ୍‌ସିକୋରୁ ଆସିଥିବା ଆଉଜଣେ ନୂତନ ମହିଳା ଅହେମଦୀ ଐରମ୍ ମାର୍ଟିନେଜ୍ ସାହିବା କହୁଛନ୍ତି-ଆମର ରହିବାର ବ୍ୟବସ୍ଥା ଯାମିଆରେ କରାଯାଇଥିଲା । ଭାଷା ନବୁଝିବା ସତ୍ତ୍ୱେ ମଧ୍ୟ ପ୍ରତ୍ୟେକ ସ୍ୱେଚ୍ଛାସେବୀ କର୍ମୀ ଆମ ସହିତ ବହୁତ ଉତମ ବ୍ୟବହାର କଲେ । ମୋତେ ଦୁନିଆର କେତେକ ଦେଶରୁ ଆସିଥିବା ଲୋକମାନଙ୍କ ସହିତ ମିଶିବାର ଅବସର ମିଳିଲା, ଯାହା ମୁଁ କେବେ ପୂର୍ବରୁ ଭାବିନଥିଲି ଯେ ଏଠାରେ ଏତେ ଦେଶର ପ୍ରତିନିଧି ଆସିଥିବେ ବୋଲି । ଏହିପରି ହଜୁର୍‌ଙ୍କ ଅଭିଭାଷଣ ଶୁଣିବାର ମୌକା ମିଳିଲା । ସବୁଠାରୁ ଅଧିକ ହୃଦୟ ଉପରେ ପ୍ରଭାବ ପକାଉଥିବା ସେହି ଅଭିଭାଷଣ ଥିଲା ଯେଉଁଥିରେ ହଜୁର୍ ପିଲାମାନଙ୍କର ଶିକ୍ଷା ଓ ତର୍‌ବିୟତ୍ ପ୍ରତି ଧ୍ୟାନ ଆକର୍ଷଣ କରାଇଛନ୍ତି । ବିଶେଷ ରୂପେ ହଜୁର୍ ଅନୁଓ୍ୱର୍ ଜଣେ ଡାକୁ ତା ନିଜ ମା' ଙ୍କର ଜିଭ କାଟି ନେବାର ଘଟଣା ବର୍ଣ୍ଣନା କଲେ । ଏହା ମୋ ହୃଦୟକୁ ବହୁତ ପ୍ରଭାବିତ କଲା ।

ଆଉଜଣେ ନୂତନ ଅହେମଦୀ ମହିଳା ହୈଦି ମ୍ୟାରିବେଲ୍ ଗାମ୍ବୋଆ ସାହିବା ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଜଲ୍‌ସାସାଲାନାର ଦିନ ଗୁଡ଼ିକ ମୋ ଜୀବନର ଅତ୍ୟନ୍ତ ଗୁରୁତ୍ୱପୁର୍ଣ୍ଣ ଦିନ ଥିଲା । ସେଥିରେ ମୋତେ ଯମାତ୍‌ର ବିଭିନ୍ନ ଲୋକମାନଙ୍କ ସହିତ ମିଶିବାର ସୌଭାଗ୍ୟ ମିଳିଲା । ଯେଉଁମାନଙ୍କ ସମ୍ବନ୍ଧ ବିଭିନ୍ନ ଦେଶସହିତ ଥିଲା । ବିଭିନ୍ନ ଦେଶରୁ ଆସିଥିବ ଏହି ଅତିଥିମାନେ ମୋ ସହିତ ଏପରି ମିଶିଲେ ଯେପରି ଆମେ ଗୋଟିଏ ପରିବାର ସହିତ ସମ୍ପର୍କ ରଖିଛୁ । ବୋଧହୁଏ ମୁଁ ସେମାନଙ୍କ ସହିତ ପୁନର୍ବାର ସହିତ କଦାପି ନ ମିଶିପାରେ । କିନ୍ତୁ ଏ ଜଲ୍‌ସା ସାଲାନାର ସ୍ମୃତି ସବୁବେଳେ ମୋ ସାଥିରେ ରହିବ ।

ମେକ୍‌ସିକୋରୁ ଆସିଥିବା ଓ୍ୱଫଦ୍‌ଙ୍କ ସହିତ ଏ ସାକ୍ଷାତ୍‌କାର ୧:୨୫ ପର୍ଯ୍ୟନ୍ତ ଜାରି ରହିଲା । ପରିଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### ତୁର୍କ୍‌ମେନିସ୍ତାନ୍ ଓ୍ୱଫଦ୍ ସହିତ ସାକ୍ଷାତ୍‌କାର୍

ଏହାପରେ ତୁର୍କ୍‌ମେନିସ୍ତାନ୍ ରୁ ଆସିଥିବା ପ୍ରତିନିଧି ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ତୁର୍କ୍‌ମେନିସ୍ତାନ୍ ରୁ ଦୁଇଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଏ ଜଲ୍‌ସାରେ ସାମିଲ୍ ହୋଇଥିଲା । ସେମାନଙ୍କୁ ହଜୁର୍ ଅନୁଓ୍ୱର୍ ଅ:ବ:ଅ ପଚାରିବାରୁ ସେମାନେ କହିଲେ ଯେ ଆମର ବହୁତ ଭଲ ଭାବନା ଅଛି । ଆମକୁ ଯେଉଁ ସତ୍ୟର ଅନ୍ୱେଷଣ ଥିଲା ତାହା ଆମକୁ ଏଠାକୁ ଆସିବା ଦ୍ୱାରା ମିଳିଯାଇଛି । ମୁଁ ଜଣେ ଲେଖକ । ତିରିଷି ବର୍ଷ ପର୍ଯ୍ୟନ୍ତ ଖବରକାଗଜ ବାହାର କରିଛି । ଶୋହଳଟି ପୁସ୍ତକ ମଧ୍ୟ ଲେଖିଛି ।

ଅନ୍ୟ ଅତିଥିଜଣକ କହିଲେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ଚେହେରା ଦେଖିବା ଦ୍ୱାରା ଏତେ ଖୁସି ଲାଗୁଛି ଯେ ତାହା କହିହେବ ନାହିଁ । ମୁଁ ଆଲମୀ ବୟତ ଦିନ ବୟତ କରିଛି । ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯେଉଁ ଶାନ୍ତିଶୃଙ୍ଖଳା ଆପଣ ଏଠାରେ ଦେଖିଛନ୍ତି ତାହା ଅନ୍ୟ କେଉଁଠାରେ ଦେଖିବାକୁ ମିଳିବ ନାହିଁ । ସେ କହିଲେ ବହୁତ ଉତମ ବ୍ୟବସ୍ଥା କରାଯାଇଥିଲା । ଯେତେଲୋକ ମିଶିଲେ ସମସ୍ତେ ପ୍ରେମ ଓ ସ୍ନେହ କରୁଥିଲେ ।

ତୁର୍କ୍‌ମେନିସ୍ତାନ୍‌ରୁ ଆସିଥିବା ଜଣେ ବନ୍ଧୁ ଅବ୍‌ଦୁର୍ ରସିଦ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ମୁଁ ପାଖାପାଖି ଦୁଇବର୍ଷ ପୂର୍ବେ ମୋର ଜଣେ ବନ୍ଧୁଙ୍କ ଠାରୁ ଏହି ପ୍ରିୟ ଯମାତ୍ ବିଷୟରେ ଶୁଣିଥିଲି ଯାହାର ସ୍ଲୋଗାନ୍ ହେଉଛି 'ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ' । ମୁଁ ଯେବେଠାରୁ ଲଣ୍ଡନ ଆସିଛି ପ୍ରେମ ଓ ସ୍ନେହ ଭିତରେ ଘେରି ହୋଇ ରହିଛି, ଯେପରି ନିଜ ଘରେ ନିଜ ମା' ବାପାଙ୍କ ସହିତ ଓ ପରିବାରଙ୍କ ଭିତରେ ରହିଥାଏ । ଯେଉଁକଥା ମୋତେ ବହୁତ ପ୍ରଭାବିତ କରିଛି ଓ ମୋ ହୃଦୟ ଉପରେ ଗଭୀର ଛାପ ଛାଡ଼ିଛି ସେଥି ମଧ୍ୟରୁ ଗୋଟିଏ ହେଉଛି ଯେଉଁଦିନ ଆମେ ତୁର୍କ୍‌ମେନିସ୍ତାନ୍‌ରୁ ଆସି ଲଣ୍ଡନ୍‌ରେ ପହଂଚିଲୁ ଆମକୁ ଏୟାର୍‌ପୋର୍ଟରୁ ହୋଟେଲ୍ ପର୍ଯ୍ୟନ୍ତ ପାଛୋଟି ନିଆଗଲା । ସେଠାରେ ପହଂଚିବା ପରେ ଡ୍ୟୁଟିରେ ନିୟୋଜିତ ହୋଇଥିବା ଅହେମଦୀ ଯୁବକମାନେ ସଲାମ୍ କରିବା ପରେ ତତ୍‌କ୍ଷଣାତ୍ କହିଲେ ଯେ ଆପଣମାନେ ଯାତ୍ରା କରି ଆସିଛନ୍ତି । ଆପଣମାନଙ୍କୁ ଭୋକ ଲାଗୁଥିବ । ତେଣୁ ଆପଣ ପ୍ରଥମେ ଖାଇ ନିଅନ୍ତୁ ଏବଂ ପରେ ଆରାମ କରିନେବେ । ଏକଥା ଶୁଣି ମୋତେ ରସୁଲେ କରିମ୍ ସ:ଆ:ସ ଙ୍କର ଉକ୍ତ ହଦିସ୍ ମନେପଡ଼ିଗଲା ଏକଦା ଜଣେ ଅତିଥି ଆପଣଙ୍କ ମଜ୍‌ଲିସ୍‌ରେ ପହଂଚିଲା ସେତେବେଳେ ଆପଣଙ୍କ ଘରେ ଅତିଥିଙ୍କ ନିମନ୍ତେ କୌଣସି ଖାଦ୍ୟ ନଥିଲା । ତେଣୁ ହଜୁର୍ ସାହାବାଙ୍କୁ ପଚାରିଲେ କି ସେମାନଙ୍କ ମଧ୍ୟରେ କିଏ ଅଛନ୍ତି ଯିଏ ଏହି ଅତିଥିଙ୍କୁ ନିଜ ସହିତ ନେଇଯାଇ ତାଙ୍କର ଅତିଥି ସତ୍କାର କରିପାରିବେ ? ଜଣେ ସାହାବି ଅତିଥିଙ୍କୁ ନିଜ ସାଥିରେ ନେଇଗଲେ । ଯଦିଚ ତାଙ୍କ ଘରେ କେବଳ ସେତିକି ଖାଦ୍ୟ ଥିଲା ଯଦ୍ୱାରା ବଡ କଷ୍ଟରେ ତାଙ୍କ ଘର ଲୋକମାନଙ୍କ ପାଇଁ ଚଳିଯାଇଥାନ୍ତା । ସାହାବି ଜଣକ ନିଜ ପିଲାମାନଙ୍କୁ ଯେଣତେଣ ପ୍ରକାର ବୁଝା ସୁଝା କରି ଭୋକିଲା ଶୁଆଇଦେଲେ ଓ ଅତିଥିଙ୍କ ସମ୍ମୁଖରେ ଖାଦ୍ୟ ଉପସ୍ଥାପନ କଲେ । ଓ ନିଜେ ଦୀପ କୁ ବୁଝାଇଦେଇ ଏପରି ଆଚରଣ ଆରମ୍ଭ କଲେ ଯଦ୍ୱାରା ଅତିଥି ଜଣକ ବୁଝିପାରିବେ ଏହି ସ୍ୱାମୀ ସ୍ତ୍ରୀ ଦୁଇଜଣ ଖାଦ୍ୟ ଖାଉଛନ୍ତି ବୋଲି । ଏହି ଦୃଶ୍ୟକୁ ଅଲ୍ଲାଃତାଲା କଶ୍‌ଫି (ଜାଗ୍ରତ ଅବସ୍ଥାରେ ଦେଖୁଥିବା ସ୍ୱପ୍ନର ଦୃଶ୍ୟ) ଆକାରରେ ରସୁଲେ କରିମ୍ ସ:ଆ:ସ ଙ୍କୁ ମଧ୍ୟ ଦେଖାଇଦେଲେ । ମୋର ଏହି ହଦିସ୍ ଟି ମନେପଡ଼ିଗଲା ଏବଂ ମୁଁ ଏହା ଅନୁଭବ କଲି ଯେ ଯମାତ୍ ଅହେମଦୀୟାର ଲୋକେ ବାସ୍ତବିକ ଇସ୍‌ଲାମୀୟ ଶିକ୍ଷା ଉପରେ ଅମଲ କରିବା ବାଲା ଏବଂ ତାର ଅନୁଗାମୀ ଅଟନ୍ତି ।

ପୁଣି ଏହାପରେ ଯାମିଆ ଅହେମଦୀୟାରେ ମୁଁ ଯେବେ ହଜୁର୍ ଅନୁଓ୍ୱର୍‌ଙ୍କର ଏକ ବଡ଼ ଫଟୋକୁ ଦେଖିଲି ସେତେବେଳେ ମୋତେ ବିଶ୍ୱାସ ହୋଇଗଲା ଯେ ହଜୁର୍ ଅନୁଓ୍ୱର୍ ହେଉଛନ୍ତି ଜଣେ ଏପରି ବିଶେଷ ବ୍ୟକ୍ତି ଯାହାଙ୍କ ଚେହେରା ଅଲ୍ଲାଃତାଲାଙ୍କ ଜ୍ୟୋତି ଦ୍ୱାରା ଜ୍ୟୋତିର୍ମୟ ହୋଇଛି ଓ ଏକ ଆଲୋକିତ ସ୍ତମ୍ଭ ସ୍ୱରୂପ ଅଟେ । ଅଲ୍ଲାଃତାଲାଙ୍କ ଫଜଲ୍‌ରୁ ହଜୁର୍ ଯେତେବେଳେ ଯାମିଆ ଆସିଲେ ବିଶେଷ ରୂପେ ମୋ ନିକଟକୁ ଆସିଲେ । ମୁଁ ଅନୁମାନ କଲି ଯେ ଏହା ଆମ ଜୀବନର ସବୁଠାରୁ ସୁନ୍ଦର କ୍ଷଣ ଅଟେ । ହଜୁର୍‌ଙ୍କର ଦୃଷ୍ଟି ଯେତେବେଳେ ମୋ ଉପରେ ପଡ଼ିଲା, ମୋ ଦେହ ଭିତରେ ଏକ ସିହରଣ ଖେଳିଗଲା । ଏବଂ ମୁଁ କମ୍ପିଗଲି, ହଜୁର୍ କିଛି ଆଗକୁ ଯାଇ ପୁଣି ପଛକୁ ଫେରିଲେ ଓ ମୋ ସହିତ ହାତ ମିଳାଇଲେ । ଏହାପରେ ମୋ ଦେହରେ ଗୋଟିଏ ଉତ୍ସାହ ଓ ଉତ୍ସୁକତାର ଲହଡି ଖେଳିଗଲା । ମୋତେ ଏପରି ଲାଗୁଥିଲା ଯେପରି ଥଣ୍ଡା ଲାଗିଯିବା ଦ୍ୱାରା ଜ୍ୱର ହୋଇଥାଏ । କିନ୍ତୁ କିଛି ସମୟ ପରେ ମୋତେ ଏହା ଅନୁଭବ ହେଲା ଯେ ଏହାତ ଜ୍ୱର ନୁହେଁ ମୁଁ ସମ୍ପୂର୍ଣ୍ଣ ରୂପେ ଠିକ୍ ଅଛି । ପ୍ରକୃତରେ ଏହା ସେହି ଶକ୍ତି ଓ ଉତ୍ସାହ ଥିଲା ଯାହା ହଜୁର୍‌ଙ୍କ ସହିତ ହାତ ମିଳାଇବା ପରେ ମୋ ଦେହ ଭିତରେ ଖେଳିଯାଇଥିଲା । ଏହି ପରି ଅବସ୍ଥା ଆସନ୍ତା ସକାଳ ପର୍ଯ୍ୟନ୍ତ ନିୟମିତ ରୂପେ ଅନୁଭବ ହେଉଥିଲା । ମୁଁ ମୋର ସାରା ଜୀବନରେ କଦାପି ଏପରି ଅନୁଭବ କରିନଥିଲି । ଜଲ୍‌ସା ସାଲାନାରେ ସାମିଲ୍ ହୋଇ ମୁଁ ଏହା ବୁଝି ଯାଇଛି ଯେ ମୁଁ ମୋର ପୁରା ଜୀବନ ଅଲ୍ଲାଃତାଲାଙ୍କ ଅନ୍ୱେଷଣରେ ବିତାଇଦେଇଛି । କିନ୍ତୁ ଅଲ୍ଲାଃତାଲାଙ୍କୁ କେବଳ ଏଠାରେ ଆସିବା ପରେ ହିଁ ପାଇପାରିଛି । ମୋତେ ଅଲ୍ଲାଃତାଲାଙ୍କ କରୁଣାରୁ ଆଲମୀ ବୟତର ମହାନ୍ ଉତ୍ସବରେ ସାମିଲ୍ ହୋଇ ବୟତ କରିବାର ସୌଭାଗ୍ୟ ପ୍ରାପ୍ତ ହେଲା । ମୁଁ ଯେତେବେଳେ ବୟତ କରିଥିଲି ମୋ ଆଖିରୁ ଅଶ୍ରୁ ବୋହୁଥିଲା । ଏବଂ ତାହା ଏପରି ଆସୁଥିଲା ଯାହା ମୋ ବାପାଙ୍କ ମୃତ୍ୟୁ ସମୟରେ ମଧ୍ୟ ବୋହିନଥିଲା । ଏହି ଅଶ୍ରୁ ବହିବା ଦ୍ୱାରା ଏପରି ଲାଗୁଥିଲା ଯେ ଏହା ବୋଧ ହୁଏ ବିନା କାରଣରେ ବହିଚାଲିଛି । କିନ୍ତୁ ପରେ ମୁଁ ଜାଣିପାରିଲି ଯେ ଏ ପୃଥିବୀରେ ଏକ ଆଶାର କିରଣ ସୃଷ୍ଟି ହୋଇଛି ଏବଂ ଲକ୍ଷ୍ୟ ଲକ୍ଷ୍ୟ ଲୋକମାନଙ୍କର ଗୋଟିଏ ଏପରି ଯମାତ୍ ରହିଛି ଯାହାର ଦୃଷ୍ଟାନ୍ତ ଅସାଧାରଣ । ଏ ଯମାତ୍ ନିଜ କାର୍ଯ୍ୟରେ ପ୍ରତ୍ୟେକ ପ୍ରକାର କଠିନତା ଓ ବିପତିକୁ ଦୁନିଆରୁ ଦୂର କରିବା ଓ ପବିତ୍ର କରିବା ପାଇଁ ପ୍ରତ୍ୟେକ ପ୍ରକାରର କୁର୍ବାନୀ କରିବା ପାଇଁ ପ୍ରସ୍ତୁତ ଅଛି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ କିଛି ଚରମପନ୍ଥୀ ଓ କଠୋପନ୍ଥୀ ଗୋଷ୍ଠୀଙ୍କ ଭୁଲ୍ କାମ ଯୋଗୁ ସମସ୍ତଙ୍କର ବଦନାମୀ ହେଉଅଛି । ଆମେ ଏ ଚେଷ୍ଟା କରିବା ଉଚିତ୍ ଯେ ଇସ୍‌ଲାମ୍ ପ୍ରକୃତ ବାସ୍ତବିକ ଶିକ୍ଷାକୁ ଦୁନିଆରେ ପହଂଚାଇବା ଓ ପ୍ରାର୍ଥନା ମଧ୍ୟ କରିବା । ପୁଣି ହଜୁର୍ କହିଲେ ଏବେ ଆପଣମାନେ ଫେରିଯାଇ ନିଜ ପରିସର ଭିତରେ ଥିବା ଲୋକମାନଙ୍କୁ ଅହେମଦୀୟତ୍‌ର ବାର୍ତା ପହଂଚାନ୍ତୁ । ଅଲ୍ଲାଃତାଲା ଆପଣମାନଙ୍କୁ ଏହାର ଶକ୍ତି ପ୍ରଦାନ କରନ୍ତୁ ।

ତୁର୍କ୍‌ମେନିସ୍ତାନ୍‌ର ଓ୍ୱଫଦ୍‌ଙ୍କ ସହିତ ଏହି ସାକ୍ଷାତ୍‌କାର ଦିନ ୧:୪୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

### କଜାକିସ୍ତାନ୍ ଓ୍ୱଫଦ୍‌ଙ୍କର ହଜୁର୍ ଅନୁଓ୍ୱର୍‌ଙ୍କ ସହିତ ସାକ୍ଷାତ୍‌କାର୍

ଏହାପରେ କଜାକିସ୍ତାନ୍‌ରୁ ଆସିଥିବା ଓ୍ୱଫଦ୍‌ର ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । କଜାକିସ୍ତାନ୍‌ରୁ ଛଅଜଣ ବିଶିଷ୍ଟ ପ୍ରତିନିଧି ମଣ୍ଡଳ ଆସିଥିଲା । ଓ୍ୱଫଦ୍‌ର ସଦସ୍ୟମାନେ ଜଲ୍‌ସାସାଲାନାର ବ୍ୟବସ୍ଥା ଓ ଆୟୋଜନ ସମ୍ବନ୍ଧରେ ପ୍ରଶଂସା କଲେ ଯେ ପ୍ରତ୍ୟେକ ବ୍ୟବସ୍ଥା ବହୁତ ସୁନ୍ଦର ଥିଲା ଓ ପ୍ରଭାବିତ କରୁଥିଲା । ବର୍ଷା ହେବା ସତ୍ତ୍ୱେ ମଧ୍ୟ କୌଣସି ପ୍ରୋଗ୍ରାମ୍‌ରେ କୌଣସି ପ୍ରକାରର ବାଧା ସୃଷ୍ଟି ହେଲାନାହିଁ ।

ଓ୍ୱଫଦ୍‌ର ଜଣେ ସଦସ୍ୟ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କୁ ପଚାରିଲେ ଯେ ହଜୁର୍‌ଙ୍କ ନିକଟକୁ ପ୍ରଶବ ହେବାକୁ ଥିବା ପିଲାର ନାମ ନିମନ୍ତେ ଦରଖାସ୍ତ କରାଯାଉଛି । ତେବେ ବେଳେବେଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କେବଳ ଗୋଟିଏ ହିଁ ନାମ ଦେଉଛନ୍ତି । ଏବଂ ତା ମୁତାବକ ପିଲା ମଧ୍ୟ ଜନ୍ମ ହେଉଛି । ଏହା କିପରି ହେଉଅଛି । ଏଥିରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ କହିଲେ ଯାହା କିଛି ହେଉଛି ଏହା ସବୁ ଖୁଦାତାଲା କରୁଛନ୍ତି । ସାଧାରଣତ ମୁଁ ଦୁଇଟି ନାମ ଦେଇଥାଏ । ବେଳେବେଳେ ଗୋଟିଏ ନାମ ଦେଇଥାଏ । କିନ୍ତୁ ଏ ସବୁ କିଛି ଖୁଦାଙ୍କ ତରଫରୁ ହିଁ ହୋଇଥାଏ ।

କଜାକିସ୍ତାନ୍‌ରୁ ଜଣେ ଅହେମଦୀ ବନ୍ଧୁ ଅମ୍‌ରୋ ଅସ୍‌କର୍ ସାହେବ ମଧ୍ୟ ଏହି ପ୍ରତିନିଧି ମଣ୍ଡଳରେ ସାମିଲ୍ ଥିଲେ । ସେ ନିଜର ଭାବନାକୁ ବ୍ୟକ୍ତ କରି ଲେଖୁଛନ୍ତି- ଜଲ୍‌ସା ବହୁତ ଭଲ ରକମର ହୋଇ ସମ୍ପୂର୍ଣ୍ଣ ହେଲା । ତତ୍ ସହିତ ମୋ ବିଶ୍ୱାସକୁ ସୁଦୃଢ଼ କରିଦେଲା । ମୁଁ ଏହା ଅନୁଭବ କରୁଛି ଯେ ପ୍ରତ୍ୟେକ ଜଲ୍‌ସା ମୋ ଉପରେ ଏକ ନୂଆ ରୂପରେ ପ୍ରଭାବ ପକାଉଛି । ମୁଁ ଭାବୁଛି ଏ

ସାଂସାରିକ ଖୁସି ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ଧିମା ପଡ଼ିଯାଏ କିନ୍ତୁ ଆଧାତ୍ମିକତାରୁ ହାସଲ କରାଯାଇଥିବା ଖୁସି ଯେତେଥର ମିଳେ ପ୍ରତ୍ୟେକଥର ଏକ ନୂଆ ମାର୍ଗ ଖୋଲିଥାଏ । ଯାହା ବିଷୟରେ ମନୁଷ୍ୟ କେବେ ଭାବି ମଧ୍ୟ ନଥାଏ ।

ଆଉଜଣେ ଅତିଥି ଲୋଗୋ ବାୟୁ ଦାଓରନ୍ ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହୁଛନ୍ତି- ଏହି ଜଲ୍‌ସାର ପ୍ରତ୍ୟେକ ବ୍ୟବସ୍ଥା ମୋତେ ବହୁତ ପ୍ରଭାବିତ କରିଛି ଯେଉଁଠାରେ ଆମ ରହିବା ପାଇଁ ବ୍ୟବସ୍ଥା କରାଯାଇଥିଲା ତାହା ବହୁତ ସୁନ୍ଦର ଥିଲା । ତାଜା ପାଣି ପବନ ଓ ମହକପୁର୍ଣ୍ଣ ଥିଲା । ସ୍ୱେଚ୍ଛେସେବୀ କର୍ମୀମାନେ ବହୁତ ବୁଦ୍ଧିଆ ଥିଲେ । ବିଭିନ୍ନ ପ୍ରକାରର ଖାଇବା ପିଇବାର ଜିନିଷ ଅର୍ଥାତ୍ ଫଳ ଇତ୍ୟାଦି ଥିଲା । ସେହିପରି ସମୟାନୁବର୍ତିତା ସହିତ ଟ୍ରାନ୍‌ସ୍‌ପୋର୍ଟର ବ୍ୟବସ୍ଥା କରାଯାଇଥିଲା । ଆମେ ଯେଉଁଠିକି ମଧ୍ୟ ଯାଉଥିଲୁ ସେଠାରେ ଆମପାଇଁ ଗୋଟିଏ ଟେଂଟ୍ ଲଗାଯାଇଥିଲା । ଯେଉଁଠାରେ ଖାଦ୍ୟପେୟର ସମସ୍ତ ବ୍ୟବସ୍ଥା ରହିଥାଏ ।

ଏହିପରି ଜଲ୍‌ସା ସାଲାନାରେ ଲଗାଯାଇଥିବା ଭିନ୍ନ ଭିନ୍ନ ପ୍ରଦର୍ଶନୀ ଗୁଡିକ ମଧ୍ୟ ମୋତେ ବହୁତ ଭଲ ଲାଗିଲା । ଏ ଜଲ୍‌ସା ସାଲାନା ପ୍ରେମ ଓ ଭାଇଚାରାର ଗୋଟିଏ ଏପରି ନମୁନା ଅଟେ ଯାହା ଦୁନିଆର ସମସ୍ତ ଅର୍ଗାନାଇଜେସନ୍ ଗୁଡିକ ନିମନ୍ତେ ଉତମ ଉଦାହରଣ ଉପସ୍ଥାପନ କରିଥାଏ । ଏତଦ୍‌ଭିନ୍ନ ସବୁଠାରୁ ଅଧିକ ଲାଭ ଓ ହିଦାୟତ୍ ମୋତେ ଜଲ୍‌ସା ସାଲାନର ଏହି ତିନିଦିନରେ ହୋଇଥିବା କାର୍ଯ୍ୟକ୍ରମ ଗୁଡିକରେ ସାମିଲ୍ ହୋଇ ଓ ସେଗୁଡିକ ଦେଖି ହାସଲ ହୋଇଛି । ଏତଦ୍‌ବ୍ୟତୀତ ମୋ ଜୀବନରେ ସବୁଠାରୁ ଅଧିକ ଯେଉଁ ପରିବର୍ତନ ହୋଇଛି ତାହା ହେଉଛି ମୁଁ ଖଲିଫତୁଲ୍ ମସିହ୍‌ଙ୍କ ହାତରେ ବୟତ୍ କରିବାର ସୌଭାଗ୍ୟ ପାଇଛି । ମୋତେ ଏପରି ଲାଗୁଛି ଏ ପର୍ଯ୍ୟନ୍ତ ମୁଁ ମୋ ନିଜ ଅବସ୍ଥାର ସଠିକ୍ ରୂପେ ବିବେଚନା କରିନାହିଁ । କାରଣ ଏପର୍ଯ୍ୟନ୍ତ ମୁଁ ଏକପ୍ରକାର ଅବର୍ଣ୍ଣନୀୟ ଅବସ୍ଥା ଦେଇ ଅତିବାହିତ କରୁଛି । ମୁଁ ହଜୁର୍ ଅନ୍ୱରଙ୍କ ଗୋଚରେ ପ୍ରାର୍ଥନା କରିବା ପାଇଁ ଦରଖାସ୍ତ କରୁଅଛି ଯେ ଅଲ୍ଲାଃତାଲା ମୋର ବୟତ୍‌କୁ ଗ୍ରହଣ କରନ୍ତୁ ଓ ମୋତେ ବର୍‌କାତ୍ ପ୍ରଦାନ କରନ୍ତୁ ।

ୱଫଦ୍‌ର ମେମ୍ବର୍‌ମାନଙ୍କ ଭିତରେ ସଦର୍ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟା କଜାକିସ୍ତାନ୍ ଦାମୀର୍ ସଫିଉଲିନ୍ ସାହେବ୍ ମଧ୍ୟ ସାମିଲ୍‌ଥିଲେ । ସଦର ସାହେବ୍ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଏହି ଜଲ୍‌ସା ମୋ ପାଇଁ ବହୁତ ଗୁଡିଏ ନିଦର୍ଶନ ଛାଡ଼ିଯାଇଛି । ଅର୍ଥାତ୍ ଏହା ମୋ ହୃଦୟକୁ ଖୁସିରେ ଭରିଦେଇଛି । ଜଲ୍‌ସାର ପ୍ରତ୍ୟେକ କାର୍ଯ୍ୟ ମୋ ପାଇଁ ଅହେମଦୀୟତ୍‌ର ସତ୍ୟତା ନିମନ୍ତେ ସାକ୍ଷୀ ସ୍ୱରୂପ ହୋଇଛି । ଏହାର ଦଲିଲ୍ ମୁଁ ପ୍ରତ୍ୟେକ ବିଭାଗରେ ଦେଖିପାରିଲି ।

ବ୍ରିଟେନ୍‌ରେ ମୋତେ ଅହେମଦୀୟତ୍‌ର ତବ୍‌ଲିଗ୍ ରେଡିଓ ଓ ଟେଲିଭିଜନ୍ ମାଧ୍ୟମରେ ହେଉଥିବା ଦେଖି ବହୁତ ପ୍ରଭାବିତ କରିଛି । ମୋ ମତରେ ରେଡିଓ ସମସ୍ତଙ୍କ ପାଖକୁ ଅଧିକ ମାତ୍ରାରେ ବାର୍ତା ପହଂଚାଇଥାଏ । କାରଣ ଯେତେବେଳେ ଆମେ ଯାମିଆରୁ ଜଲ୍‌ସା ନିମନ୍ତେ ଯାଉଥିଲୁ ସେତେବେଳେ ବସ୍‌ରେ ମଧ୍ୟ ରେଡିଓ ଶୁଣୁଥିଲୁ । ଏହାଛଡ଼ା ଲଣ୍ଡନ୍‌ରେ ମଧ୍ୟ ବସ୍ ଭିତରେ ଆମେ ରେଡିଓ ଶୁଣୁ । ଏକଥା ମୋତେ ବହୁତ ଭଲ ଲାଗିଲା ଯେ ଏହି ପ୍ରକାର ଶୈଳୀରେ ଯମାତ୍ ଅହେମଦୀୟା ତବ୍‌ଲିଗ୍ କରୁଅଛି । ତେବେ ଏହା କଣ ଅହେମଦୀୟତାର ସତ୍ୟତାର ନିଦର୍ଶନ ନୁହେଁ? ଯଦି ଆମେ ଜଲ୍‌ସାର ଆୟୋଜନ ଉପରେ ଦୃଷ୍ଟିନିକ୍ଷେପ କରିବା ତେବେ ପ୍ରତ୍ୟେକ ବିଭାଗ ଉଦାହରଣ ସ୍ୱରୂପ ଟ୍ରାନ୍‌ସପୋର୍ଟ, ଖାଦ୍ୟ ରାନ୍ଧିବା ଓ ପରିବେଷଣ କରିବା, ସୁରକ୍ଷା, ସାଧାରଣ ସମ୍ପର୍କ ବିଭାଗ ଓ ଇସ୍‌ତେକ୍‌ବାଲ୍ (ସ୍ୱାଗତ) ଇତ୍ୟାଦି ସବୁ ବିଭାଗଗୁଡିକ ବହୁତ ସୁନ୍ଦର ରୂପେ ନିଜ ନିଜର କାର୍ଯ୍ୟ ସମ୍ପାଦନ କରୁଥିଲେ । ସେଥିଯୋଗୁ କୌଣସି ପ୍ରକାର ସମସ୍ୟା ଓ ବାଧକ ଦୃଷ୍ଟିଗୋଚର ହେଉନଥିଲା । ଏହି ସବୁ କାମ ଏତେ ସୁନ୍ଦର ବ୍ୟବସ୍ଥା ସହିତ ପରିଚାଳିତ ହେଉଥିଲା ଯେ ଯାହାର ଦୃଷ୍ଟାନ୍ତ ଦୁନିଆରେ ମିଳେନାହିଁ । ତେବେ ଏହା କଣ ଅହେମଦୀୟତ୍‌ର ସତ୍ୟତାର ନିଦର୍ଶନ ନୁହେଁ?

ସେହିପରି ଶିକ୍ଷାକ୍ଷେତ୍ରରେ ଉଚ୍ଚସ୍ତର ହାସଲ କରିଥିବା ଶିକ୍ଷାର୍ଥୀମାନଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ବିତରଣ ଉତ୍ସବ ମୋତେ ବହୁତ ପ୍ରଭାବିତ କରିଛି । ବିଶେଷ ରୂପେ ଖଲିଫାଏ ୱକ୍ତ୍ ନିଜେ ନିଜ ପବିତ୍ର ହସ୍ତ ଦ୍ୱାରା ଏହି ସାର୍ଟିଫିକେଟ୍ ଗୁଡିକୁ ଦିଅନ୍ତି । ଫଳତଃ ଯମାତ୍‌ର ଲୋକମାନଙ୍କ ମଧ୍ୟରେ ଶିକ୍ଷା, ବିଜ୍ଞାନ ଓ ଗବେଷଣା କ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ଆଗ୍ରହ ସୃଷ୍ଟି ହେବ । ତେବେ କଣ ଏପରି କୌଣସି ଇସ୍‌ଲାମୀୟ ଗୋଷ୍ଠୀ ଅଛି, ଯିଏ ଏହିପରି ଶିକ୍ଷା କ୍ଷେତ୍ରରେ ଉତ୍ସାହିତ କରୁଥିବ? ମୁଁ ଯେତିକି ଜାଣିଛି ଦାଇଶ୍ (ଆଇସିସ୍) ନିଜ ଅନୁଗାମୀମାନଙ୍କୁ ସାଂସାରିକ ଶିକ୍ଷା ଗ୍ରହଣ କରିବା ପାଇଁ ସମ୍ପୂର୍ଣ୍ଣ ରୂପେ ମନା କରିଥାଏ । ତେବେ ଏହା କଣ ଅହେମଦୀୟତ୍‌ର ସତ୍ୟତାର ନିଦର୍ଶନ ନୁହେଁ?

ସେହିପରି ମୋତେ ଏ ଜଲ୍‌ସା ସମୟରେ ଅନୁଷ୍ଠିତ ହୋଇଥିବା ପ୍ରଦର୍ଶନୀ ଗୁଡିକ ମଧ୍ୟ ବହୁତ ପ୍ରଭାବିତ କରିଛି । ପ୍ରତ୍ୟେକ ପ୍ରଦର୍ଶନୀ ଗୋଟିଏ ସ୍ୱତନ୍ତ୍ର ବିଷୟ ଉପରେ ଆଧାରିତ ଥିଲା । କିନ୍ତୁ ସବୁଠାରୁ ବ୍ୟାପକ ରୂପେ ଯେଉଁ ପ୍ରଦର୍ଶନୀ ଲାଗିଥିଲା, ତାହା ଇଶାଅତ୍ ବିଭାଗ ତରଫରୁ ଥିଲା । ସେଥିରେ ଇଂରାଜୀ ଭାଷାରେ ବହୁତ ଗୁଡିଏ ପୁସ୍ତକ ଥିଲା । ଏପରି ପୁସ୍ତକ ମଧ୍ୟ ଥିଲା ଯାହା ମୋ ମାତୃଭାଷା ରଷିଆ ଭାଷାରେ ମଧ୍ୟ ନାହିଁ । ମୁଁ ଦେଖିଲି ଯେ କେତେ ବ୍ୟାପକ ଏ କାର୍ଯ୍ୟ । ପୁସ୍ତକ, ପାମ୍ପ୍‌ଲେଟ୍ ଇତ୍ୟାଦିର ଅନୁବାଦ ଓ ଇଶାଅତ୍ (ପ୍ରକାଶନ) କରିବା । ପବିତ୍ର କୋରାନ୍ ପ୍ରକାଶନର ବିଭାଗ ଏତେ ବ୍ୟାପକ ଅଟେ ଯେ ଯେଉଁଥିପାଇଁ ସମଗ୍ର ଦୁନିଆରୁ ଯମାତ୍ ଅହେମଦୀୟାର ଲୋକେ ଅନୁବାଦ ଓ ମୁଦ୍ରଣ କାର୍ଯ୍ୟରେ ଭାଗ ନେଇଥାନ୍ତି ।

ସେହିପରି ହ୍ୟୁମାନିଟି ଫାର୍ଷ୍ଟର କାର୍ଯ୍ୟ ମଧ୍ୟ ସମଗ୍ର ଦୁନିଆରେ ବହୁତ ବ୍ୟାପକ ରୂପେ ସମ୍ପାଦନ କରାଯାଉଛି । ସେହିପରି ଏମ୍.ଟି.ଏ ଟ୍ରାନ୍‌ସ୍‌ମିଶନ୍, ରେକର୍ଡିଂ ଓ ଅନ୍ୟାନ୍ୟ ପ୍ରୋଗ୍ରାମ୍ ଇତ୍ୟାଦି ମଧ୍ୟ ନିଜର ବ୍ୟାପକତାକୁ ଛୁଇଁପାରିଛି । ଏବଂ ଏଥିରେ ବହୁତ ଗୁଡିଏ ଲୋକ କାମ କରୁଛନ୍ତି । ତେବେ ଏହା କଣ ଅହେମଦୀୟତ୍‌ର ସତ୍ୟତାର ନିଦର୍ଶନ ନୁହେଁ?

ସେହିପରି ମୋତେ ମଜ୍‌ଲିସ୍ ଖୁଦାମୁଲ୍ ଅହେମଦୀୟାର ମିଟିଂ ମଧ୍ୟ ବହୁତ ପସନ୍ଦ ହେଲା, ଯେଉଁଥିରେ ଶହେରୁ ଅଧିକା ଦେଶରୁ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ ଓ ଯେଉଁମାନେ ନିଜ ନିଜର ରିପୋର୍ଟ କାର୍‌ଗୁଜାରି (କର୍ମ ସମ୍ବନ୍ଧୀୟ ରିପୋର୍ଟ) ଉପସ୍ଥାପନ କଲେ ସେମାନଙ୍କ ମଧ୍ୟରୁ କିଛି ବତାଇଲେ ଯେ ସେମାନଙ୍କ ଦେଶରେ ଉନ୍ନତି ମୂଳକ କାର୍ଯ୍ୟ ହେଉଅଛି । ଉଦାହରଣ ସ୍ୱରୂପ ରକ୍ତଦାନ, ଅନାଥମାନଙ୍କୁ ସାହାଯ୍ୟ, ବିଭିନ୍ନ ଫାଉଂଟେସନ୍‌ର ସାହାଯ୍ୟ ନିମନ୍ତେ ଟଙ୍କା ଏକତ୍ରିତ କରିବା ଓ ଓକାରେ ଅମଲ୍ ଇତ୍ୟାଦି । ଏହି ସବୁ କାର୍ଯ୍ୟ ସେ ସବୁ ଦେଶଗୁଡିକରେ ମଧ୍ୟ ହେଉଅଛି ଯେଉଁ ଦେଶଗୁଡିକରେ ଯମାତ୍‌ର ବିରୋଧ ମଧ୍ୟ ହେଉଛି । ସେହିପରି ରିପୋର୍ଟରେ ବତାଗଲା ଯେ ସେଠାରେ ସ୍ପୋର୍ଟ୍‌ସ୍ ରାଲି ଓ ବିଭିନ୍ନ ପ୍ରକାରର ଖେଳ ଅନୁଷ୍ଠିତ ହେଉଛି । ଯେଉଁଠି ଖୁଦ୍ଦାମ୍ ମାନଙ୍କୁ ସମୟ ନଷ୍ଟ କରିବା ପରିବର୍ତେ ଖେଳିବା ପାଇଁ ଅବସର ଦିଆଯାଏ । ତେବେ ଏହା କଣ ଅହେମଦୀୟତ୍‌ର ସତ୍ୟତାର ନିଦର୍ଶନ ନୁହେଁ?

ଏ ଜଲ୍‌ସାରେ ମୁଁ ସବୁତକ ଭାଷଣ ଶୁଣିଛି । କିନ୍ତୁ ମୋତେ ବିଶେଷତ ନିମ୍ନଲିଖିତ ବିଷୟ ଉପରେ ହୋଇଥିବା ଭାଷଣ ଗୁଡିକ ବହୁତ ପ୍ରଭାବିତ କରିଛି । ବାସ୍ତବିକ ଇସ୍‌ଲାମୀୟ ଜିହାଦ୍, ଏହି ଭାଷଣରେ କଲମ ଜିହାଦ୍‌ର ଗୁରୁତ୍ୱ, ଆତ୍ମଘାତି ଆକ୍ରମଣ ଓ ନିରୀହ ମାନଙ୍କୁ ମାରିବା ପରିବର୍ତେ ବାର୍ତାଳାପ ଦ୍ୱାରା ସମସ୍ୟା ସମାଧାନ କରିବାକୁ ଗୁରୁତ୍ୱ ଦିଆଯାଇଛି । ସେହିପରି ବର୍ତମାନ ସମୟରେ ଇସ୍‌ଲାମ୍‌ର ଗୁରୁତ୍ୱପୁର୍ଣ୍ଣ ଭୂମିକା, ଯୁବକମାନଙ୍କ ଭିତରେ ଆପୋଷ ସମ୍ବନ୍ଧ, ସମାଜର ସମସ୍ୟା, ଇଂଟରନେଟ୍‌ର ସମସ୍ୟା, ସୋସିଆଲ୍ ମିଡ଼ିଆ ବର୍ତମାନ ଯୁବପିଢ଼ୀ ଉପରେ ପକାଉଥିବା ପ୍ରଭାବ । ନୂଆ ପିଢ଼ୀର ତର୍‌ବିୟତ ଅଶ୍ଳୀଳ ଛବି ଓ ଦୃଶ୍ୟ ଦେଖିବା ଏବଂ ତାହାର କୁଫଳ ଇତ୍ୟାଦି ବିଷୟ ଗୁଡିକ । ଅର୍ଥାତ୍- ମୋତେ ଏଠାକୁ ଆସିବା ପରେ ଏପରି ଇସ୍‌ଲାମ୍ ମିଳିଛି ଯାହା ବର୍ତମାନ ସମୟରେ ପ୍ରତ୍ୟେକ ସମସ୍ୟାର ସମାଧାନର ଉତର ଦେଇଥାଏ । ନା କେବଳ ସେହି ଇସ୍‌ଲାମ୍ ଯାହା ପୁରୁଣା କାହାଣୀ ଉପରେ ଆଧାରିତ ଅଛି । ଯେପରିକି ଅନ୍ୟସମସ୍ତ ଫିର୍‌କା କେବଳ କିସା କାହାଣୀ ଭିତରେ ସୀମାବଦ୍ଧ ଅଛି । ପୁଣି ହଜୁର୍ ଅନୱରଙ୍କ ଭାଷଣ ଦ୍ୱାରା ମୁଁ ବହୁତ ପ୍ରଭାବିତ ହୋଇଛି ଯେଉଁଥିରେ ଆପଣ କହିଥିଲେ ଯେ ଇସ୍‌ଲାମ୍ ପ୍ରତ୍ୟେକ ଧର୍ମକୁ ସଚ୍ଚା ବୋଲି ବିବେଚିତ କରେ । ଏବଂ ବିଗତ ସମସ୍ତ ଅବତାରମାନଙ୍କୁ ମାନିବା ପାଇଁ ଓ ସେମାନଙ୍କ ସମ୍ମାନ କରିବା ଶିଖାଇଥାଏ । ତେବେ କଣ ଏହା ସବୁ ଯମାତ୍‌ର ସତ୍ୟତାର ନିଦର୍ଶନ ନୁହେଁ?

ଆଲମୀ ବୟତ ମଧ୍ୟ ମୋତେ ବହୁତ ପ୍ରଭାବିତ କରିଛି । ସେ ସମୟରେ ମୋ ଭିତରେ ଯେଉଁ ଭାବନା ଜାଗ୍ରତ ହେଉଥିଲା ତାହାକୁ ବର୍ଣ୍ଣନା କରିବା ପାଇଁ ମୋ ପାଖରେ ଶବ୍ଦ ନାହିଁ । ମୋ ହୃଦୟ କମ୍ପି ଉଠୁଥିଲା ଓ ଆଖିରୁ ଅଶ୍ରୁ ବୋହୁଥିଲା । ମୁଁ ମୋ ଧାଡ଼ିର ଶେଷ ଭାଗରେ ଥିଲି ଏବଂ ମୋ ଆଗରେ ପାଖାପାଖି ଶହେ ଲୋକଥିଲେ । ଏହିଭଳି ମୋଟ ବୋଧ ହୁଏ ଦଶଟି ଧାଡ଼ି ଥିବ । ମୋ ସମ୍ମୁଖରେ ଯୋନାଥନ୍ ସାହେବ୍ ସ୍ଥାନୀୟ ଅଂଗ୍ରେଜ ଲୋକଥିଲେ । ଆମେ ପ୍ରଥମରୁ ଜଣେ ଅନ୍ୟକୁ ଜାଣିଥିଲୁ । ମୋତେ ଏକଥା ଅଧିକ ଉତ୍ସାହିତ କରିଥିଲା ଯେ ସ୍ଥାନୀୟ ଅଂଗ୍ରେଜ ମଧ୍ୟ ଅହେମଦୀୟତ୍‌ରେ ଦାଖଲ ହେଉଛନ୍ତି । ତେବେ କଣ ଏହା ସବୁ ଯମାତ୍‌ର ସତ୍ୟତାର ନିଦର୍ଶନ ନୁହେଁ?

ସେହିପରି ଅତିଥିମାନଙ୍କ ଭାଷଣ ମଧ୍ୟ ମୋତେ ବହୁତ ଭଲ ଲାଗିଲା । ସେମାନଙ୍କ ମଧ୍ୟରୁ କିଛି ପ୍ରତ୍ୟକ୍ଷ ରୂପେ ଷ୍ଟେଜ୍‌ରେ ଆସି ଲୋକମାନଙ୍କୁ ସମ୍ବୋଧନ କଲେ ଏବଂ କିଛି ନିଜର ଭିଡ଼ିଓ ବାର୍ତା ପଠାଇଥିଲେ । ସମସ୍ତ ବକ୍ତାଙ୍କର ଗୋଟିଏ ସ୍ଲୋଗାନ୍ ଥିଲା 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ' ଏହା ପୂର୍ବରୁ ମୁଁ ଭାବୁଥିଲି ଯେ ଏହାର ଅର୍ଥ ହେଉଛି କେବଳ ନିଜ ଭିତରେ ପ୍ରେମ କରିବା ଓ ଏହା ମଧ୍ୟ ଭାବୁଥିଲି ଯେ ଯେଉଁ ଲୋକମାନେ ଖରାପ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ କିପରି ପ୍ରେମ କରାଯାଇପାରିବ । କିନ୍ତୁ ଏବେ ମୋତେ ବୁଝାପଡ଼ିଲା ଯେ ଏହାର ଅର୍ଥ ହେଉଛି ସମାଜକୁ ପ୍ରେମ କରିବା । ଯଦି ଆମେ ସମାଜକୁ ପ୍ରେମ କରିବା ତେବେ ଏ ସମାଜ ଭଲ ଆଡକୁ ଗତି କରିପାରିବ । ଏବଂ ବର୍ତମାନ କେବଳ ଅହେମଦୀୟତ୍‌ର ଶିକ୍ଷା ହିଁ ଅଛି ଯିଏ ଏ ସବୁ କାର୍ଯ୍ୟ କରିପାରିବ । ଅହେମଦୀୟତ୍ ଶାନ୍ତି, ନ୍ୟାୟ, ସଂଖ୍ୟାଲଘୁଙ୍କ ଅଧିକାରକୁ କାଏମ୍ କରିବା, ପୁରା ମାନବ ଜାତି ସହିତ ଉତମ ବ୍ୟବହାର କରିବା । ଏପରିକି 'ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହି' ର ଶିକ୍ଷା ଦେଇଥାଏ । ବାସ୍ତବରେ ଏହି ସ୍ଲୋଗାନ୍ ଅତ୍ୟନ୍ତ ମହାନ୍ ସ୍ଲୋଗାନ୍ ଅଟେ ଏବଂ ଏହି ସ୍ଲୋଗାନ୍ ମଧ୍ୟ ଅହେମଦୀୟତ୍‌ର ସତ୍ୟତାର ଏକ ନିଦର୍ଶନ ଅଟେ ।

ସଂକ୍ଷେପରେ କହିବାକୁ ଗଲେ ଜଲ୍‌ସାର ପ୍ରତିକ୍ଷଣ, ପ୍ରତିମୋଡ, ପ୍ରତିଘଟଣା ମୋ ପାଇଁ ଅହେମଦୀୟତ୍‌ର ସତ୍ୟତାର ନିଦର୍ଶନ ଥିଲା । ମୁଁ ଏହି ବିଶ୍ୱାସରେ ଦୃଢ଼ରୁ ଦୃଢ଼ତର ହୋଇ ଚାଲିଲି । ମୁଁ ମୋର ସମସ୍ତ ଭାଇମାନଙ୍କୁ ଉପଦେଶ ଦେଉଛି ଯେ ସେମାନେ ନିଶ୍ଚିତ ରୂପେ ଏହି ଜଲ୍‌ସାରେ ସାମିଲ୍ ହୁଅନ୍ତୁ ଯଦ୍ୱାରା ଜଲ୍‌ସାର ଆତ୍ମାକୁ ନିଜେ ଅନୁଭବ କରିପାରିବ ।

ଜଲ୍‌ସା ଶେଷ ହେବା ପରେ କିଛି ଲୋକେ ହଦିକତୁଲ୍ ମେହଦୀଠାରେ ଏଣୁତେଣୁ ଘୁରିବାକୁ ଲାଗିଲେ । କିଛି ଲୋକେ ଛିଡ଼ା ହୋଇ କଥାବାର୍ତା ହେଲେ । କିଛି ଲୋକେ ବହୁତ ଖୁସି ଅନୁଭବ କରୁଥିଲେ ଓ ସମସ୍ତେ ଜଣେ ଅନ୍ୟଜଣକ ସହିତ କାନ୍ଧ ମିଳାଉଥିଲା । ଏକତା ଓ ଭାଇଚାରାର ଏହା ଏକ ପ୍ରତୀକ ଥିଲା । ସେ ସମୟରେ ମୁଁ ଜନ୍ନତ୍‌ର ଦୃଶ୍ୟକୁ ଅନୁଭବ କରୁଥିଲି ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ସଦର୍ ଖୁଦାମୁଲ୍ ଅହେମଦୀୟାଙ୍କୁ କହିଲେ ଯେ ବର୍ତମାନ ଆପଣ ସମ୍ପୂର୍ଣ୍ଣ ରୂପେ ଚାର୍ଜ ହୋଇ ଫେରି ଯାଉଛନ୍ତି । ତେଣୁ ନିଜର ଧାର୍ଯ୍ୟ କର୍ତବ୍ୟ ଗୁଡିକୁ ଲଗ୍ନତାର ସହିତ ତୁଲାନ୍ତି ।

କଜାକିସ୍ତାନ୍‌ର ଏହି ପ୍ରତିନିଧି ମଣ୍ଡଳଙ୍କ ସହିତ ସାକ୍ଷାତ୍‌କାର ଦିନ ୧:୫୦ ପର୍ଯ୍ୟନ୍ତ ଜାରି ରହିଲା । ଶେଷରେ ସଦସ୍ୟମାନେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ ।

**ନାଇଜେରିଆ ଓ୍ୱଫଦ୍ ସହିତ ସାକ୍ଷାତ୍‌କାର୍**

ଏହାପରେ ନାଇଜେରିଆ ଦେଶରୁ ଆସିଥିବା ଅତିଥି ମୁସା ଇବ୍ରାହିମ୍ ସାହିବ, ଚିଫ୍ ଅଫ୍ ବୋର୍‌ଗୁ ଏମ୍ପାୟାର୍ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ଗୌରବ ହାସଲ କଲେ । ସେ ଜଲ୍‌ସାସାଲାନାର ଆୟୋଜନ ପ୍ରସଙ୍ଗରେ ନିଜର ଭାବନାକୁ ବ୍ୟକ୍ତ କରି କହିଲେ ଯେ ଏହି ଜଲ୍‌ସାରେ ଶାନ୍ତି ଶୃଙ୍ଖଳା ଓ ଉତ୍ସର୍ଗୀକୃତ ମନୋଭାବର ସ୍ତର ବହୁତ ଉଚ୍ଚ ସ୍ତରକୁ ଛୁଇଁଥିଲା । ଏହା କେବଳ ଯମାତ୍ ଅହେମଦୀୟା ଯିଏ ଇସ୍‌ଲାମ୍‌ର ପ୍ରକୃତ ଓ ସମ୍ପୂର୍ଣ୍ଣ ଚେହେରାକୁ ଉପସ୍ଥାପନ କରୁଅଛି । ଓ ''ମହବତ୍ ସବ୍ କେ ଲିଏ, ନଫ୍‌ରତ୍ କିସି ସେ ନେହିଁ'' ର ବାସ୍ତବିକ ପରିପ୍ରକାଶକୁ ଏହି ଜଲ୍‌ସାରେ ମୁଁ ଦେଖିଲି । ଏହି ଜଲ୍‌ସାରେ ମୋତେ ଉଦାହରଣୀୟ ଅତିଥି ପରାୟଣତା ଦେଖିବାକୁ ମିଳିଲା । ଇସ୍‌ଲାମ୍ ଯେଉଁ ଏକତାର ଶିକ୍ଷା ଦିଏ ତାହା କେବଳ ଯମାତ୍ ଅହେମଦୀୟା ଭିତରେ ଦେଖିବାକୁ ମିଳିଥାଏ । ଅଲ୍ଲାଃତାଲା ଯମାତ୍ ଅହେମଦୀୟାଙ୍କ ଖଲିଫା ଓ ସମସ୍ତ ମୁସଲ୍‌ମାନ୍ ଗୋଷ୍ଠୀଙ୍କୁ ନିଜ କରୁଣା ଓ ଦୟାର ଛତ୍ରଛାୟା ତଳେ ରଖନ୍ତୁ । ସାକ୍ଷାତ୍‌କାର୍‌ର ଶେଷ ଭାଗରେ ସେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟପ୍ରାପ୍ତ କଲେ । ଏହି ସାକ୍ଷାତ୍‌କାର୍ ଦିନ ୨ ଟା ପର୍ଯ୍ୟନ୍ତ ଜାରି ରହିଲା ।

ଅତଃପର ହଜୁର୍ ଅନୁଓ୍ୱର୍ ଅ:ବ:ଅ ମସ୍‌ଜିଦ୍ ଫଜଲ୍ ଠାରେ ପହଂଚି ନମାଜ ଜୋହର୍ ଏବଂ ଅସର ଯମା କରି ପଢ଼ାଇଲେ । ନମାଜ ପାଠ କରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଆବାସସ୍ଥଳୀକୁ ପ୍ରତ୍ୟାବର୍ତନ କଲେ ।

**ଜଣଜଣକିଆ ଓ ଫ୍ୟାମିଲି ଭିତିକ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୫:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ଲୋକମାନେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ୪୩ ଟି ଫ୍ୟାମିଲିରୁ ୨୧୫ ଜଣ ଲୋକ ଏତଦ୍‌ବ୍ୟତୀତ ୨୮ ଜଣ ଲୋକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ମୋଟ ୨୪୩ ଜଣ ଲୋକ ସାକ୍ଷାତ୍ କଲେ ।

ସାକ୍ଷାତ୍ କରିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୫ ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, ଜର୍ମାନୀ, କାନାଡ଼ା, ସାଉଦିଆରବ୍, ଅଷ୍ଟ୍ରେଲିଆ, ସିନିଗାଲ୍, ନରଓ୍ୱେ, ଦୁବାଇ, ଡେନ୍‌ମାର୍କ, ଅବୁଧାବି ୟୁ.କେ, ଇଣ୍ଡିଆ, ସାର୍‌ଝା, ମୋରିସସ୍, ସ୍ୱିଡେନ୍, ବହ୍‌ରଏନ୍, ଜାପାନ, ସୁଇଜର୍‌ଲାଣ୍ଡ, କତର୍, ଘାନା, ଅମାନ୍, ତନ୍‌ଜାନିଆ, ଗାମ୍ବିଆ ଓ ୟୁଗାଣ୍ଡା ।

ଏମାନଙ୍କ ମଧ୍ୟରୁ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ଗୌରବ ହାସଲ କଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଶିକ୍ଷା ହାସଲ୍ କରୁଥିବା ପୁଅ ଓ ଝିଅମାନଙ୍କୁ କଲମ ଉପହାର ଦେଲେ ଓ ଛୋଟ ଛୋଟ ପିଲାମାନଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ଫଜଲ୍ ରେ ପହଂଚି ନମାଜ ମଗ୍‌ରିବ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ତାଙ୍କ ଆବାସସ୍ଥଳୀକୁ ଚାଲିଗଲେ ।

**୩ ଅଗଷ୍ଟ ୨୦୧୭ (ଗୁରୁବାର)**

ଆଜି ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦଫ୍‌ତରି କାର୍ଯ୍ୟ ସମ୍ପାଦନ କରିବା ପାଇଁ ବ୍ୟସ୍ତ ରହିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ଦଫ୍‌ତରି ଡାକ ଗୁଡିକ ଦେଖିଲି ଏବଂ ବିଭିନ୍ନ ବିଷୟରେ ଓ ମାମଲାତ୍ ଉପରେ ଟିପ୍ପଣି ଦେଲେ । ୨ ଟା ବେଳକୁ ହଜୁର୍ ମସ୍‌ଜିଦ୍ ଫଜଲ୍ ଆସି ନମାଜ ଯୋହର୍ ଏବଂ ଅସର ଜମା କରି ପଢ଼ାଇଲେ । ନମାଜ ପାଠ ପରେ ସେ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

**ଜଣଜଣକିଆ ଓ ଫ୍ୟାମିଲିଭିତିକ ସାକ୍ଷାତ୍‌କାର୍**

ପ୍ରୋଗ୍ରାମ୍ ମୁତାବକ ଆଜି ସନ୍ଧ୍ୟା ୫:୧୫ ରେ ବିଭିନ୍ନ ଦେଶରୁ ଆସିଥିବା ଯମାତ୍‌ର ଲୋକମାନେ ଓ ଫ୍ୟାମିଲି ଗୁଡିକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍‌କାର୍ ଆରମ୍ଭ ହେଲା । ଆଜି ୪୮ ଟି ଫ୍ୟାମିଲିରୁ ୨୪୦ ଜଣ ଲୋକ । ଏତଦ୍‌ବ୍ୟତୀତ ଜଣଜଣକିଆ ଆଉ ୨୨ ଜଣ ଲୋକ ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହିପରି ସର୍ବମୋଟ ୨୬୨ ଜଣ ଲୋକ ସାକ୍ଷାତ୍‌କାରର ସୁଯୋଗ ପାଇଲେ ।

ସାକ୍ଷାତ୍ କରିଥିବା ଏହି ଫ୍ୟାମିଲି ଗୁଡିକ ନିମ୍ନଲିଖିତ ୨୩ ଟି ଦେଶରୁ ଆସିଥିଲେ । ପାକିସ୍ତାନ୍, ଆମେରିକା, ସ୍ପେନ୍, ଜର୍ମାନୀ, କାନାଡ଼ା, ସାଉଦିଆରବ୍, ଅଷ୍ଟ୍ରେଲିଆ, ଫ୍ରାନ୍‌ସ୍, ନରଓ୍ୱେ, ଦୁବାଇ, ନାଇଜେରିଆ, ଅବୁଧାବି, ୟୁ.କେ, ଇଣ୍ଡିଆ, ସାର୍‌ଝା, ହଲାଣ୍ଡ, କେନିଆ, ମେସିଡୋନିଆ, ଇଟାଲି, ଜାପାନ, ବଙ୍ଗଳାଦେଶ, ମସ୍‌କଟ୍ ଓ ଘାନା ।

ଏମାନଙ୍କ ଭିତରୁ ସମସ୍ତେ ନିଜ ପ୍ରିୟ ଆକାଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ଶିକ୍ଷା ହାସଲ୍ କରିଥିବା ପୁଅ ଝିଅଙ୍କୁ ହଜୁର କଲମ ଉପହାର ଦେଲେ ଏବଂ ଛୋଟଛୋଟ ପୁଅଝିଅଙ୍କୁ ଚକୋଲେଟ୍ ପ୍ରଦାନ କଲେ ।

ସାକ୍ଷାତ୍‌କାର୍‌ର ଏହି ପ୍ରୋଗ୍ରାମ୍ ସନ୍ଧ୍ୟା ୮:୪୫ ପର୍ଯ୍ୟନ୍ତ ଜାରି ରହିଲା । ଏହାପରେ ହଜୁର୍ ଅନୁଓ୍ୱର୍ ମସ୍‌ଜିଦ୍ ଫଜଲ୍ ରେ ପହଂଚି ନମାଜ ମଗ୍‌ରିବ ଓ ଇଶା ଜମା କରି ପଢ଼ାଇଲେ । ନମାଜ ପାଠ ପରେ ହଜୁର୍ ଅନୁଓ୍ୱର୍ ତାଙ୍କ ଆବାସସ୍ଥଳୀକୁ ଚାଲିଗଲେ ।

**୪ ଅଗଷ୍ଟ ୨୦୧୭ (ଶୁକ୍ରବାର)**

**ଯମାତ୍‌ର ଅମୀର୍ ଓ ସଦରଗଣ, ମୁବଲ୍ଲିଗିନ୍ ଓ ମର୍କଜୀୟ ପ୍ରତିନିଧିମାନଙ୍କ ସହିତ ମିଟିଂ ଏବଂ ହଜୁର୍ ଅନୁଓ୍ୱର୍‌ଙ୍କ ଗୁରୁତ୍ୱପୁର୍ଣ୍ଣ ଉପଦେଶ ।**

ଆଜି ପ୍ରୋଗ୍ରାମ୍ ମୁତାବକ ଜଲ୍‌ସାସାଲାନା ୟୁ.କେ ରେ ସାମିଲ୍ ହୋଇଥିବା ସମସ୍ତ ମୁବଲ୍ଲିଗିନ୍, ମୁରବୀୟାନ୍, ପ୍ରତ୍ୟେକ ଦେଶର ଅମୀର, ନ୍ୟାସ୍‌ନାଲ୍ ସଦର୍ ସାହେବ ଓ ମର୍କଜ କାଦିଆନ୍ ଓ ରବ୍‌ବୁଆ ରୁ ଆସିଥିବା ନାଜେର୍‌ମାନେ, ଓକିଲ ଓ ଅନ୍ୟାନ୍ୟ ଯମାତି ଓ୍ୱହ୍‌ଦାଦାର୍‌ମାନଙ୍କର ହଜୁର୍ ଅନୁଓ୍ୱର୍ ଅ:ବ:ଅ ଙ୍କ ସହିତ ମିଟିଂ ରଖାଯାଇଥଲା ।

ସକାଳେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ନିଜ ଦଫ୍‌ତର୍‌ରେ ବିଭିନ୍ନ ଦଫ୍‌ତରି କାର୍ଯ୍ୟଗୁଡିକ ସମ୍ପାଦନ କରିବାରେ ବ୍ୟସ୍ତ ରହିଲେ । ଦିନ ୧ ଟା ବେଳେ ହଜୁର୍ ମସ୍‌ଜିଦ୍ ବଇତୁଲ୍ ଫତୁହ୍‌ଠାରେ ପହଂଚି ଖୁତ୍‌ବା ଜୁମ୍ମା ପ୍ରଦାନ କଲେ । ଏହାପରେ ନମାଜ ଜୁମ୍ମା ଓ ଅସର ଜମା କରି ପଢ଼ାଇଲେ । ଏହାପରେ ହଜୁର୍ ମସ୍‌ଜିଦ୍ ଫଜଲ୍‌କୁ ପ୍ରତ୍ୟାବର୍ତନ କଲେ ।

ମୁବଲ୍ଲିଗିନ୍‌ଙ୍କ ସହିତ ମିଟିଂର ବ୍ୟବସ୍ଥା ଗେଷ୍ଟ୍ ହାଉସ୍ ନଂ-୪୧ ଓ ୫୩ ର ପଛପଟେ ଟେଂଟ୍ ଲଗାଇ କରାଯାଇଥିଲା । ଏହି ମିଟିଂରେ ୬୭ ଦେଶରୁ ୩୨୧ ଜଣ ମୁବଲ୍ଲିଗିନ୍ ଓ ମୁରବୀୟାନ୍ କରାମ୍, ବିଭିନ୍ନ ଦେଶର ଅମୀର୍‌ମାନେ, ନ୍ୟାସ୍‌ନାଲ୍ ସଦର୍‌ମାନେ ଓ ମର୍କଜୀ ଓ୍ୱହ୍‌ଦାଦାରଗଣ ଯୋଗଦେଲେ । ମହାଦେଶ ଗୁଡିକର ତଫ୍‌ସିଲ୍ ଏହିପରି ।

ଆଫ୍ରିକା ମହାଦେଶର ୧୯ ଟି ଦେଶରୁ ଆସିଥିବା ମୁବଲ୍ଲିଗିନ୍, ଅମୀର୍ ଓ ସଦରମାନେ ସାମିଲ୍ ହୋଇଥିଲେ । ଏହି ଦେଶଗୁଡିକ ହେଉଛନ୍ତି ଘାନା, ସିରିଆଲିଓନ୍, ବେନିନ୍, ବୁର୍କିନାଫାସୋ, ନାଇଜେରିଆ, ଗାମ୍ବିଆ, ଗିନିକନାକରି, ନାଇଜର୍, ଆଇଭରିକୋଷ୍ଟ୍, ସିନିଗାଲ, ତନ୍‌ଜାନିଆ, କେନିଆ, କଙ୍ଗୋ କାଂସାସା, ଟୋଗୋ, ୟୁଗାଣ୍ଡା, ଜିମ୍ବାଓ୍ୱେ, କ୍ୟାମେରୁନ୍, ମୋରିସସ୍ ଏବଂ ବରୁଣ୍ଡି ସାମିଲ୍ ଥିଲେ ।

ୟୁରୋପ ମହାଦେଶର ୧୮ ଟି ଦେଶରୁ ମୁବଲ୍ଲିଗିନ୍ ଓ ପ୍ରତିନିଧିମାନେ ସାମିଲ୍ ହୋଇଥିଲେ । ଏମାନେ ହେଉଛନ୍ତି ଜର୍ମାନୀ, ୟୁ.କେ, ଫ୍ରାନ୍‌ସ, ଆୟର୍‌ଲାଣ୍ଡ, ହଲାଣ୍ଡ, ନରଓ୍ୱେ, ସ୍ୱୀଡେନ୍, ସୁଇଜର୍‌ଲାଣ୍ଡ, ସ୍ପେନ୍, ରୁଷ୍, ବେଲ୍‌ଜିୟମ୍, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ହଙ୍ଗେରୀ, ଆଇସ୍‌ଲାଣ୍ଡ, ମେସିଡୋନିଆ, ପ୍ରୋରୋସିଆ ଓ ୟୁନାନ୍ ।

ମହାଦେଶ ଉତର ଓ ଦକ୍ଷିଣ ଆମେରିକାର ପନ୍ଦରଟି ଦେଶରୁ ପ୍ରତିନିଧି ଯୋଗ ଦେଇଥିଲେ । ସେମାନେ ହେଉଛନ୍ତି ଆମେରିକା, କାନାଡ଼ା, ଗୋଟୋମାଲା, ଗୟାନା, ହେଇଟି, ଫ୍ରାଂଚ୍ ଗୟାନା, ବେଲିଜ୍, ବଲିଭିଆ, ଇକୁଆଡୋର୍, ଜାମାଇକା, ପାରାଗୁଏ, ଉରୁଗୁଏ, ହଣ୍ଡୁରାସ୍, ଆର୍ଜେଂଟାଇନ୍ ଓ ମେକ୍‌ସିକୋ ।

ଏସିଆ ମହାଦେଶରୁ ଇଣ୍ଡିଆ, ପାକିସ୍ତାନ୍, ବଙ୍ଗଳାଦେଶ, ଇଣ୍ଡୋନେସିଆ, ମାଲେସିଆ, କମ୍ବୋଡ଼ିଆ, ଫିଲିପାଇନ୍, ସିଙ୍ଗାପୁର୍, ଜାପାନ୍, ଶ୍ରୀଲଙ୍କା, ଦୁବାଇ ଏବଂ ଅବୁଧାବି ସମେତ ମୋଟ ୧୨ ଟି ଦେଶର ପ୍ରତିନିଧି ଯୋଗ ଦେଇଥିଲେ । ଏତଦ୍‌ବ୍ୟତୀତ ଅଷ୍ଟ୍ରେଲିଆ, ନ୍ୟୁଜ୍‌ଲାଣ୍ଡ, ମାର୍ସଲ୍ ଆଇଲାଣ୍ଡ ଓ ମାଇକ୍ରୋନେସିଆରୁ ଆସିଥିବା ଅମୀର୍ ନ୍ୟାସ୍‌ନାଲ୍ ସଦର ଓ ମୁବଲ୍ଲିଗିନ୍ ସାମିଲ୍ ହୋଇଥିଲେ । ହଜୁର୍ ଅନୁଓ୍ୱର୍ ଅ:ବ:ଅ ୫:୩୦ ରେ ଟେଂଟ୍ ଭିତରେ ପ୍ରବେଶ କଲେ । ପବିତ୍ର କୋରାନ୍‌ର ପାଠ ସହିତ ପ୍ରୋଗ୍ରାମ୍ ଆରମ୍ଭ ହେଲା, ଯାହାକୁ ମୋକରମ୍ ଅବ୍‌ଦୁଲ୍ଲାଃ ଡବ୍‌ବା ସାହେବ୍ ମୁବଲିଗ୍ ସିଲ୍‌ସିଲା ଆମେରିକା ଆବୃତି କଲେ ।

ଏହାପରେ ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଭିନ୍ନ ଦେଶରୁ ଆସିଥିବା ଅମୀର୍ ଓ ମୁବଲ୍ଲିଗିନ୍ କରାମ୍‌ଙ୍କ ଠାରୁ ପଛବର୍ଷ ମିଟିଂ ରେ ଦିଆଯାଇଥିବା ଉପଦେଶଗୁଡିକ ଉପରେ କେତେ କାର୍ଯ୍ୟ କରାଯାଇଛି ତାହା ବିସ୍ତୃତ ରୂପେ ରିପୋର୍ଟ ମାଗିଲେ ଓ ତତ୍ ସହିତ ଆଉକିଛି ଉପଦେଶ ମଧ୍ୟ ଦେଲେ ।

ହଜୁର୍ ଅନୁଓ୍ୱର୍ ଅ:ବ:ଅ ବିଶେଷ ରୂପେ ଆଫ୍ରିକିୟ ଦେଶଗୁଡିକରେ ନୈମୁବାଇନ୍‌ଙ୍କର ଶିକ୍ଷା ଓ ତର୍‌ବିୟତ୍ ଓ ସେମାନଙ୍କୁ ନିଜାମେ ଯମାତ୍‌ର କର୍ମଠ ଅଂଶିଦାର ମନାଇବା ଓ ଯମାତ୍‌ର ମାଲି ନିଜାମ୍‌ରେ ସେମାନଙ୍କୁ ସାମିଲ୍ କରାଇବା ପ୍ରସଙ୍ଗରେ ଅତ୍ୟନ୍ତ ତଫ୍‌ସିଲ୍ ସହିତ ଦେଶର ଅମୀର୍ ଓ ମୁବଲ୍ଲିଗିନ୍ ମାନଙ୍କଠାରୁ ଜଣଜଣ କରି ଜାଏଜା ନେଲେ । ତତ୍‌ସହିତ ଆଉକିଛି ଉପଦେଶ ମଧ୍ୟ ପ୍ରଦାନ କଲେ ।

ହଜୁର୍ ଅନୁଓ୍ୱର୍ ଅମୀର୍ ସାହେବ୍ ଘାନା ଙ୍କୁ କହିଲେ:- ମୁଁ କହିଥିଲି ଯେ ଯଦି କିଏ ଗୋଟିଏ କେଡି ବା ପଚାଶ ପେସେଓ୍ୱା ଦବାକୁ ଚାହାଁନ୍ତି ଓ ଦିଅନ୍ତି ତେବେ ସେମାନଙ୍କୁ ଏହିପରି କୁର୍ବାନୀ କରିବାର ଅଭ୍ୟାସରେ ପକାଇବା ଉଚିତ୍ । ମୁଁ ଜାଣିଛି ସେମାନେ ଗରିବ ଲୋକ, କିନ୍ତୁ ମୁଁ ଦେଖିଛି ଯେ ଗରିବ ଲୋକମାନେ ମଧ୍ୟ କୁର୍‌ବାନୀ କରନ୍ତି । ଯେବେ ମଧ୍ୟ କୌଣସି ଗ୍ୟାଦ୍‌ରିଂ ବା ପ୍ରୋଗ୍ରାମ୍ ହେବ ଓ ସେଥିରେ ଯେତେବେଳେ ମୁଅଲ୍ଲିମ୍‌ମାନେ ଚାନ୍ଦା ଦେବା ପାଇଁ ଆହ୍ୱାନ ଦେଇଥାନ୍ତି ତେବେ ସେମାନେ ଚାନ୍ଦା ଦେଇଥାନ୍ତି । ଆପଣ ସେମାନଙ୍କୁ ଏ ଅଭ୍ୟାସ ପକାନ୍ତୁ ଯେ ସେମାନେ ନିୟମିତ ଭାବେ ବା ଅତି କମ୍‌ରେ

*ଅବଶିଷ୍ଟାଂଶ ପୃଷ୍ଠା-୬ ରେ ଦେଖନ୍ତୁ...*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
The Weekly Qadian BADAR ସାପ୍ତାହିକ ବଦର କାଦିଆନ
Distt: Gurdaspur (Pb.) INDIA Qadian - 143516
Postal Reg. No.GDP-40/2017-2019 Vol.3 Thursday 01 February 2018 Issue No.5

MANAGER
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.300/- (Per Issue:Rs.6/-) (**WEIGHT** - 20-50gms/issue)

## ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଜଲ୍‌ସା ସାଲାନା ବ୍ରିଟେନ୍-୨୦୧୭ ଅବସରରେ କାର୍ଯ୍ୟବ୍ୟସ୍ତତା

## ହଜୁର୍ ଅନୁୱ୍ୱର୍ ଏପରି ଜଣେ ବ୍ୟକ୍ତିବିଶେଷ ଅଟନ୍ତି ଯାହାଙ୍କ ଚେହେରା ଅଲ୍ଲାଃତାଲାଙ୍କ ଜ୍ୟୋତିରେ ଜ୍ୟୋତିର୍ମୟ ଓ ଆଲୋକର ଏକ ସ୍ତମ୍ଭ ଅଟେ ।

## ଇସ୍‌ଲାମ୍ ଯେଉଁ ଏକତାର ଶିକ୍ଷା ଦେଇଛି ତାହା କେବଳ ଯମାତ୍ ଅହେମଦୀୟାରେ ହିଁ ଦେଖିବାକୁ ମିଳେ ।

✶ ମୁଁ ଯମାତ୍ ଅହେମଦୀୟାର ଅଂଶ ହୋଇଥିବାରୁ ଗର୍ବିତ ଓ ଏ ଜମାତ୍ ଦୁନିଆର ଉନ୍ନତି ନିମନ୍ତେ ଶିକ୍ଷା ଉପସ୍ଥାପନ କରେ ଓ ବିଭିନ୍ନ ଉପାୟରେ ମାନବ ଜାତିର ସେବା କରିଥାଏ । ମୋତେ ଜଲ୍‌ସା ସାଲାନା ସମୟରେ ଇସ୍‌ଲାମ୍ ଏବଂ ଯମାତ୍ ବିଷୟରେ ବହୁତ କିଛି ଶିଖିବାକୁ ମିଳିଲା । (ମେକ୍‌ସିକୋ ଦେଶର ଜଣେ ନୂତନ ଅହେମଦୀ ମହିଳା Rosalina Lara Flota ସାହିବା)

✶ ମୁଁ ଯେବେଠାରୁ ଲଣ୍ଡନ ଆସିଛି ପ୍ରେମ ଓ ସ୍ନେହରେ ଘେରି ହୋଇ ରହିଛି ଯେପରି ନିଜ ମା’ ବାପା ଓ କୁଟୁମ୍ବଙ୍କ ଭିତରେ ରହିଥାଏ । ଯେବେ ହଜୁର୍‌ଙ୍କର ଫଟୋ ଦେଖିଲି ସେତେବେଳେ ମୋତେ ବିଶ୍ୱାସ ହୋଇଯାଇଥିଲା ଯେ ହଜୁର୍ ଅନୁୱ୍ୱର୍ ଏପରି ଜଣେ ବ୍ୟକ୍ତିବିଶେଷ ଅଟନ୍ତି ଯାହାଙ୍କ ଚେହେରା ଅଲ୍ଲାଃତାଲାଙ୍କ ଜ୍ୟୋତିରେ ଜ୍ୟୋତିର୍ମୟ ଓ ଏକ ଆଲୋକର ସ୍ତମ୍ଭ ଅଟେ । ଜଲ୍‌ସାସାଲାନାରେ ସାମିଲ୍ ହେବା ଫଳରେ ମୋତେ ଏକଥା ବୁଝା ପଡ଼ିଲା ଯେ ମୁଁ ମୋର ସମ୍ପୂର୍ଣ୍ଣ ଜୀବନ ଅଲ୍ଲାଃତାଲାଙ୍କ ଅନ୍ୱେଷଣରେ କାଟିଦେଲି କିନ୍ତୁ ଅଲ୍ଲାଃତାଲାଙ୍କୁ କେବଳ ଏହିଠାରେ ହିଁ ମୁଁ ପାଇପାରିଲି । ଏ ପୃଥିବୀରେ ଏବେ ଏକ ଆଶାର ସଂଚାର ହୋଇଛି ଓ ଲକ୍ଷ୍ୟ ଲକ୍ଷ୍ୟ ଲୋକଙ୍କର ଗୋଟିଏ ଏପରି ଯମାତ୍ ସୃଷ୍ଟି ହୋଇଯାଇଛି ଯାହାର ଦୃଷ୍ଟାନ୍ତ ମିଳୁନାହିଁ । ଓ ଏ ଯମାତ୍ ନିଜ କାର୍ଯ୍ୟ ଦ୍ୱାରା ପ୍ରତ୍ୟେକ ପ୍ରକାର କଠିନ ବିପତିକୁ ଦୁନିଆରୁ ଦୂର କରିବା ଓ ପବିତ୍ର କରିବା ନିମନ୍ତେ ସବୁ ପ୍ରକାରର କୁର୍‌ବାନୀ ଦେବା ପାଇଁ ପ୍ରସ୍ତୁତ ରହିଛି । ( ତୁର୍କ୍‌ମେନିସ୍ତାନ୍ ର ଜଣେ ଅତିଥି ଅବ୍‌ଦୁର୍ ରଶିଦ୍ ସାହେବ୍)

✶ ଯଦି ଆମେ ଜଲ୍‌ସାର ବ୍ୟବସ୍ଥା ଓ ଆୟୋଜନ ଉପରେ ଦୃଷ୍ଟିନିକ୍ଷେପ କରିବା ତେବେ ସମସ୍ତ ବିଭାଗ ବହୁତ ସୁନ୍ଦର ରୂପେ ନିଜ ନିଜର କାର୍ଯ୍ୟ ସମ୍ପାଦନ କରିଛନ୍ତି । ପ୍ରତ୍ୟେକ କାର୍ଯ୍ୟ ଏତ ଉତମ ଶୈଳୀରେ ସମ୍ପାଦନ ହେଉଥିଲା ଯେ ଦୁନିଆରେ ଏହାର ଦୃଷ୍ଟାନ୍ତ ଦେଖିବାକୁ ମିଳେନାହିଁ । ଜଲ୍‌ସା ସମୟରେ ପ୍ରଦର୍ଶନୀ ଗୁଡିକର ଆୟୋଜନ ମଧ୍ୟ ବହୁତ ପ୍ରଭାବିତ କରିଛି । ମୋତେ ଏଠାରେ ଆସି ଏପରି ଇସ୍‌ଲାମ୍ ପ୍ରାପ୍ତ ହୋଇଛି ଯାହା ବର୍ତମାନ ଯୁଗର ପ୍ରତ୍ୟେକ ସମସ୍ୟା ଓ କଠିନତାର ଉତର ଦେଉଅଛି । ଏହା ପୁରୁଣା ଯୁଗର କାହାଣୀ ଉପରେ ଆଧାରିତ ନୁହେଁ । ଆଲମୀ ବୟତ୍ ମୋତେ ବହୁତ ପ୍ରଭାବିତ କରିଛି । ମୋ ହୃଦୟ କମ୍ପୁଥିଲା ଓ ଆଖିରୁ ଅଶ୍ରୁ ବୋହୁଥିଲା । ଜଲ୍‌ସା ସମୟରେ ପ୍ରତିକ୍ଷଣ ପ୍ରତ୍ୟେକ ମୋଡ, ପ୍ରତ୍ୟେକ ଘଟଣା ମୋ ପାଇଁ ଅହେମଦୀୟତ୍‌ର ସତ୍ୟତାର ଚିହ୍ନ ଥିଲା । (ଦାମିର୍ ସଫିୟୁଲିନ୍ ସାହେବ୍, ସଦର୍ ମଜଲିସ୍, ଖୁଦାମୁଲ୍ ଅହେମଦୀୟା, କଜାକିସ୍ତାନ୍)

✶ ଜଲ୍‌ସାର ଆଇନ୍ ଶୃଙ୍ଖଳା ଓ ଉତ୍ସର୍ଗୀକୃତ ମନୋଭାବର ସ୍ତର ଶେଷ ସୀମାକୁ ଛୁଇଁଥିଲା । ଏହା କେବଳ ଯମାତ୍ ଅହେମଦୀୟା ଅଟେ ଯିଏ ଇସ୍‌ଲାମ୍‌ର ସଠିକ୍ ଓ ସମ୍ପୂର୍ଣ୍ଣ ଚେହେରା ଉପସ୍ଥାପନ କରୁଅଛି । ଏବଂ ‘‘ମହବତ୍ ସବ୍ କେ ଲିଏ, ନଫରତ୍ କିସି ସେ ନେହିଁ’’ ର ବାସ୍ତବିକ ପ୍ରକାଶକୁ ଏହି ଜଲ୍‌ସାରେ ମୁଁ ଦେଖିଲି । ଏ ଜଲ୍‌ସାରେ ମୋତେ ଉଦାହରଣୀୟ ଆତିଥ୍ୟତା ଦେଖିବାକୁ ମିଳିଲା । ଇସ୍‌ଲାମ୍ ଯେଉଁ ଏକତାର ଶିକ୍ଷା ଦେଇଛି ତାହା କେବଳ ଯମାତ୍ ଅହେମଦୀୟାରେ ହିଁ ଦେଖିବାକୁ ମିଳେ । (ମୁସା ଇବ୍ରାହିମ୍ ସାହେବ୍ Chief of Borgu Empire, ନାଇଜେରିଆ)

## ଜଲ୍‌ସା ସାଲାନା ବ୍ରିଟେନ୍‌ରେ ସାମିଲ୍ ହୋଇଥିବା ଅତିଥିଗଣ ହଜୁର୍ ଅନୁୱ୍ୱର୍ ଅ:ବ:ଅ ଙ୍କ ସହିତ ସାକ୍ଷାତ୍ କରିବା ପରେ ସେମାନଙ୍କର ବିଶ୍ୱାସବର୍ଦ୍ଧକ ମନୋଭାବ

*(ରିପୋର୍ଟ:-ଅବ୍‌ଦୁଲ୍ ମାଜିଦ୍ ତାହେର୍, ଏଡ଼ିଶିନାଲ୍ ଓକିଲୁଲ୍ ତବ୍‌ଶିର୍ ଲଣ୍ଡନ୍)*

**(୦୧ ଅଗଷ୍ଟ ୨୦୧୭ ର ବଳକା ଅଂଶ)**

ଗାମ୍ବିୟା ରେଡିଓ ଓ ଟେଲିଭିଜନ୍ ସର୍ଭିସ୍‌ର ପ୍ରତିନିଧି ଇବ୍ରାହିମ୍ ଜାନା ସାହେବ୍ କହିଲେ ଆମେ ଏଠାରେ ଇସ୍‌ଲାମୀୟ ଭାଇଚାରାର ଏକ ମହାନ୍ ନିଦର୍ଶନ ଦେଖିବାକୁ ପାଇଲୁ । ଖଲିଫତୁଲ୍ ମସିହ୍‌ଙ୍କ ଠାରୁ ମୁଁ ଏହା ଜାଣିବା ପାଇଁ ଚାହୁଁଛି ଯେ ଯେଉଁମାନେ ବୟତ୍ କରୁଛନ୍ତି ସେମାନଙ୍କର ସବୁଠାରୁ ବଡ଼ ଗୁରୁ ଦାୟିତ୍ୱ କଣ ଅଟେ ? ଏହି ପ୍ରଶ୍ନର ଉତରରେ ହଜୁର୍ ଅନୁୱ୍ୱର୍ କହିଲେ- ଖିଲାଫତ୍ ହାତରେ ବୟତ୍ କରିବା ବାସ୍ତବରେ ଏ ଯୁଗର ମୁସ୍‌ଲେହ୍‌ଙ୍କ ବୟତ କରିବା ଅଟେ ଯାହାଙ୍କ ଆଁ ହଜ୍‌ରତ୍ ସ:ଆ:ସ ଙ୍କ ଭବିଷ୍ୟବାଣୀ ମୁତାବକ ଅଲ୍ଲାଃ ପ୍ରେରଣ କରିଛନ୍ତି । ଯେପରିକି ମୁଁ ଏବେ କହିସାରିଛି ଯମାତ୍ ଅହେମଦୀୟାର ପ୍ରତିଷ୍ଠାତା କହୁଛନ୍ତି ଯେ ମୁଁ ଦୁଇଟି ଲକ୍ଷ୍ୟ ଉଦ୍ଦେଶ୍ୟ ନେଇ ଆସିଅଛି । ଗୋଟିଏ ହେଉଛି ଏ ମାନବ ଜାତି ନିଜର ସୃଷ୍ଟିକର୍ତାକୁ ଚିହ୍ନିନେଉ, ନିଜ ସୃଷ୍ଟିକର୍ତାଙ୍କ ସହିତ ପ୍ରେମ କରୁ ଓ ତା’ର ଅଧିକାରକୁ ପ୍ରଦାନ କରୁ ଓ ଦ୍ୱିତୀୟଟି ହେଉଛି ଜଣେ ଅନ୍ୟ ଜଣଙ୍କ ଅଧିକାରକୁ ଚିହ୍ନୁ । ଖୁଦାତାଲାଙ୍କ ସୃଷ୍ଟଜଙ୍କର ଅଧିକାରକୁ ପ୍ରଦାନ କରନ୍ତୁ । ତେବେ ବୟତ କରିବା ପରେ ଏହି ଦୁଇଗୋଟି ଦାୟିତ୍ୱ ପ୍ରତ୍ୟେକ ବୟତ କରିଥିବା ବ୍ୟକ୍ତିଙ୍କୁ ତୁଲାଇବାକୁ ହେବ ଅର୍ଥାତ୍ ହୁକୁକୁଲ୍ଲାଃ ଓ ହୁକୁକୁଲ୍ ଇବାଦ୍ (ଅଲ୍ଲାଃତାଲାଙ୍କ ନିମନ୍ତେ କର୍ତବ୍ୟ ଓ ଅଲ୍ଲାଃଙ୍କ ସୃଷ୍ଟଜଙ୍କ ନିମନ୍ତେ ଥିବା ଧାର୍ଯ୍ୟ କର୍ତବ୍ୟ ତୁଲାଇବାକୁ ହେବ)

ପାରାଗୁଏ ରୁ ଆସିଥିବା ଜଣେ ପତ୍ରକାର ପ୍ରଶ୍ନକଲେ ଯେ ଲାଟିନ୍ ଓ ସାଉଥ୍ ଆମେରିକାରେ ଯମାତ୍ ଅହେମଦୀୟାର କଣ ଯୋଜନା ଅଛି । ଏବଂ ଆପଣ କେବେ ଆମ ନିକଟକୁ ଆସିବେ ? ହଜୁର୍ ଅନୁୱ୍ୱର୍ ଅ:ବ:ଅ କହିଲେ- ଯେଉଁଠି ଲକ୍ଷ୍ୟ, ଉଦ୍ଦେଶ୍ୟ ଓ ଯୋଜନାର କଥା ଉଠୁଛି ତାହା ସବୁ ହେଉଛି ସେଗୁଡିକ ଯାହା ମୁଁ ଏବେ ବର୍ଣ୍ଣନା କରିସାରିଛି । ଅର୍ଥାତ୍-ମନୁଷ୍ୟକୁ ଖୁଦାଙ୍କ ନିକଟତର କରାଇବା । ଦ୍ୱିତୀୟତଃ ମନୁଷ୍ୟକୁ ମନୁଷ୍ୟ ସହିତ ନିକଟତର କରାଇବା । ତେବେ ଏହା ହେଉଛି ଲାଟିନ୍ ଆମେରିକୀୟ ନିମନ୍ତେ, ଉତର ଆମେରିକା ନିମନ୍ତେ, ଦକ୍ଷିଣ ଆମେରିକା ନିମନ୍ତେ, ସୁଦୂର ପ୍ରାଚ୍ୟ, ଆଫ୍ରିକା, ୟୁରୋପ, ମଧ୍ୟ ପ୍ରାଚ୍ୟ ଓ ଏସିଆ ଏବଂ ପ୍ରତ୍ୟେକ ସ୍ଥାନର ଲୋକମାନଙ୍କ ନିମନ୍ତେ ଏହା ହିଁ ଲକ୍ଷ୍ୟ ଅଟେ । ପ୍ରଶ୍ନର ଦ୍ୱିତୀୟ ଭାଗ ଅନୁସାରେ ମୋର ଏହା ଆନ୍ତରିକ ଇଛା ଯେ ଯେତେଶିଘ୍ର ହୋଇପାରିବ ମୁଁ ଆପଣଙ୍କ ଦେଶକୁ ଆସିବି ।

ମାସିଡୋନିଆରୁ ଆସିଥିବା ଜଣେ ପତ୍ରକାର କହିଲେ ଯେ ହଜୁର୍ ମୁଁ ମାସିଡୋନିଆରୁ ପ୍ରାନ୍ତିୟ ମିଡ଼ିଆର ପ୍ରତିନିଧିତ୍ୱ କରୁଅଛି । ହଜୁର୍ ଅନୁୱ୍ୱର୍ କହିଲେ ଆପଣ ତ ପୂର୍ବରୁ ମଧ୍ୟ ଆସିଛନ୍ତି । ଏଥିରେ ସେ କହିଲେ ଜି ହଜୁର୍ ! ମୋତେ ଦ୍ୱିତୀୟ ଥର ପାଇଁ ଏହି ଜଲ୍‌ସାରେ ଯୋଗ ଦେବାପାଇଁ ସୁଯୋଗ ମିଳିଛି ।

ପତ୍ରକାର ଜଣକ ପ୍ରଶ୍ନ କଲେ ଯେ ବର୍ତମାନ ଲଣ୍ଡନ୍‌ରେ ସନ୍ତ୍ରାସବାଦର ଯେଉଁ ଆକ୍ରମଣ ହୋଇଥିଲା, ସେଥିରେ ସାଧାରଣ ଲୋକଙ୍କ ରାୟ ଉପରେ ଯେଉଁ ପ୍ରଭାବ ପଡ଼ିଛି, ତା ବିଷୟରେ ଆପଣଙ୍କର କି ପ୍ରକାର

*ଅବଶିଷ୍ଟାଂଶ ପୃଷ୍ଠା-୧୧ ରେ ଦେଖନ୍ତୁ...*

**Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of the Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan**